ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୩/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, June 23/2022 | Page 14 | ₹ 7.00 | ★★★★★★
୪୮ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଅବସର ନେଲେ ରୁମେଲି**
ପୂର୍ବତନ ଭାରତୀୟ ଅଧିନାୟିକା ରୁମେଲି ଧର୍ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି।

୧୪

୧୧

**ଅମ୍ବରଙ୍କ ମୁହଁ ସବୁଠୁ ସୁନ୍ଦର**
ବିଜ୍ଞାନ ଅନୁସାରେ ବିଶ୍ୱରେ ସବୁଠାରୁ ସୁନ୍ଦର ମୁହଁ ହଲିଉଡ୍ ଅଭିନେତ୍ରୀ ଅମ୍ବର ହର୍ଡଙ୍କର।



# ଇସ୍ତଫା ଦେବାକୁ ଉଦ୍ଧବ ପ୍ରସ୍ତୁତ

**ଅଢ଼େଇ ବର୍ଷ ତଳେ ଶିବସେନା ଯେଉଁ ଭାଜପାକୁ ଛାଡ଼ିଦେଇ କଂଗ୍ରେସ ଏବଂ ଏନ୍‌ସିପି ସହ ଏମ୍‌ଭିଏ ଗଠନ ପୂର୍ବକ କ୍ଷମତାର ସ୍ୱାଦ ଚାଖିଥିଲା, ସେହି ଗୈରିକ ଦଳ 'ଅପରେଶନ କମଳ'ରେ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡ଼ି ସରକାରଙ୍କୁ ଧରାଶାୟୀ କରିବାକୁ ଅଣ୍ଟା ଭିଡ଼ିଛି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଏବଂ ଗୁଜରାଟ ଭାଜପା ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ରଘୁନାଥ ପାଟିଲଙ୍କୁ ଏହି ଅପରେଶନର ସୂତ୍ରଧର ବୋଲି କୁହାଯାଉଛି, ଯାହାର ତିଳେ ହେଲେ ସୁରାକ ପାଇପାରି ନ ଥିଲେ ଉଦ୍ଧବ। ନିଜ କ୍ୟାବିନେଟ ସହଯୋଗୀ ଏକନାଥ ସିନ୍ଧେଙ୍କ ବିଦ୍ରୋହ ପରେ ଉଦ୍ଧବ ଏବେ ଉଭୟ ଶିବସେନା ଅଧ୍ୟକ୍ଷ ଓ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଶିବସେନାରେ ସମ୍ଭାବ୍ୟ ବିଭାଜନ ଏବଂ ମହାରାଷ୍ଟ୍ରରେ କ୍ଷମତା ପରିବର୍ତ୍ତନ କେତେ ବାଟ ଆଗଉଛି ତାହା ଆଗାମୀ କିଛି ଘଣ୍ଟା କିମ୍ବା ଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ। ସମ୍ପ୍ରତି କେବଳ ମହାରାଷ୍ଟ୍ର ନୁହେଁ, ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟିକାରୀ ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଉପରେ ଦେଶବାସୀଙ୍କ ଧ୍ୟାନ କେନ୍ଦ୍ରୀଭୂତ ହୋଇଛି।**

## ଶିବସେନାକୁ ଏନ୍‌ସିପି-କଂଗ୍ରେସ ମେଣ୍ଟରୁ ଓହରିବାକୁ ପଡ଼ିବ: ସିନ୍ଧେ

■ **ସରକାରୀ ବାସଭବନ 'ବର୍ଷା' ଛାଡ଼ି 'ମାତୋଶ୍ରୀ'କୁ ଗଲେ ଉଦ୍ଧବ**


ଉଦ୍ଧବ ଠାକ୍‌ରେ

**ମୁମ୍ବାଇ,୨୨।୬**

ଶିବସେନାରେ ବିଦ୍ରୋହ ଦଳର ଅଧ୍ୟକ୍ଷ ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ବିଦ୍ରୋହୀ ନେତା ଏକନାଥ ସିନ୍ଧେ ୪୦ରୁ ଊର୍ଦ୍ଧ୍ୱ ବିଧାୟକଙ୍କ ସମର୍ଥନ ହାସଲ କରିଥିବା ଦାବି ସହ ହିନ୍ଦୁତ୍ୱ ପ୍ରସଙ୍ଗରେ ସାଲିସ କରିବେ ନାହିଁ ବୋଲି ବୁଧବାର ସ୍ପଷ୍ଟ କରିବା ପରେ ଉଦ୍ଧବ ଉଭୟ ଶିବସେନା ଅଧ୍ୟକ୍ଷ ଓ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ ଏହା ପୂର୍ବରୁ ବିଦ୍ରୋହୀମାନଙ୍କୁ ତାଙ୍କ ସାମ୍ନାକୁ ଆସି ପ୍ରତ୍ୟକ୍ଷ ଆଲୋଚନା କରିବାକୁ ପଡ଼ିବ ବୋଲି ସେ ସର୍ତ୍ତ ରଖିଛନ୍ତି। ହେଲେ ଶିବସେନା ଓ ଦଳୀୟ କର୍ମୀଙ୍କୁ ରକ୍ଷା କରିବାକୁ ହେଲେ ଏନ୍‌ସିପି ଏବଂ କଂଗ୍ରେସ ସହ ଗଢ଼ିଥିବା ଅସ୍ୱାଭାବିକ ମେଣ୍ଟରୁ ତୁରନ୍ତ ଓହରିବାକୁ ପଡ଼ିବ ବୋଲି ବିଦ୍ରୋହୀ ନେତା ସିନ୍ଧେ ଉଦ୍ଧବଙ୍କ ବକ୍ତବ୍ୟ ପରେ ଗଣମାଧ୍ୟମକୁ କହିଛନ୍ତି। ଇତିମଧ୍ୟରେ ଉଦ୍ଧବ 'ବର୍ଷା' (ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ) ଛାଡ଼ି 'ମାତୋଶ୍ରୀ' (ନିଜ ଘର)କୁ ଯାଇଛନ୍ତି। ସେ 'ମାତୋଶ୍ରୀ'କୁ ଯିବାବେଳେ ରାସ୍ତାରେ ବହୁ ସଂଖ୍ୟକ ଶିବ ସୈନିକ ଉଦ୍ଧବଙ୍କ ସମର୍ଥନରେ ଶକ୍ତି ପ୍ରଦର୍ଶନ କରିଛନ୍ତି।

ମହାରାଷ୍ଟ୍ରର ସହରାଞ୍ଚଳ ବିକାଶ ଏବଂ ପିଡବ୍ଲ୍ୟୁଡି ମନ୍ତ୍ରୀ ଏକନାଥ ସିନ୍ଧେଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ ମଙ୍ଗଳବାର ଭୋର ସମୟରେ ଗୁଜରାଟର ସୁରଟରେ ଥିବା ଲି ମେରିଡିଏନ୍ ହୋଟେଲରୁ ଆସାମର ଗୁଆହାଟୀକୁ ଯାଇ ସେଠାରେ ଡେରା ପକାଇଛନ୍ତି। ଏସବୁ ଦେଖିବା ପରେ ଉଦ୍ଧବ ଫେସ୍‌ବୁକ୍‌ରେ ଏକ ଆବେଗପୂର୍ଣ୍ଣ ଲାଇଭ୍ ୱେବ୍‌କାଷ୍ଟ କରି ବିଦ୍ରୋହୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ବର୍ତ୍ତମାନ ସ୍ଥିତିରେ ମୋ ନିଜ ଶିବ ସୈନିକମାନେ ମୋତେ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁ ନାହାନ୍ତି। କିନ୍ତୁ ସେମାନେ ସୁରଟ କିମ୍ବା ☞ପୃଷ୍ଠା-୪



# ପୋପ୍ ଫ୍ରାନ୍‌ସିସ୍‌ଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ଓଡ଼ିଶାର ପଟ୍ଟଚିତ୍ର ଉପହାର ଦେଲେ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭାଟିକାନ ସିଟିରେ ପୋପ୍ ଫ୍ରାନ୍‌ସିସଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ନବୀନ ପୋପଙ୍କ ସୁସ୍ଥ ଦୀର୍ଘଜୀବନ କାମନା କରିଛନ୍ତି। ସାକ୍ଷାତ୍ ବେଳେ ସେ ପୋପଙ୍କୁ ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ତରଫରୁ ଉପହାର ଭାବେ ଦେଇଛନ୍ତି ପଟ୍ଟଚିତ୍ର 'ଟ୍ରି ଅଫ୍ ଲାଇଫ୍'। ଏହାର ବାର୍ତ୍ତା ରହିଛି- ଏକା ନୁହେଁ, ଆମେ ଏକାଠି। ପବିତ୍ର ବୃକ୍ଷ ସହ ଜୀବନ ବୃକ୍ଷର ସାମଞ୍ଜସ୍ୟ ରହିଛି। ସମସ୍ତଙ୍କ ସହ ସମସ୍ତଙ୍କର ସମ୍ପର୍କ ରହିଛି ଏହାର ପ୍ରତୀକ। ସଂସ୍କୃତ ଶବ୍ଦ ପଟ୍ଟରୁ ପଟ୍ଟଚିତ୍ର ଉଦ୍ଭବ ହୋଇଛି। ☞ପୃଷ୍ଠା-୪

# ୩୪,୬୧୫ କୋଟିର ବ୍ୟାଙ୍କ ଠକେଇ

■ **ଦେଶରେ ସବୁଠୁ ବଡ଼**
■ **ମାମଲା ରୁଜୁ କଲା ସିବିଆଇ**

**ନୂଆଦିଲ୍ଲୀ,୨୨।୬**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦେୱାନ ହାଉସିଂ ଫାଇନାନ୍ସ ଲିଃ (ଡିଏଚ୍‌ଏଫ୍‌ଏଲ୍)ର ପୂର୍ବତନ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) କପିଳ ୱାଧୱାନ, ନିର୍ଦ୍ଦେଶକ ଧୀରଜ ୱାଧୱାନ ଓ ଅନ୍ୟମାନଙ୍କ ବିରୋଧରେ ୩୪,୬୧୫ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲା ରୁଜୁ କରିଛି। ଏହାକୁ ସିବିଆଇ ତଦନ୍ତାଧୀନ ଭାରତର ସବୁଠୁ ବଡ଼ ବ୍ୟାଙ୍କ ଠକେଇ ବୋଲି କୁହାଯାଉଛି। ୧୭ ଋଣ ପ୍ରଦାନକାରୀ ବ୍ୟାଙ୍କ ଗୋଷ୍ଠୀର ନେତୃତ୍ୱ ନେଉଥିବା ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ପକ୍ଷରୁ ୨୦୧୦ରୁ ୨୦୧୮ ମଧ୍ୟରେ ୪୨,୮୭୧ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। କପିଳ ଓ ଧୀରଜ ୱାଧୱାନ ଉକ୍ତ ଋଣ ଅର୍ଥକୁ ଆତ୍ମସାତ୍ କରିଥିବା ବ୍ୟାଙ୍କ ଅଭିଯୋଗ ଆଣିଛି। ଅଭିଯୁକ୍ତମାନେ ଅର୍ଥ ହେରଫେର କରି ବିଶ୍ୱାସ ଭଙ୍ଗ କରିଛନ୍ତି। ୨୦୧୯ ମେ' ପରଠାରୁ ସେମାନେ ଋଣ ସୁଝି ନ ଥିବାରୁ ମୋଟ ୩୪,୬୧୫ କୋଟି ଟଙ୍କା ଖିଲାପି କରିଥିବା ଏଥିରେ ଦର୍ଶାଯାଇଛି। ଏହି ବ୍ୟାଙ୍କ ଠକେଇ ନେଇ ଦାଏର ଏଫ୍‌ଆଇଆର୍‌ରେ ଅମାରିଲିସ୍ ରିଟେଲର୍ସର ସୁଧାକର ସେଟ୍ଟିଙ୍କ ସହ ଅନ୍ୟ ୮ ଜଣଙ୍କ ନାମ ରହିଛି। ଜୁନ୍ ୨୦ରେ ମାମଲା ରୁଜୁ ହେବା ପରେ ୫୦ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କୁ ନେଇ ସିବିଆଇର ଏକ ଟିମ୍ ବୁଧବାର ଅଭିଯୁକ୍ତମାନଙ୍କ ସହ ଜଡ଼ିତ ମୁମ୍ବାଇର ୧୨ ସ୍ଥାନରେ ☞ପୃଷ୍ଠା-୪

# ହାଇକୋର୍ଟରେ ସମସ୍ତ ମାମଲା ଖାରଜ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ



**କଟକ ଅଫିସ,୨୨।୬**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଲାଗି ରହିଥିବା ସମସ୍ତ ବିବାଦର ଅନ୍ତ ଘଟିଛି । ଏହି ପ୍ରକଳ୍ପକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ସମସ୍ତ ମାମଲା ଉପରେ ବୁଧବାର ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଦାୟର ଜନସ୍ୱାର୍ଥ ମାମଲା ସହ ଅନ୍ୟ ସମସ୍ତ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ପୂର୍ବରୁ ଏ ସଂକ୍ରାନ୍ତୀୟ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିସାରିଛନ୍ତି। ପରିକ୍ରମା ପ୍ରକଳ୍ପ ସମ୍ପର୍କିତ ଆବେଦନକୁ ଜନସ୍ୱାର୍ଥ ମାମଲା କୁହାଯାଇ ପାରିବନାହିଁ। ତେଣୁ ମୂଳ ମାମଲା ସହିତ ଅନ୍ୟ ସମସ୍ତ ☞ପୃଷ୍ଠା-୪

## ୩ ଇଣ୍ଡିଆନ୍ ରିଜର୍ଭ ବାଟାଲିଅନ୍ ପାଇଁ ୬୬୩ ପଦବୀକୁ ମଞ୍ଜୁରୀ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୩ଟି ଇଣ୍ଡିଆନ୍ ରିଜର୍ଭ ବାଟାଲିଅନ (ଆଇ ଆର ବାଟାଲିଅନ) ପାଇଁ ୬୬୩ ପଦବୀକୁ ମଞ୍ଜୁର କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ରିଜର୍ଭ ବାଟାଲିଅନ ପାଇଁ ୨୨୧ ପଦବୀ ସୃଷ୍ଟି କରାଯାଇଛି। ଏହି ନୂତନ ପଦବୀଗୁଡ଼ିକ ହେଲା ଡେପୁଟି କମାଣ୍ଡାଣ୍ଟ-୧, ହାବିଲଦାର ମେଜର-୧୮, ହାବିଲଦାର-୨୩, କନ୍‌ଷ୍ଟେବଲ-୧୫୪, ଇନ୍ସପେକ୍ଟର (ଡବ୍ଲ୍ୟୁଟି)-୧, ସବ୍‌ଇନ୍ସପେକ୍ଟର (ଡବ୍ଲ୍ୟୁଟି)-୨, ହାବିଲଦାର (ଡବ୍ଲ୍ୟୁଟି)-୪, କନ୍‌ଷ୍ଟେବଲ (ଡବ୍ଲ୍ୟୁଟି)-୧୩, ହେଡ୍ କ୍ଲର୍କ-୧, ମେଡିକାଲ ଅଫିସର-୧, ଫାର୍ମାସିଷ୍ଟ-୨ ଓ ଷ୍ଟାଫ୍ ନର୍ସ-୧ । ଏହିପରି ପ୍ରତ୍ୟେକ ବାଟାଲିଅନରେ ୨୨୧ ଜଣ କର୍ମଚାରୀ ଓ ଅଧିକାରୀ ନିୟୋଜିତ ହେବେ। ଏଥିସହିତ ପ୍ରତ୍ୟେକ ବାଟାଲିଅନରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଆଣବିକ ନିରସ୍ତ୍ରୀକରଣ ଚିନ୍ତା**

# ଦ୍ରୌପଦୀଙ୍କୁ ସମର୍ଥନ ପାଇଁ ନବୀନଙ୍କ ଆହ୍ୱାନ

■ **ସବୁ ଦଳକୁ ନିବେଦନ କଲେ ମୁଖ୍ୟମନ୍ତ୍ରୀ**
■ **ହାଇକମାଣ୍ଡ ନିଷ୍ପତ୍ତି ମାନିବେ କଂଗ୍ରେସ ବିଧାୟକ**
■ **ମୁର୍ମୁଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା**
■ **୨୪ରେ ନାମାଙ୍କନ ଦାଖଲ କରିବେ**


ଦ୍ରୌପଦୀ ମୁର୍ମୁ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ବିଜେଡି ସମର୍ଥନ ଘୋଷଣା କରିଛି। ଏଥିସହିତ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ମୁର୍ମୁଙ୍କୁ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ ଜରିଆରେ ନିବେଦନ କରିଛନ୍ତି। ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ସର୍ବସମ୍ମତି କ୍ରମେ ମୁର୍ମୁଙ୍କୁ ସମର୍ଥନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ମୟୂରଭଞ୍ଜ ଝିଅ ମୁର୍ମୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ହେବା ପରେ ଓଡ଼ିଆଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଖୁସି ପ୍ରକାଶ କରିଛନ୍ତି। ସେ ଟୁଇଟ୍ କରି ଲେଖିଥିଲେ, ଦେଶର ସର୍ବୋଚ୍ଚ ପଦବୀ ପାଇଁ ଏନ୍‌ଡିଏ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କୁ ମୋର ଶୁଭେଚ୍ଛା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ମୋ ସହ ଆଲୋଚନା କରିବା ବେଳେ ବହୁତ ଖୁସି ହୋଇଥିଲି। ମୋର ବିଶ୍ୱାସ ମୁର୍ମୁ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସାରା ଦେଶରେ ନୂଆ ଉଦାହରଣ ସୃଷ୍ଟି କରିବେ। ମୁଖ୍ୟମନ୍ତ୍ରୀ ସମସ୍ତ ବିଧାୟକଙ୍କୁ ସମର୍ଥନ କରିବାକୁ ଆହ୍ୱାନ କରିଥିଲେ ମଧ୍ୟ ରାଜ୍ୟ କଂଗ୍ରେସ ବିଧାୟକମାନେ ଦଳୀୟ ହାଇକମାଣ୍ଡଙ୍କ ଇସାରାରେ କାମ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ କଟକ ଓ ବାରବାଟୀ ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ଦଳର ଆମେ ଜଣେ ଜଣେ ସଦସ୍ୟ। ଦଳୀୟ ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ଆମେ ତାହାକୁ ମାନିବୁ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ ଦ୍ରୌପଦୀ ମୁର୍ମୁ ଏନ୍‌ଡିଏ ପ୍ରାର୍ଥୀ। ଆମ ଦଳର ନିଷ୍ପତ୍ତି ଯାହା ହେବ ଆମେ ତାକୁ ମାନିବୁ। ବିଧାୟକ ଦଳ ବୈଠକ ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ☞ପୃଷ୍ଠା-୪

# ଆଫଗାନିସ୍ତାନରେ ଭୂକମ୍ପ: ହଜାରେ ମୃତ

■ **୧୫ ଶହ ଆହତ, ୧୮ଶହ ଘର ନଷ୍ଟ**
■ **ଅନ୍ତର୍ଜାତୀୟ ସହାୟତା ଲୋଡ଼ିଲା ତାଲିବାନ୍**

**କାବୁଲ, ୨୨।୬**

ଆଫଗାନିସ୍ତାନର ପାକ୍ତିକା ପ୍ରଦେଶରେ ବୁଧବାର ବଡ଼ ଧରଣର ଭୂମିକମ୍ପ ହୋଇଛି। ଏଥିରେ ହଜାରେରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ ଶହରୁ ଅଧିକ ଆହତ ହୋଇଛନ୍ତି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୫.୯ ଥିଲା ବୋଲି ଜଣାପଡ଼ିଛି। ୨୦ ବର୍ଷରେ ଆଫଗାନିସ୍ତାନରେ ଏହା ସବୁଠାରୁ ଭୟଙ୍କର ଭୂକମ୍ପ। କେବଳ ଗ୍ୟାନ୍ ଜିଲାରେ ୧୮ଶହରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ଭଗ୍ନାବଶେଷ ତଳେ ଅନେକେ ଚାପିହୋଇ ରହିଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଥିବା ଆଫ୍‌ଗାନ୍ ସୁପ୍ରିମ ଲିଡର ହିବାତୁଲ୍ଲା ଅଖୁନ୍ଦଜାଦା କହିଛନ୍ତି। ଆଫଗାନିସ୍ତାନକୁ ତାଲିବାନ୍ ଗତ ବର୍ଷ ଅଗଷ୍ଟରେ ଦଖଲ କରିବା ପରେ ଆମେରିକା ସୈନ୍ୟଙ୍କ ସମେତ ଅନ୍ତର୍ଜାତୀୟ ସହାୟତା ଏଜେନ୍ସିଗୁଡ଼ିକ ଦେଶ ଛାଡ଼ି ଦେଇଥିବାରୁ ସେଠାରେ ଉଦ୍ଧାର କାର୍ଯ୍ୟ କଷ୍ଟକର ହୋଇଛି। ତାଲିବାନ୍ ସୈନ୍ୟ ଲୋକଙ୍କ ସହାୟତାରେ ଉଦ୍ଧାର କାମ ଜାରି ରଖିଥିବାବେଳେ ଗୋଟିଏ ପରେ ଗୋଟିଏ ମୃତଦେହ ମିଳୁଥିବା ପାକ୍ତିକାର ସୂଚନା ଓ ସଂସ୍କୃତି ବିଭାଗ ମୁଖ୍ୟ ମହମ୍ମଦ ଅମିନ୍ ହୁଜାଇଫା କହିଛନ୍ତି। ଆହତଙ୍କୁ ସେନା ହେଲିକପ୍ଟରରେ ଉଦ୍ଧାର କରାଯାଉଥିବା ଦେଖିବାକୁ ମିଳିଛି।

ପଡ଼ୋଶୀ ପାକିସ୍ତାନର ପାଣିପାଗ ବିଭାଗ ସୂଚନା ଅନୁସାରେ, ଆଫଗାନ୍‌ର ଦକ୍ଷିଣ ପଶ୍ଚିମ ସହର ଖୋଷ୍ଟଠାରୁ ପ୍ରାୟ ୫୦ କିଲୋମିଟର ଦୂର ପାକ୍ତିକା ପ୍ରଦେଶରେ ଭୂମିକମ୍ପର କେନ୍ଦ୍ରସ୍ଥଳ ସୃଷ୍ଟି ହୋଇଥିଲା। ଏହାର ପ୍ରଭାବ ପାକିସ୍ତାନରେ ମଧ୍ୟ ଅନୁଭୂତ ହୋଇଛି। ପେଶାୱର, ଇସ୍‌ଲାମାବାଦ, ଲାହୋର ସମେତ ପଞ୍ଜାବ ଓ ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶର ବିଭିନ୍ନ ସ୍ଥାନରେ ୬.୧ ତୀବ୍ରତାର ଭୂମିକମ୍ପ ହୋଇଛି। ତେବେ ଭୂକମ୍ପ ଯୋଗୁ ଆଫଗାନିସ୍ତାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷକରି ଦୁର୍ବଳ ମାନର ଘରଗୁଡ଼ିକ ଭାଙ୍ଗି ନଷ୍ଟ ହୋଇଯାଇଛି। ଖୋଷ୍ଟ ସହରରେ ମଧ୍ୟ ଭୂକମ୍ପଜନିତ କ୍ଷୟକ୍ଷତି ଘଟିଛି। ହେଲିକପ୍ଟର ଓ ଅନ୍ୟ ଜରୁରୀ ଉପକରଣର ଅଭାବ ଯୋଗୁ ଲୋକଙ୍କୁ ଯଥେଷ୍ଟ ସହାୟତା ମିଳିପାରୁନାହିଁ। ସରକାର ନିଜ ଦକ୍ଷତା ଅନୁସାରେ କାମ କରୁଛି ବୋଲି ତାଲିବାନୀ ଅଧିକାରୀ ଅନାସ୍ ହକ୍କାନୀ କହିଛନ୍ତି। ଏଥିସହ ସେ ଅନ୍ତର୍ଜାତୀୟ ସମୁଦାୟ ଏବଂ ସହାୟତା ଏଜେନ୍ସିଗୁଡ଼ିକ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ମହମ୍ମଦ ହାସନ୍ ଅଖୁନ୍ଦ କାବୁଲସ୍ଥିତ ରାଷ୍ଟ୍ରପତି ଭବନରେ ଜରୁରୀ ବୈଠକ ଡାକି ରିଲିଫ୍ କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜାତିସଂଘ ଏବଂ ୟୁରୋପୀୟ ୟୁନିୟନ (ଇୟୁ) ଆଫଗାନିସ୍ତାନକୁ ସହାୟତା ପ୍ରଦାନ କରିଛନ୍ତି। ଇୟୁ ପ୍ରଭାବିତ ☞ପୃଷ୍ଠା-୪


ଖୋଷ୍ଟ ସହରରେ ଭୂକମ୍ପ ପରେ ଧ୍ୱଂସାବଶେଷ

## ବିଜୟ୍ ବାବୁଙ୍କୁ ଅଗ୍ରିମ ଜାମିନ

ମାଲାୟାଲମ ଫିଲ୍ମ ଅଭିନେତା ତଥା ପ୍ରଯୋଜକ ବିଜୟ୍ ବାବୁଙ୍କୁ କେରଳ ହାଇକୋର୍ଟ ବୁଧବାର ଅଗ୍ରିମ ଜାମିନ ପ୍ରଦାନ କରିଛନ୍ତି। ମାମଲା ସଂକ୍ରାନ୍ତରେ ଆସନ୍ତା ୨୭ରୁ ଜୁଲାଇ ୩ ପର୍ଯ୍ୟନ୍ତ ପଚରାଉଚରା ଜାରି ରହିବାକୁ ଥିବାବେଳେ ପୋଲିସ ଷ୍ଟେଶନରେ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୨୨ରେ ଜଣେ ମାଲାୟାଲମ ଅଭିନେତ୍ରୀ କୋଝିକୋଡେ ପୋଲିସ ଷ୍ଟେଶନରେ ବିଜୟଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିଥିଲେ।



## ରିଆଙ୍କ ବିରୋଧରେ ଚାର୍ଜଶିଟ୍

### ସୁଶାନ୍ତଙ୍କ ପାଇଁ ଡ୍ରଗ୍ସ କିଣୁଥିଲେ: ଏନ୍‌ସିବି

**ମୁମ୍ବାଇ,୨୨।୬:** ବଲିଉଡ୍ ଷ୍ଟାର ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ସହ ଜଡ଼ିତ ଏକ ଡ୍ରଗ୍ସ ମାମଲାରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ବୁଧବାର ଚାର୍ଜଶିଟ୍ ଦାଖଲ କରିଛି। ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ଓ ତାଙ୍କ ଭାଇ ସୌଭିକ୍‌ଙ୍କ ବିରୋଧରେ ଏକ ସ୍ୱତନ୍ତ୍ର ଅଦାଲତରେ ଏହା ଦାଖଲ କରାଯାଇଛି। ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ଅତୁଲ ସରପାଣ୍ଡେ କହିଛନ୍ତି, ରିଆ ଓ ସୌଭିକ୍ ଡ୍ରଗ୍ସ ସେବନ କରୁଥିଲେ। ଏତିକି ନୁହେଁ, ଭଉଣୀଭାଇ ସୁଶାନ୍ତଙ୍କ ପାଇଁ ମଧ୍ୟ ଡ୍ରଗ୍ସ କିଣି ନିଜେ ଅର୍ଥ ପଇଠ କରୁଥିଲେ। ବୁଧବାର ସ୍ୱତନ୍ତ୍ର ବିଚାରପତି ଭିଜି ରଘୁବଂଶୀଙ୍କ କୋର୍ଟରେ ଚାର୍ଜଶିଟ୍ ଦାଖଲ ବେଳେ ଉଭୟେ ହାଜର ହୋଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୨ରେ ହେବ। ପ୍ରକାଶ ଯେ, ଏହି ମାମଲାରେ ରିଆଙ୍କୁ ୨୦୨୦ ସେପ୍ଟେମ୍ବରରେ ଗିରଫ କରାଯାଇଥିଲା। ମାସେ ପରେ ବମ୍ବେ ହାଇକୋର୍ଟ ତାଙ୍କୁ ଜାମିନ ଦେଇଥିଲେ।



ଇକ୍ୟୁଏଡର ରାଷ୍ଟ୍ରପତି ଗୁଇଲେର୍ମୋ ଲାସୋଙ୍କ ସାମାଜିକ ଏବଂ ଆର୍ଥିକ ନୀତି ବିରୋଧରେ ଆଦିବାସୀ ବିକ୍ଷୋଭକାରୀମାନେ ରାଜଧାନୀ କୁଇଟୋ ଅଭିମୁଖେ ଯାଇଥିବା ରାସ୍ତା ଉପରେ ଜଳାପୋଡ଼ା କରିଛନ୍ତି। ଦେଶରେ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟ ପାଇଁ ରାଷ୍ଟ୍ରପତିଙ୍କୁ ଦାୟୀ କରି ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ ଚାଲିଛି।

# ୫୬ ବର୍ଷରେ ୪ ଥର ବିଦ୍ରୋହ



ବାଲାସାହେବ ଠାକ୍‌ରେ



ଛଗନ ଭୁଜବଳ



ନାରାୟଣ ରାଣେ



ରାଜ ଠାକ୍‌ରେ

**ମୁମ୍ବାଇ,୨୨।୬**

କ୍ୟାଡରଭିତ୍ତିକ ଦଳ, ନେତୃତ୍ୱ ପ୍ରତି ପ୍ରବଳ ଆନୁଗତ୍ୟ। ତଥାପି ଚାରି ଚାରି ଥର ବିଦ୍ରୋହକୁ ସମ୍ମୁଖୀନ କରିଛି ଶିବସେନା। ତହିଁରୁ ୩ ଥର ବିଦ୍ରୋହ କେବଳ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ଅମଳରେ ହୋଇଥିଲା। ବାଲ୍ ଠାକ୍‌ରେ କେବେ କ୍ଷମତାରେ ନ ଥିଲେ। କିନ୍ତୁ ଏବେ ତାଙ୍କ ପୁଅ ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ସଦ୍ୟ ବିଦ୍ରୋହୀ ସାଜିଛନ୍ତି କ୍ୟାବିନେଟ୍ ମନ୍ତ୍ରୀ ଏକନାଥ ସିନ୍ଦେ। ଏହାକୁ ହିନ୍ଦୁତ୍ୱବାଦୀ ଦଳ ପାଇଁ ସବୁଠୁ ବଡ଼ ଝଟ୍‌କା ବୋଲି ବିବେଚନା କରାଯାଉଛି।

ଶିବସେନାର ୫୬ ବର୍ଷର ଇତିହାସରେ ଏପରି ବିଦ୍ରୋହ ଦେଖିବାକୁ ମିଳି ନ ଥିଲା। ପୂର୍ବରୁ ଶିବସେନା କ୍ଷମତାରେ ନ ଥିବାବେଳେ ୩ ଥର ବିଦ୍ରୋହ ହୋଇଥିବାବେଳେ ମଙ୍ଗଳବାର ବରିଷ୍ଠ ନେତା ଏକନାଥ ସିନ୍ଦେ ଶିବସେନାର ଅଧିକାଂଶ ବିଧାୟକଙ୍କୁ ଧରି ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କଠାରୁ ଅଲଗା ହୋଇଛନ୍ତି। ତାଙ୍କର ଏହି ବିଦ୍ରୋହ କ୍ଷମତାସୀନ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ପାଇଁ ସଙ୍କଟ ସୃଷ୍ଟି କରିଛି। ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ନିର୍ବାଚନର ଫଳାଫଳ ଆସିବା ପରେ ସୋମବାର ମଧ୍ୟରାତ୍ରିରେ ଆରମ୍ଭ ହୋଇଥିବା ସିନ୍ଦେଙ୍କ ବିଦ୍ରୋହ ଉଦ୍ଧବଙ୍କ ହାତରୁ କ୍ଷମତା ଛଡ଼ାଇନେବାର ସମ୍ଭାବନା ବହନ କରେ। ମହାରାଷ୍ଟ୍ରର ଗ୍ରାମାଞ୍ଚଳରେ ଶିବସେନାର ସାଙ୍ଗଠନିକ ଦକ୍ଷତା ବୃଦ୍ଧି କରିଥିବା ଓବିସି ଚେହେରା ଛଗନ ଭୁଜବଳ ୧୯୯୧ରେ ବିଦ୍ରୋହ କରି ଅଲଗା ବାଟରେ ଚାଲିବାକୁ ନିଷ୍ପତ୍ତି ନେଇଥିଲେ। ଯାହା କାମ କଲେ ବି ଶିବସେନା କୌଣସି ସଫଳତାର ଶ୍ରେୟ ତାଙ୍କୁ ଦେଇ ନ ଥିବା ଦର୍ଶାଇ ସେ ଦଳ ତ୍ୟାଗ କରିଥିଲେ। ରାଜ୍ୟର ବିଭିନ୍ନ ଭାଗରେ ଶିବସେନା ପ୍ରାର୍ଥୀମାନଙ୍କ ପାଇଁ ସେ ସଫଳତା ଆଣିଦେବା ସତ୍ତ୍ୱେ ବାଲ୍ ଠାକ୍‌ରେ ବିଧାନସଭାର ବିରୋଧୀ ଦଳ ନେତା ଭାବେ ମନୋହର ଜୋଷୀଙ୍କୁ ବାଛିଥିଲେ।

ନାଗପୁରରେ ପରବର୍ତ୍ତୀ ଶୀତ ଅଧିବେଶନ ବେଳେ ଭୁଜବଳଙ୍କ ସହ ୧୮ ଶିବସେନା ବିଧାୟକ ଦଳ ଛାଡ଼ି ତତ୍କାଳୀନ ଶାସକ କଂଗ୍ରେସକୁ ସମର୍ଥନ ଘୋଷଣା କରିଥିଲେ। କିନ୍ତୁ ୧୨ ବିଦ୍ରୋହୀ ବିଧାୟକ ସେହି ଦିନ ଶିବସେନାକୁ ପୁଣି ଫେରିଯାଇଥିଲେ। ଭୁଜବଳ ଓ ଅନ୍ୟ ବିଦ୍ରୋହୀ ବିଧାୟକଙ୍କୁ ବାଚସ୍ପତି ଏକ ଭିନ୍ନ ଗୋଷ୍ଠୀ ରୂପେ ସ୍ୱୀକୃତି ପ୍ରଦାନ କରିଥିଲେ। ଫଳରେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଅସନ୍ତୁଷ୍ଟଙ୍କ ପ୍ରତି ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରୁଥିବା ଶିବସେନା କର୍ମୀମାନେ ଭୁଜବଳଙ୍କ ମୁମ୍ବାଇ ଅଫିସରେ ଆକ୍ରମଣ କରିଥିଲେ।

ଭୁଜବଳ ୧୯୯୫ ବିଧାନସଭା ନିର୍ବାଚନ ବେଳେ ମୁମ୍ବାଇରୁ ଶିବସେନା ପ୍ରାର୍ଥୀ ବାଲା ନନ୍ଦଗାଁଓକରଙ୍କଠାରୁ ପରାଜିତ ହୋଇ ନାସିକ ଜିଲାକୁ ଚାଲିଯାଇଥିଲେ। ୧୯୯୯ରେ ଶରଦ ପାୱାର କଂଗ୍ରେସ ଛାଡ଼ି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଗଠନ କରିବା ପରେ ଏହି ପୁରୁଖା ନେତା ତହିଁରେ ଯୋଗଦେଇଥିଲେ। ୭୪ ବର୍ଷୀୟ ଭୁଜବଳ ଏବେ ଏମ୍‌ଭିଏ ସରକାରରେ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି। ୨୦୦୫ରେ ଶିବସେନାକୁ ଆଉ ଏକ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡ଼ିଥିଲା, ଯେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନାରାୟଣ ରାଣେ ଦଳ ଛାଡ଼ି କଂଗ୍ରେସର ହାତ ଧରିଥିଲେ। ସେ ପରବର୍ତ୍ତୀ ସମୟରେ କଂଗ୍ରେସ ତ୍ୟାଗ କରି ଭାଜପା ଟିକେଟରେ ରାଜ୍ୟ ସଭାକୁ ଯାଇଥିଲେ। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରରେ ତାଙ୍କୁ ମନ୍ତ୍ରୀ କରାଯାଇଛି। ଶିବସେନାକୁ ପରବର୍ତ୍ତୀ ଝଟ୍‌କା ସେତେବେଳେ ଲାଗିଥିଲା ଯେତେବେଳେ ୨୦୦୬ରେ ଉଦ୍ଧବଙ୍କ ଦାଦା ପୁଅ ଭାଇ ରାଜ ଠାକ୍‌ରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ନାମରେ ଏକ ଦଳ ଗଠନ କଲେ। ସେହି ସମୟରେ ରାଜ ଠାକ୍‌ରେ କହିଥିଲେ, ତାଙ୍କ ଲଢ଼େଇ ଶିବସେନା ନେତୃତ୍ୱ ସହ ନୁହେଁ, ବରଂ ଅନ୍ୟ ଶୀର୍ଷ ନେତାଙ୍କୁ ଘେରି ରହିଥିବା ଅନ୍ୟ ନେତାମାନଙ୍କ ବିରୋଧରେ। ୨୦୦୯ ନିର୍ବାଚନରେ ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନ ମଧ୍ୟରୁ ଏମ୍‌ଏନ୍‌ଏସ୍ ୧୩ଟିରେ ସଫଳତା ହାସଲ କରିପାରିଥିଲା।

ବର୍ତ୍ତମାନ ଶିବସେନାକୁ ଆଉ ଏକ ବିଦ୍ରୋହ ଦେଖିବାକୁ ପଡ଼ିଛି, ୪ ଥର ବିଧାୟକ ହୋଇଥିବା ଠାଣେ ଜିଲାର ଲୋକପ୍ରିୟ ନେତା ଏକନାଥ ସିନ୍ଦେଙ୍କ ପଟୁ। ଧର୍ମବୀର ଆନନ୍ଦ ଦିଘେଙ୍କୁ ନିଜ ରାଜନୈତିକ ଗୁରୁ ତଥା ଆଦର୍ଶ ମାନୁଥିବା ସିନ୍ଦେଙ୍କ ସହ ଅଧିକ ବିଧାୟକ ଥିବାରୁ ତାଙ୍କ ବିଦ୍ରୋହ ଉଦ୍ଧବଙ୍କୁ କ୍ଷମତାଚ୍ୟୁତ କରିପାରେ। ସମୟକ୍ରମେ ଶିବସୈନିକଙ୍କ ଆଶା ଆକାଂକ୍ଷା ବଢ଼ିବାରେ ଲାଗିଛି। ସେଗୁଡ଼ିକୁ ପୂରଣ ନ କଲେ ଆଗକୁ ମଧ୍ୟ ଏଭଳି ବିଦ୍ରୋହ ଦେଖିବାକୁ ମିଳିପାରେ। ବିଧାନସଭାରେ ବର୍ତ୍ତମାନ ଶିବସେନାର ୫୫, ଏନ୍‌ସିପିର ୫୩ ଓ କଂଗ୍ରେସର ୪୪ ବିଧାୟକଙ୍କୁ ନେଇ ମହା ବିକାଶ ଅଘାଡ଼ି ସରକାର ଗଠନ ହୋଇଛି। ବିରୋଧୀ ବିରୋଧୀ ଭାଜପା ୧୦୬ ଆସନ ଦଖଲ କରିଛି। ଦଳବଦଳ ଆଇନ ବଳରେ ଅଯୋଗ୍ୟ ଘୋଷଣାରୁ ବର୍ତ୍ତିବା ପାଇଁ ସିନ୍ଦେଙ୍କୁ ୩୭ ବିଧାୟକଙ୍କ ସମର୍ଥନ ଜରୁରୀ। କିନ୍ତୁ ଏହି ବିଦ୍ରୋହୀ ନେତା ତାଙ୍କ ସହ ୪୬ ବିଧାୟକ ଥିବା ଦାବି କରୁଛନ୍ତି।

> ଶିବସେନାକୁ ହିନ୍ଦୁତ୍ୱ ପାଇଁ ଭାଜପା ସହ ମେଣ୍ଟ କରିବାକୁ ପଡ଼ିବ। ଗତ ଅଢ଼େଇ ବର୍ଷରେ ମହାବିକାଶ ଅଘାଡ଼ି ସରକାର କେବଳ ଏହାର ସହଯୋଗୀଙ୍କୁ ଲାଭ ଦେଇ ଶିବସେନା କର୍ମୀଙ୍କ କ୍ଷତି ସାଧନ କରିଛି। ସହଯୋଗୀ ଦଳଗୁଡ଼ିକର ଶକ୍ତି ବୃଦ୍ଧି ଘଟିଥିବାବେଳେ ଶିବସେନା ନଷ୍ଟ ହେବାରେ ଲାଗିଛି। ଦଳ ଓ ଦଳୀୟ କର୍ମୀଙ୍କୁ ରକ୍ଷା କରିବାକୁ ହେଲେ ଏନ୍‌ସିପି ଏବଂ କଂଗ୍ରେସ ସହ ଗଢ଼ିଥିବା ଅସ୍ୱାଭାବିକ ମେଣ୍ଟରୁ ଶିବସେନାକୁ ତୁରନ୍ତ ଓହରିବାକୁ ପଡ଼ିବ। ମହାରାଷ୍ଟ୍ରର ମଙ୍ଗଳ ପାଇଁ ବର୍ତ୍ତମାନ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଜରୁରୀ।
>
> **-ଏକନାଥ ସିନ୍ଦେ, ଶିବସେନାର ବିଦ୍ରୋହୀ ନେତା**



## ସଂକ୍ଷେପରେ

### ୟୁପିରେ ବୁଲ୍‌ଡୋଜର ଆକ୍ସନ ବେଆଇନ

#### ସିଜେଆଇଙ୍କୁ ଚିଠି ଲେଖିଲେ ପୂର୍ବତନ ଅଧିକାରୀ

**ନୂଆଦିଲ୍ଲୀ, ୨୨।୬:** ପ୍ରଫେଟ୍ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ହିଂସାତ୍ମକ ପ୍ରଦର୍ଶନ ପରେ ଉତ୍ତରପ୍ରଦେଶ ସରକାର ବେଆଇନ ଭାବେ ବୁଲ୍‌ଡୋଜର ଚଲାଇ ବିକ୍ଷୋଭକାରୀଙ୍କ ଘର ଭାଙ୍ଗିଛନ୍ତି। ତେଣୁ ସୁପ୍ରିମକୋର୍ଟ ଏ ନେଇ ନିଜ ଆଡୁ ମାମଲାର ବିଚାର କରିବାକୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀମାନେ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ଚିଠି ଲେଖିଛନ୍ତି। କନ୍‌ଷ୍ଟିଚ୍ୟୁଶନାଲ କଣ୍ଡକ୍ଟ ଗ୍ରୁପ୍ (ସିସିଜି) ପକ୍ଷରୁ ସୋମବାର ସିଜେଆଇଙ୍କୁ ଏହି ଚିଠି ପଠାଯାଇଛି। ଏଥିରେ ଏଏସ୍ ଦୁଲାଟ୍, ୱାଜାହତ୍ ହବିବୁଲ୍ଲା, ଟି. କେ. ଏ. ନାୟାରଙ୍କ ସମେତ ୯୦ ଜଣ ବିଶିଷ୍ଟ ବ୍ୟକ୍ତି ଦସ୍ତଖତ କରିଛନ୍ତି। ଯଦି ନ୍ୟାୟପାଳିକା ଏଥିରେ ହସ୍ତକ୍ଷେପ ନ କରନ୍ତି ତେବେ ଦେଶରେ ସମ୍ବିଧାନର ଶାସନ ଭୁଶୁଡ଼ିପଡ଼ିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ କାନପୁର ଓ ପ୍ରୟାଗରାଜରେ ଭଙ୍ଗାଯାଇଥିବା ଘରଗୁଡ଼ିକ ବେଆଇନ ଭାବେ ନିର୍ମାଣ କରାଯାଇଥିଲା। ତେଣୁ ଆଇନ ଅନୁସାରେ ସେଗୁଡ଼ିକୁ ଉଚ୍ଛେଦ କରାଯାଇଛି। ପ୍ରଫେଟ ମହମ୍ମଦଙ୍କ ଉପରେ ମନ୍ତବ୍ୟକୁ କେନ୍ଦ୍ରକରି ହୋଇଥିବା ହିଂସାକାଣ୍ଡର ଅଭିଯୁକ୍ତଙ୍କ ସହ ଏହାର କୌଣସି ସମ୍ପର୍କ ନ ଥିବା ୟୁପି ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି।

### ୨୬ରୁ ୨୮ ପ୍ରଧାନମନ୍ତ୍ରୀଙ୍କ ଜର୍ମାନୀ, ୟୁଏଇ ଗସ୍ତ

**ନୂଆଦିଲ୍ଲୀ, ୨୨।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି-୭ ସମ୍ମିଳନୀ ପାଇଁ ଜୁନ୍ ୨୬ରେ ଜର୍ମାନୀ ଗସ୍ତ କରିବେ। ଜୁନ୍ ୨୮ରେ ପ୍ରଧାନମନ୍ତ୍ରୀ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଯିବେ। ଜର୍ମାନୀରେ ଆୟୋଜିତ ହେବାକୁ ଥିବା ଜି-୭ ସମ୍ମିଳନୀରେ ମୋଦି ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ଲିଙ୍ଗଗତ ସମାନତା, ଗଣତନ୍ତ୍ର ଆଦି ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଅନ୍ତର୍ଜାତୀୟ ସହଯୋଗ ବୃଦ୍ଧି ପାଇଁ ଭାରତ ସମେତ ଆର୍ଜେଣ୍ଟିନା, ଇଣ୍ଡୋନେସିଆ, ସେନେଗାଲ, ଦକ୍ଷିଣ ଆଫ୍ରିକା ଆଦି ଗଣତାନ୍ତ୍ରିକ ଦେଶକୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ଜି-୭ ସମ୍ମିଳନୀ ପରେ ପ୍ରଧାନମନ୍ତ୍ରୀ ମୋଦି ୟୁଏଇ ଗସ୍ତ କରି ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଶେଖ ଖଲିଫା ବିନ୍ ଜାୟେଦ୍ ଅଲ୍ ନହୟାନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ୨୮ ତାରିଖରେ ହିଁ ମୋଦି ନୂଆଦିଲ୍ଲୀ ଅଭିମୁଖେ ବାହାରିବେ।

## ଅଯୋଗ୍ୟ ଘୋଷିତ ବିଧାୟକଙ୍କୁ ଦିଆ ନ ଯାଉ ଲଢ଼ିବା ସୁଯୋଗ

### ସୁପ୍ରିମକୋର୍ଟରେ ପିଟିଶନ

**ନୂଆଦିଲ୍ଲୀ, ୨୨।୬**

ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ଜାରି ରହିଥିବାବେଳେ ସୁପ୍ରିମକୋର୍ଟରେ ଏକ ପୁରୁଣା ମାମଲା ଉପରେ ବୁଧବାର ପିଟିଶନ ଦାଖଲ କରାଯାଇଛି। ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ଅଯୋଗ୍ୟ ଘୋଷିତ କିମ୍ବା ନିଜେ ଇସ୍ତଫା ଦେଇଥିବା ବିଧାୟକଙ୍କ ପ୍ରତିଦ୍ୱନ୍ଦ୍ୱିତା ଉପରେ ୫ ବର୍ଷ ପର୍ଯ୍ୟନ୍ତ କଟକଣା ଲାଗୁ କରାଇବା ପାଇଁ ଏଥିରେ ନିବେଦନ କରାଯାଇଛି।

ମଧ୍ୟପ୍ରଦେଶର କଂଗ୍ରେସ ନେତା ଜୟା ଠାକୁର ୨୦୨୧ରେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ମହାରାଷ୍ଟ୍ରର ସଦ୍ୟ ରାଜନୈତିକ ଘଟଣାକ୍ରମ ପରେ ସେ ପୁନର୍ବାର ତାଙ୍କ ଆବେଦନର ବିଚାର ପାଇଁ ଅନୁରୋଧ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ମହାରାଷ୍ଟ୍ରରେ ୨୦୨୨ ଜୁନ୍ ୧୮ରୁ ୨୨ ତାରିଖ ମଧ୍ୟରେ ସମାନ ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଛି। ଦେଶର ସାମ୍ବିଧାନିକ ମୂଲ୍ୟବୋଧକୁ ଏହି ରାଜନୈତିକ ଦଳଗୁଡ଼ିକ ପୁଣି ନଷ୍ଟ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ତେଣୁ ତାଙ୍କ ଆବେଦନର ଦ୍ରୁତ ବିଚାର କରାଯାଉ ବୋଲି ସେ ଅନୁରୋଧ କରିଛନ୍ତି। ତାଙ୍କ ମତରେ ସମ୍ବିଧାନର ଦଶମ ପରିଚ୍ଛେଦ ଅନୁଯାୟୀ, ଗୃହର ଜଣେ ସଦସ୍ୟ ଅଯୋଗ୍ୟ ଘୋଷିତ ହେଲେ ସେ ନିର୍ବାଚିତ ହୋଇଥିବା ଅବଧି ମଧ୍ୟରେ ତାଙ୍କୁ ପୁନଃ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ଦିଆଯିବା ଅନୁଚିତ। ଉକ୍ତ ପିଟିଶନରେ ଜୟା ୨୦୧୯ର କର୍ଣ୍ଣାଟକ ପଲିଟିକାଲ ହାଇଡ୍ରାମା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେହି ସମୟରେ ଶାସକ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ଏବଂ କଂଗ୍ରେସର ୧୭ ବିଧାୟକ ଇସ୍ତଫା ଦେବା ପରେ ଏଚ୍. ଡି. କୁମାରସ୍ୱାମୀଙ୍କ ସରକାର ଭାଙ୍ଗି ଯାଇଥିଲା। ତତ୍କାଳୀନ ବାଚସ୍ପତି ରମେଶ କୁମାର ବିଧାୟକମାନଙ୍କୁ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଅଯୋଗ୍ୟ ଘୋଷଣା କରିଥିଲେ। ସେହି ବିଧାୟକଙ୍କ ମଧ୍ୟରୁ ୧୧ ଜଣ ଉପନିର୍ବାଚନରେ ପୁଣି ଲଢ଼ି ବିଧାନସଭାକୁ ଆସିଥିଲେ। ୧୧ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କୁ ବି. ଏସ୍. ୟେଦୁରପ୍ପା ସରକାରଙ୍କ କ୍ୟାବିନେଟ୍‌ରେ ମନ୍ତ୍ରୀ ପଦ ମିଳିଥିଲା।

## ପାକ୍ ପଞ୍ଜାବରେ ଏମରଜେନ୍ସି

### ବଢୁଛି ବଳାତ୍କାର ମାମଲା

**ଇସଲାମାବାଦ୍,୨୨।୬**

ପାକିସ୍ତାନ ପଞ୍ଜାବ ପ୍ରଦେଶରେ ବଳାତ୍କାର ମାମଲା ବୃଦ୍ଧି ପାଇବାରୁ ସ୍ଥାନୀୟ ପ୍ରଶାସନ ଜରୁରିକାଳୀନ ସ୍ଥିତି ଲାଗୁ କରିବା ନେଇ ନିଷ୍ପତ୍ତି ନେଇଛି। ପଞ୍ଜାବ ସୂଚନା ବିଭାଗ ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଅନୁସାରେ, ଗତ ୬ ମାସ ଭିତରେ ମୋଟ ୨,୪୩୯ ଜଣ ମହିଳା ବଳାତ୍କାରର ଶିକାର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯୦ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଲାହୋରରେ ମୋଟ ୪୦୦ ଜଣଙ୍କୁ ବଳାତ୍କାର କରାଯାଇଥିବାବେଳେ ୨,୩୦୦ ଜଣଙ୍କୁ ଅପହରଣ କରାଯାଇଛି। ପାକିସ୍ତାନରେ ଦୈନିକ ୧୧ ବଳାତ୍କାର ମାମଲା ସାମ୍ନାକୁ ଆସୁଛି। ତେବେ ଗତ ୬ ବର୍ଷ ମଧ୍ୟରେ ମୋଟ ୨୨ ହଜାର ମାମଲା ଥାନାରେ ଦାଖଲ ହୋଇଥିବା ରାଷ୍ଟ୍ର ମାନବାଧିକାର କମିଶନର ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟରେ କୁହାଯାଇଛି। ଦୋଷୀମାନଙ୍କୁ ଦଣ୍ଡ ଦିଆଯାଉ ନ ଥିବା କାରଣରୁ ଦିନକୁ ଦିନ ବଳାତ୍କାର ମାମଲା କମିବା ବଦଳରେ ବଢ଼ିବାରେ ଲାଗିଛି।

## ୟୁକ୍ରେନ୍ ସାମ୍ବାଦିକ, ସୈନ୍ୟଙ୍କୁ ହତ୍ୟା

**କିଭ୍, ୨୨।୬**

ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର ଖବର ସଂଗ୍ରହ କରୁଥିବା ଜଣେ ୟୁକ୍ରେନୀୟ ଏବଂ ତାଙ୍କୁ ସୁରକ୍ଷା ଦେଉଥିବା ଜଣେ ସୈନ୍ୟଙ୍କୁ ହତ୍ୟା କରାଯାଇଛି। ଏ ନେଇ ପ୍ରେସ୍ ଫ୍ରିଡମ୍ ଗ୍ରୁପ୍ 'ରିପୋର୍ଟର୍ସ ୱିଦ୍‌ଆଉଟ୍ ବର୍ଡର୍ସ' ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଫଟୋ ଜର୍ନାଲିଷ୍ଟ ମାକ୍ସ ଲେଭିନ୍ କିଭ୍‌ରେ ତାଙ୍କ ହଜିଯାଇଥିବା କ୍ୟାମେରା ଡ୍ରୋନ୍ ଖୋଜୁଥିବାବେଳେ ୟୁକ୍ରେନ୍ ସୈନ୍ୟ ଓଲେକ୍‌ସି ଚେର୍ନିଶୋଭ୍ ତାଙ୍କୁ ସହାୟତା କରୁଥିଲେ। ହେଲେ ସେମାନଙ୍କ ଆଉ ପତ୍ତା ମିଳି ନ ଥିଲା।



ମାକ୍ସ ଲେଭିନ୍

ପ୍ରେସ୍ ଫ୍ରିଡମ୍ ଗ୍ରୁପ୍ ପକ୍ଷରୁ ଯାଇଥିବା ତଦନ୍ତକାରୀ ଟିମ୍ ଏପ୍ରିଲ ୧ରେ ଉଭୟଙ୍କ ମୃତଦେହ ସେଠାରୁ ଠାବ କରିଥିଲେ। ସେମାନଙ୍କ ଉପରକୁ ରୁଷୀୟ ସୈନ୍ୟ ଗୁଳି ଚଳାଇଥିଲେ। ଏଥିରେ କ୍ଷତିଗ୍ରସ୍ତ ହୋଇଥିବା ସେମାନଙ୍କ କାର୍‌ରେ ୧୪ଟି ବୁଲେଟ୍ କଣା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରୁ କିଛି ଖାଦ୍ୟ ସାମଗ୍ରୀ ଓ ଅଧାଜଳା ସିଗାରେଟ୍ ମଧ୍ୟ ମିଳିଛି। ରୁଷିଆ ସୈନ୍ୟମାନେ ସେଠାରେ ଏସବୁ ସାମଗ୍ରୀ ଛାଡ଼ିଥିବା ଉକ୍ତ ଗ୍ରୁପ୍ ପକ୍ଷରୁ କୁହାଯାଇଛି। ସେଠାରୁ ଲେଭିନ୍ ଓ ଚେର୍ନିଶୋଭ୍‌ଙ୍କ ପରିଚୟ ପତ୍ର, ବୁଲେଟପ୍ରୁଫ୍ ପୋଷାକ, ହେଲମେଟ ଆଦି ମିଳିଛି। ଚେର୍ନିଶୋଭଙ୍କ ଅର୍ଦ୍ଧଦଗ୍ଧ ଶରୀର ନିକଟରୁ ଗ୍ୟାସୋଲିନ୍ କ୍ୟାନ୍ ମଧ୍ୟ ଜବତ ହୋଇଛି।

## ଖର୍କିଭ୍‌ରେ ରକେଟ ବର୍ଷା: ୨୦ ମୃତ

**ଖର୍କିଭ୍, ୨୨।୬**

ୟୁକ୍ରେନ୍‌ର ଦ୍ୱିତୀୟ ବୃହତ୍ତମ ସହର ଖର୍କିଭ ଏବଂ ଏହାର ଆଖପାଖ ଅଞ୍ଚଳରେ ରୁଷିଆ ଏକାଧିକ ରକେଟ୍ ମାଡ଼ କରିଛି। ଏଥିରେ ଅନ୍ୟୁନ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା କିଭ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣରେ ସୀମାଠାରୁ ମାତ୍ର ୮ କି.ମି. ଦୂରରେ ଥିବା ରୁଷିଆର ଏକ ତୈଳ ରିଫାଇନେରିରେ ନିଆଁ ଲାଗିଯାଇଛି। ମଙ୍ଗଳବାରଠାରୁ ରୁଷିଆ ଖର୍କିଭ ଉପରେ କ୍ରମାଗତ ରକେଟ ମାଡ଼ ଜାରି ରଖିଛି। ଫଳରେ ସ୍ୱାଭାବିକ ଜୀବନ ଆରମ୍ଭ ପାଇଁ ସେଠାକୁ ଫେରିଥିବା ୟୁକ୍ରେନ୍ ନାଗରିକଙ୍କ ପାଇଁ ପୁଣି ସମସ୍ୟା ବଢ଼ିଛି।

## ଇସ୍ରାଏଲରେ ରାଜନୈତିକ ସଙ୍କଟ

### ପାର୍ଲାମେଣ୍ଟ ଭଙ୍ଗ ପ୍ରସ୍ତାବ ପାରିତ

**ଜେରୁଜେଲମ, ୨୨।୬:** ଇସ୍ରାଏଲରେ ପ୍ରଧାନମନ୍ତ୍ରୀ ନାଫଟାଲି ବେନେଟଙ୍କ ସରକାର ସଂଖ୍ୟାଲଘୁ ହେବା ପରେ ସେଠାରେ ପୁଣି ରାଜନୈତିକ ସଙ୍କଟ ଦେଖାଦେଇଛି। ବେନେଟଙ୍କ ମେଣ୍ଟ ସରକାର ଭାଙ୍ଗିବା ନିମନ୍ତେ ବୁଧବାର ଇସ୍ରାଏଲ ପାର୍ଲାମେଣ୍ଟ ନିସେଟ୍‌ରେ ଏକ ବିଲ୍ ପାରିତ ହୋଇଛି। ସଂସଦ ଭଙ୍ଗ ସପକ୍ଷରେ ନିସେଟ୍‌ର ୧୨୦ ସଦସ୍ୟଙ୍କ ମଧ୍ୟରୁ ୧୧୦ ଜଣ ଭୋଟ ଦେଇଛନ୍ତି। ଅନ୍ତିମ ପର୍ଯ୍ୟାୟ ଭୋଟ



ନେଫଟାଲି ବେନେଟ ଯେର ଲ୍ୟାପିଡ୍

ଆସନ୍ତା ସପ୍ତାହରେ ଅନୁଷ୍ଠିତ ହେବ। ପାର୍ଲାମେଣ୍ଟରେ ପାସ୍ ହେବା ପରେ ଖୁବ୍‌ଶୀଘ୍ର ସେଠାରେ ନିର୍ବାଚନ ହେବ। ନେଫଟାଲି ସରକାର ଭାଙ୍ଗିବା ପରେ ମାତ୍ର ୩ ବର୍ଷରେ ଇସ୍ରାଏଲରେ ୫ମ ନିର୍ବାଚନ ହେବାକୁ ଯାଉଛି। ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ନ ହେବା ପର୍ଯ୍ୟନ୍ତ ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ୟେର ଲ୍ୟାପିଡ୍ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇବେ। ଆସନ୍ତା ଅକ୍ଟୋବରରେ ଇସ୍ରାଏଲରେ ନିର୍ବାଚନ ହୋଇପାରେ।

୮ ଦଳକୁ ନେଇ ଗଠିତ ଐତିହାସିକ ମେଣ୍ଟ ଦ୍ୱାରା ନାଫଟାଲି ପୂର୍ବତନ ରାଷ୍ଟ୍ରପତି ବେଞ୍ଜାମିନ୍ ନେତ୍ୟାନାହୁଙ୍କୁ ପଦରୁ ହଟାଇ ୨୦୨୧ ଜୁନ୍‌ରେ ସରକାର ଗଢ଼ିଥିଲେ। ୱେଷ୍ଟ ବ୍ୟାଙ୍କ ବିବାଦ, ପାଲେଷ୍ଟାଇନ ପ୍ରସଙ୍ଗରେ ସରକାରଙ୍କ ନୀତିକୁ ବିରୋଧ କରି ୟାମିନା ପାର୍ଟି ଗତ ଏପ୍ରିଲରେ ମେଣ୍ଟରୁ ଓହରି ଯାଇଥିଲା। ଫଳରେ ନାଫଟାଲିଙ୍କ ସରକାର ସଂଖ୍ୟାଲଘୁ ପାଲଟିଥିଲା। ପ୍ରଧାନମନ୍ତ୍ରୀ ହେବାର ବର୍ଷକ ପରେ ନାଫଟାଲି ପାର୍ଲାମେଣ୍ଟ ଭାଙ୍ଗି ପୁନଃ ନିର୍ବାଚନ ନିମନ୍ତେ ଘୋଷଣା କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୬୧,୨୭,୭୯୪ | ୬୩,୪୪,୨୧୯ | ୫୨,୧୯,୦୦,୨୦୧ |
| ଭାରତ | ୪,୩୩,୩୪,୬୫୭ | ୫,୨୪,୯୦୩ | ୪,୨୭,୨୫,୦୫୫ |
| ଓଡ଼ିଶା | ୧୨,୮୮,୯୯୫ | ୯୧୨୬(+୫୩) | ୧୨,୭୯,୫୩୫ |

ବୁଧବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ବଜ୍ରପାତ ନେଲା ୯ ଜୀବନ

**ଢେଙ୍କିକୋଟ/ବିଶୋଇ/ ପଦ୍ମପୁର/ ବନ୍ତଲା/ ଛେଣ୍ଡିପଦା/ କାଳିଆପାଣି, ୨୨।୬ (ଡି.ଏନ.ଏ.):** ରାଜ୍ୟର ବିଭିନ୍ନ ସ୍ଥାନରେ ବୁଧବାର ବଜ୍ରପାତ ଘଟି ୯ ଜଣଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନ ସାନ୍ତରାପୁର ପଞ୍ଚାୟତର ଟେଣ୍ଟେଇଟାଙ୍ଗର ସାହିରେ ବଜ୍ରପାତ ହେବାରୁ ମୀନତି ମୁଣ୍ଡା (୩୨), ହୀରା ମୁଣ୍ଡା (୬୫)ଙ୍କ ମୃତ୍ୟୁ ହୋଇଥିଲା। ଦୁହେଁ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ମଣଦା ଗ୍ରାମର ସୁଶାନ୍ତ ଗିରି (୪୭) ଏବଂ ଜଲେ ପିଙ୍ଗୁଆ (୬୪) ବଜ୍ରପାତରେ ଟଳି ପଡ଼ିଛନ୍ତି। ସୁଶାନ୍ତ ନଦୀରୁ ଗାଧୋଇ ଏବଂ ଜଲେ ପିଙ୍ଗୁଆ ଚାଷ କାର୍ଯ୍ୟ ସାରି ବିଲରୁ ଫେରୁଥିବା ବେଳେ ବଜ୍ରପାତ ଘଟିଥିଲା। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତ ଦୋହରାସାହିର ଚାଷୀ ଦାନବୀର ମାଝିଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ବିଲରୁ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ପରିବାର ଲୋକେ ତାଙ୍କୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅନୁଗୋଳ ଜିଲରେ ବଜ୍ରପାତ ଘଟି ୨ ଚାଷୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବନ୍ତଲା ଥାନା ଧୋକୁଟା ପଞ୍ଚାୟତ ଗୋପାଳପୁର ଗ୍ରାମର ଗନ୍ଧର୍ବ ବେହେରା (୫୭) ଓ ଛେଣ୍ଡିପଦା ଥାନା କୋଶଳା ଗ୍ରାମ ମେଡିକାଲ ଛକସାହିର ସଞ୍ଜୟ ବେହେରା (୩୮)। ଗନ୍ଧର୍ବ ଗୋରୁ ଚରାଇ ଘରକୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗନ୍ଧର୍ବଙ୍କ ପରିବାର ପକ୍ଷରୁ ଏ ନେଇ ବନ୍ତଲା ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ମୃତଦେହ ଜବତ କରିଛି। ସେହିପରି ଛେଣ୍ଡିପଦା ଥାନା କୋଶଳା ଗ୍ରାମର ସଞ୍ଜୟ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଯାଜପୁର ଜିଲାରେ ବଜ୍ରପାତ ଘଟି ୨ଜଣଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ସୁକିନ୍ଦା ଅଞ୍ଚଳରେ ଝଡ଼ବର୍ଷା ହୋଇଥିଲା। ବିରିଗଡ଼ା ଗ୍ରାମର ଜଙ୍ଗା ମୁଣ୍ଡାଙ୍କ ପୁଅ ଆକାଶ ମୁଣ୍ଡା (୧୪) ଛେଳି ଚରାଉଥିବାବେଳେ ବଜ୍ରପାତ ହୋଇଥିଲା। ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁକିନ୍ଦା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସେହିପରି ସୁକିନ୍ଦା ଥାନା ଅନ୍ତର୍ଗତ ପଳାଶଖଳିର ରଘୁନାଥ ସଏଙ୍କ ସ୍ତ୍ରୀ ଶାନ୍ତି ସଏଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ସେ ବିଲରୁ ଫେରୁଥିବା ସମୟରେ ବଜ୍ରପାତ ହୋଇଥିଲା। ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ନଂ.୧୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଉଭୟ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଗୁରୁବାର ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବ ବୋଲି ଉପଆରକ୍ଷୀ ଅଧୀକ୍ଷକ ହରିଶ ଚନ୍ଦ୍ର ସିଂ ସୂଚନା ଦେଇଛନ୍ତି।



# ବଳାତ୍କାର ଅଭିଯୁକ୍ତଙ୍କୁ ଯାବଜ୍ଜୀବନ କାରାଦଣ୍ଡ

**କଟକ ଅଫିସ,୨୨।୬:** ଜଣେ ୬ବର୍ଷୀୟା ଶିଶୁଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଯାବଜ୍ଜୀବନ କାରାଦଣ୍ଡାଦେଶ ହୋଇଛି। ଏଥିସହିତ ୧୦ହଜାର ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ବିଚାରପତି ସୁବାସ କୁମାର ବିହାରୀ ମାମଲାର ଶୁଣାଣି କରି ଅଭିଯୁକ୍ତ ମାୟାଧର ପୂର୍ତ୍ତିଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେବା ସହ ପୀଡ଼ିତାଙ୍କୁ ସହାୟତା ରାଶି ବାବଦକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ କଟକ ଚୌଦ୍ୱାର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଅଞ୍ଚଳରେ ପୀଡ଼ିତା ଶିଶୁଙ୍କ ପରିବାର ରୁହନ୍ତି। ଅଭିଯୁକ୍ତ ମାୟାଧର ମଧ୍ୟ ସ୍ଥାନୀୟ ଅଞ୍ଚଳର। ୨୦୧୮ ସେପ୍ଟେମ୍ବର ୧୪ ରାତି ପ୍ରାୟ ୭ଟାରେ ପୀଡ଼ିତା ଘର ନିକଟ ଗଣେଶ ପେଣ୍ଡାଲ ପାଖରେ ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ ଅଭିଯୁକ୍ତ ମାୟାଧର ତାଙ୍କୁ ଉଠାଇ ନେଇ ନିକଟସ୍ଥ ଜଙ୍ଗଲ ଆଡ଼କୁ ନେଇଯାଇଥିଲେ। ପରେ ବହୁ ଖୋଜା ଖୋଜି କରିବାପରେ ପୀଡ଼ିତାଙ୍କୁ ଉଲଗ୍ନ ଅବସ୍ଥାରେ ଉଦ୍ଧାର କରାଯାଇଥିବାବେଳେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରିଥିଲେ। ହେଲେ ସେ କୌଶଳକ୍ରମେ ଲୋକଙ୍କ ହାତରୁ ଖସି ପଳାଇ ଯାଇଥିଲେ। ଏନେଇ ଗ୍ରାମରେ ବୈଠକ ଡକାଇ ଆଲୋଚନା ହୋଇଥିଲା। ହେଲେ ଅଭିଯୁକ୍ତ ଧରା ନ ଦେବାରୁ ପୀଡ଼ିତାଙ୍କ ବାପା ୧୭ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସେହି ମାସ ୨୨ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ସମୟରେ ଅଦାଲତ ୧୭ଜଣ ସାକ୍ଷୀ ଏବଂ ୧୧ଟି ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତ ମାୟାଧରଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଅଭିଯୁକ୍ତ ଜଘନ୍ୟ କାଣ୍ଡ କରିଛନ୍ତି। ଏକ କୋମଳମତି ଶିଶୁ ଦୁନିଆ ବିଷୟରେ ଜାଣିବା ପୂର୍ବରୁ ଅଭିଯୁକ୍ତଙ୍କ ଅମାନବୀୟ କାର୍ଯ୍ୟର ଶିକାର ହୋଇଛି। ତେଣୁ ତାଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବାକୁ ସ୍ୱତନ୍ତ୍ର ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ଅଦାଲତଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ସ୍କୁଲରେ ପଢ଼ାହେବ ଅଲିମ୍ପିକ୍ ମୂଲ୍ୟବୋଧ ପାଠ


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅଧିକାରୀ, ପ୍ରଶିକ୍ଷାର୍ଥୀ ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୨।୬(ବ୍ୟୁରୋ)**

ଓଡ଼ିଶାର ସ୍କୁଲ୍ ପିଲା ପଢ଼ିବେ ଅଲିମ୍ପିକ୍ ମୂଲ୍ୟବୋଧ ସମ୍ପର୍କିତ ପାଠ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅଭିନବ ବିନ୍ଦ୍ରା ଫାଉଣ୍ଡେଶନ ଟ୍ରଷ୍ଟ (ଏବିଏଫ୍‌ଟି) ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଅଲିମ୍ପିକ୍ ଫାଉଣ୍ଡେଶନ ଫର୍ କଲଚର ଏଣ୍ଡ୍ ହେରିଟେଜର ମିଳିତ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ବୁଧବାର ଗୋପବନ୍ଧୁ ଏକାଡେମୀଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଏବିଏଫ୍‌ଟିର ଫାଉଣ୍ଡର ଅଭିନବ ବିନ୍ଦ୍ରା, ଆଇଓସିର ସାଧନ କର୍ମୀ ଏଫ୍ ଜାମୋଲି ଏବଂ ଜେନିଆ କୁର୍ଗୋ ଯୋଭା, ଓସେପାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ, ଉପନିର୍ଦ୍ଦେଶକ ମହେଶ୍ୱର ସାହୁ ଓ ସହଯୋଗୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅଭିନବ ବିନ୍ଦ୍ରା ଅଲିମ୍ପିକ ମୂଲ୍ୟବୋଧ ସମ୍ପର୍କରେ ବକ୍ତବ୍ୟ ରଖିଥିବାବେଳେ ଅନୁପମ ସାହା ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ଏହି ଶିକ୍ଷା କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଉଭୟ ତତ୍ତ୍ୱଭିତ୍ତିକ ତଥା ଅନେକ ଆଲୋଚନାମୂଳକ ଅଧିବେଶନ ରହିଛି।

ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷରେ ଅଲିମ୍ପିକ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା କାର୍ଯ୍ୟକ୍ରମ ଭୁବନେଶ୍ୱର ଓ ରାଉରେକଲାର ୯୦ଟି ବିଦ୍ୟାଳୟରେ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ହୋଇଛି। ଏଥିରେ ପାଖାପାଖି ୩୨ ହଜାର ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଆଶା କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାର ସମସ୍ତ ବିଦ୍ୟାଳୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛି ବିଭାଗ।

# ବିଷାକ୍ତ ଛତୁ ଖାଇ ୩ ଅସୁସ୍ଥ

**ମାଲକାନଗିରି,୨୨।୬(ଡି.ଏନ.ଏ.):** ମାଲକାନଗିରି ଜିଲା ପାଣ୍ଡ୍ରିପାଣି ଗ୍ରାମରେ ବୁଧବାର ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୩ଜଣ ଅସୁସ୍ଥ ହୋଇପଡିଛନ୍ତି। ସମ୍ପୃକ୍ତ ପରିବାର ଘର ନିକଟରେ ହୋଇଥିବା କିଛି ଛତୁ ସଂଗ୍ରହ କରି ତାହାକୁ ରାନ୍ଧି ଖାଇଥିଲେ। ଖାଇବାର କିଛି ସମୟ ପରେ ସେମାନେ ଅସୁସ୍ଥ ଅନୁଭବ କରିବାରୁ ସେମାନଙ୍କୁ ପାଣ୍ଡ୍ରିପାଣି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସମସ୍ତେ ସୁସ୍ଥ ଅଛନ୍ତି, ବିଷାକ୍ତ ଖାଦ୍ୟ ଖାଇ ଏପରି ଅବସ୍ଥା ହୋଇଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି।

# ଜୁନ୍ ଶେଷ ସୁଦ୍ଧା ପ୍ରକାଶ ପାଇପାରେ ସିବିଏସ୍‌ଇ ଦଶମ ରେଜଲ୍ଟ

**ଭୁବନେଶ୍ୱର, ୨୨।୬ (ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ବିଭିନ୍ନ ଜାତୀୟ ଗଣମାଧ୍ୟମର ସୂଚନାନୁସାରେ, ଦଶମ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାୟନ ଶେଷ ହୋଇଥିବାବେଳେ ଫଳ ପ୍ରକାଶ ପାଇଁ ପ୍ରସ୍ତୁତି ଚାଲିଛି। ଚଳିତ ମାସ ଶେଷ ସୁଦ୍ଧା ଦଶମ ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି। ତେବେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାୟନ ଶେଷ ହୋଇ ନାହିଁ। ଯଦି ଠିକ୍ ସମୟରେ ଶେଷ ହୋଇଯାଏ, ତେବେ ଦଶମ ପରୀକ୍ଷା ଫଳ ଘୋଷଣାକୁ ସ୍ଥଗିତ ରଖାଯିବ। ଜୁଲାଇ ୧୫ ମଧ୍ୟରେ ଦଶମ ଓ ଦ୍ୱାଦଶ ଦୁଇଟି ଶ୍ରେଣୀର ପରୀକ୍ଷାଫଳ ଏକା ସମୟରେ ଘୋଷଣା କରାଯିବାର ସମ୍ଭାବନା ରହିଛି ବୋଲି ସିବିଏସ୍‌ଇ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୧ରେ ସିବିଏସ୍‌ଇ ଦୁଇଟି ଟର୍ମରେ ବୋର୍ଡ ପରୀକ୍ଷା କରିବ ବୋଲି ଘୋଷଣା କରିଥିଲା। ଟର୍ମ-୧ ଗତ ନଭେମ୍ବର ୩୦ରୁ ଡିସେମ୍ବର ୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେହିଭଳି ଟର୍ମ-୨ ଗତ ଏପ୍ରିଲ ୨୬ରେ ଆରମ୍ଭ ହୋଇଥିଲା। ଦଶମ ଶ୍ରେଣୀ ପିଲାଙ୍କ ପରୀକ୍ଷା ମେ' ୨୪ରେ ଓ ଦ୍ୱାଦଶ ପରୀକ୍ଷା ଜୁନ୍ ୧୫ରେ ଶେଷ ହୋଇଥିଲା। ସାରା ଦେଶରେ ପ୍ରାୟ ୩୫ଲକ୍ଷ ପିଲା ସିବିଏସ୍‌ଇ ବୋର୍ଡ ପରୀକ୍ଷା ଦେଇଥିଲେ। କରୋନା ପାଇଁ ଗତ ଦୁଇବର୍ଷ ପରୀକ୍ଷା ହୋଇ ନ ଥିବାବେଳେ ଏଥର ଦୁଇଟି ପର୍ଯ୍ୟାୟରେ ବୋର୍ଡ ପରୀକ୍ଷା ଅଫ୍‌ଲାଇନରେ ଅନୁଷ୍ଠିତ ହୋଇଥିଲା।







| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ ଟାବଲେଟ୍‌ସ, ଆକ୍ୱା ଜେଷ୍ଟ |
| ଆମୋବିଆସିସ୍ | ଆମୋବିକା ଟାବଲେଟ୍‌ସ, ଇସାବେଲ୍-ଏଚ୍ |
| ଆର୍ଥ୍ରାଇଟିସ୍ | ରୁମାର୍ଥୋ ଗୋଲ୍ଡ, ରୁମା ଅଏଲ୍ |
| କୋଲେଷ୍ଟ୍ରଲ | କୋଲେଷ୍ଟ ଗାର୍ଡ୍, ଗୁଡ୍ ହାର୍ଟ |
| କାଶ ଓ ଥଣ୍ଡା | କାଶାମ୍ରିତ ହର୍ବାଲ୍, ଡ. ହନି |
| ଡାଇବେଟିସ୍ | ଡାଇବେଟ୍ ଗାର୍ଡ୍, ମଧୁମେହାରି |
| କ୍ଲାନ୍ତିବୋଧ ଓ ଦୁର୍ବଳତା | ଗୁଡକେୟାର ଜେଷ୍ଟ (ପୁରୁଷ ଓ ମହିଳାଙ୍କ ପାଇଁ) କ୍ୟାପ୍‌ସୁଲ୍‌ସ |
| ଗ୍ୟାସ | ଗ୍ୟାସ ଗାର୍ଡ୍, ଗାଇସନ୍ତକ ବଟି |
| ଲିଭର ସମସ୍ୟା | ଲିଭେରଲ୍ ସିରପ୍ ଓ ଟାବଲେଟ୍, ଲିଭ୍ ଗୁଡ୍ |
| ପାଇଲ୍‌ସ | ପାଇଲ୍‌ସ କ୍ୟାପ୍‌ସୁଲ୍‌ସ, ପିରୋଇଡ୍ସ ଟାବଲେଟ୍ |
| ପିମ୍ପଲ ଓ ବ୍ରଣ | ନିମ ଗାର୍ଡ୍, ସୁରକ୍ତା |
| ନିଦ୍ରା ସମସ୍ୟା, ଅନିଦ୍ରା | ନାଇଟ୍‌ଜ୍ କ୍ୟାପ୍‌ସୁଲ୍‌ସ |
| ଚାପ ଓ ବିଚଳନତା | ଷ୍ଟ୍ରେସ ଗାର୍ଡ୍ କ୍ୟାପ୍‌ସୁଲ୍‌ସ |
| ପରିସ୍ରା ସମସ୍ୟା | ପ୍ରୋସ୍ ଗାର୍ଡ୍ କ୍ୟାପସୁଲ୍‌ସ, ପ୍ରୋଷ୍ଟେଡ୍ ଟାବଲେଟ୍‌ସ |
| ମହିଳାଙ୍କ ସମସ୍ୟା | ସୁନ୍ଦରୀ ସଖି, ବୈଦ୍ୟନାଥ ଅଶୋକାରିଷ୍ଟ |

ମେଡିସିନ୍ ଓ ଡାକ୍ତର କନ୍‌ସଲଟେସନ ଉପଲବ୍ଧ
JAIPUR: Ph: +91 9439088809 BERHAMPUR: Ph: +91 9861540324 CUTTACK: Ph: +91 9439486929
BHUBANESWAR: Ph: +91 8249945802 PURI: Ph: +91 9861068109 DHENKANAL: Ph: +91 8249703170
ANGUL: Ph: +91 9937734509 BALASORE: Ph: +91 9438725025 BARIPADA: Ph: +91 9437350156
KENDUJHAR: Ph: +91 6370698870 BHADRAK: Ph: +91 7978313169 ROURKELA: Ph: +91 7008870227
SAMBALPUR: Ph: +91 8763343900 / +91 9437681346 BOLANGIR: Ph: +91 7008384344



**ଆଜିର ମନ୍ତବ୍ୟ**
ଯଦି ଅଗ୍ନିବୀରମାନେ ସେମାନଙ୍କ ଭବିଷ୍ୟତକୁ ନେଇ ଅସୁରକ୍ଷିତ ଅନୁଭବ କରିବେ ତେବେ ସେମାନେ କିପରି ସୀମାରେ ଦେଶ ସୁରକ୍ଷା କରିପାରିବେ। **-ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା**


## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଡ଼ିକେ ଘଡ଼ି ଅନ୍ତର**
**ମୁହଁ ଭାତ ପାଇଁ ଆୟୁଷ ନାହିଁ**
**ସମୟ କେତେ ମାତର ।**
କୁହାଯାଏ ନିଃଶ୍ୱାସକୁ ବିଶ୍ୱାସ ନାହିଁ। ଜୀବନ ଯେଉଁଠି ଅନିଶ୍ଚିତ ସେଠି ମଣିଷ ନିଜର ବୃଥା ଗର୍ବ, ଅହମିକା ନ ଦେଖାଇ ସତପଥରେ ଚାଲିବା ଲାଗି ପ୍ରଯତ୍ନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘରେ ବରଡ଼ା ତାଟି**
**ଅଣ୍ଟାରେ ଚାବି କାଠି।**
ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲିଃ.

# ଅଗଷ୍ଟ ୨୧ରେ ଏଏସ୍‌ଓ ଲିଖିତ ପରୀକ୍ଷା

କଟକ ଅଫିସ,୨୨।୬- ଆସନ୍ତା ଅଗଷ୍ଟ ୨୧ ତାରିଖରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୩୦ଟି ଜିଲା ଓ ୩ଟି ସବ୍‌ଡିଭିଜନରେ ଏହି ପରୀକ୍ଷା ହେବ। ୩ଟି ସିଟିଂରେ ଚଳିତଥର ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ସିଟିଂରେ ଜେନେରାଲ ଆୱାରନେସ (ପେପର-୧) ପରୀକ୍ଷା ପୂର୍ବାହ୍ନ ୯ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ସିଟିଂରେ ରିଜୋନିଂ ଏବଂ ମେଣ୍ଟାଲ ଆବିଲିଟି ଟେଷ୍ଟ, ଗଣିତ (ପେପର-୨) ପରୀକ୍ଷା ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏବଂ ତୃତୀୟ ସିଟିଂରେ ଇଂଲିଶ ଓ ଓଡିଆ (ପେପର-୩) ପରୀକ୍ଷା ଅପରାହ୍ନ ୨.୩୦ରୁ ୪.୩୦ ପର୍ଯ୍ୟନ୍ତ ଚାଲିବ। ତେବେ ଭିନ୍ନକ୍ଷମମାନଙ୍କୁ ପ୍ରତି ସିଟିଂରେ ୩୦ ମିନିଟ ଅଧିକ ସମୟ ଦିଆଯିବ। ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ, ପରୀକ୍ଷା କେନ୍ଦ୍ର ଏବଂ ପରୀକ୍ଷା ପାଇଁ ରହିଥିବା ନିୟମାବଳୀ ଓପିଏସ୍‌ସି ୱେବ୍‌ସାଇଟ୍ (www.opsc.gov.in)ରେ ଉପଲବ୍ଧ ରହିଛି।


## classifieds Everyday 0674-2580101, 2549302




**SALE**

କଟକରୁ 10K.M. ଦୂର ମଙ୍ଗୁଳି ପାଖ NHରୁ 1.5 K.M. ଦୂରରେ yellowzone plot sqft.-300/-ରେ ମିଳୁଛି। 9692213354. D-73923

Khordha Municipalityରେ PN College- Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

ପୁରୀ ବାଇପାସ୍ କେଶୁରା ପାଖ ମେହେରପଲ୍ଲୀ ମୌଜାରେ immediate ଘରକରି ରହିବା ପାଇଁ plot ମିଳୁଛି। 9692213354. D-73924

**Plot for Sale, 2000sqft (8nos) per sqft-2000/- Yellowzone Gharabari Plot near Tata-ariana, Vipul Garden Backside Ghatikia Mouza-Sankarpur, BBSR. Water & Electricity available 30'Road NH-16 to 1km. Contact: - 7381564227, 8114744495.** D-770

ପୁରୀ ସାକ୍ଷୀଗୋପାଳ NHରୁ 2.5 K.M. ଦୂରରେ Black Top roadକୁ ଲାଗି sqft. 270/-ରେ commercial plot ମିଳୁଛି। 9692213354. D-73922




2000sqft. Second Floor hall with lift near Airport on 100ft. wide Bhimatangi Mainroad for Office or Commercial. 9958003695. D-73618




Newly open full body massage ladies and gents. 8327740003, 8093860513. D-73921

**Relax, refresh your body, mind at Saikrupa Spa with best therapies. 8984068077.** D-805

Mesmerizing, energetic body, mind qualitative relaxing massage experienced therapists. 9668374480. D-73610

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73825

Newly open SPA offer @799/-, positively health benefits, Kalpana. 7846814019. D-73619

Newly open SPA positively health benefit with expert. Contact: 7749976301. D-73829

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73828

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com


# କେନ୍ଦ୍ରାପଡ଼ା ରଣ ସମବାୟ ସମିତି ସଭାପତି ହେଲେ ପ୍ରମୋଦ ସାହୁ

**କେନ୍ଦ୍ରାପଡ଼ା ଅଫିସ, ୨୨।୬**

କେନ୍ଦ୍ରାପଡ଼ା ରଣ ସମବାୟ ସମିତିର ସଭାପତି ଭାବେ ୫ମ ଥର ପାଇଁ ବରିଷ୍ଠ ସମବାୟବିତ୍ ତଥା କୃଷକ ନେତା ପ୍ରମୋଦ କୁମାର ସାହୁ ବୁଧବାର ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ସଭାପତି ସାହୁ କହିଛନ୍ତି, ସମବାୟ କ୍ଷେତ୍ରରେ ଏହି ସମିତି ଏକ ବିପ୍ଲବ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲା ସମେତ କଟକ, ଜଗତ୍‌ସିଂହପୁର ଓ ଯାଜପୁର ଜିଲାରେ ସମିତିର କାର୍ଯ୍ୟ ପରିସର ବଢ଼ିଛି। ୧,୩୩,୬୧୧ ସଦସ୍ୟଙ୍କୁ ନେଇ



ଗଠିତ ଏହି ସମିତିର କାର୍ଯ୍ୟ ପରିସରକୁ ଖୋର୍ଦ୍ଧା ଜିଲାକୁ ଓ ଆଗକୁ ବଢ଼ାଯିବ। ଏଥିସହ ସଦସ୍ୟଙ୍କ ସହଭାଗିତାକୁ ଅଧିକ ଗୁରୁତ୍ୱ ଦିଆଯିବ। ଏହି ଅବସରରେ ନବ ନିର୍ବାଚିତ ନିର୍ଦ୍ଦେଶକ ଅକ୍ଷୟ ଦାଶ, ଦିଲୀପ ପାତ୍ର, ସୁଶାନ୍ତ ମହାରଣା, ଦିଲୀପ ରାଉତ, ପ୍ରଫୁଲ୍ଲ ମିସ୍ତ୍ରୀ, କୈଳାସ ବେହେରା, ବଲ୍ଲଭ ନନ୍ଦୀ, ଅମିତାଭ ସାହୁ, ଅନସୂୟା ସାମଲ, ପ୍ରଭାତୀ ଲେଙ୍କା, ସେକ୍ ରିଆଜିତ, ଗୀତାଞ୍ଜଳି ସାହୁ, ସାବନା ପରୱିନ ଓ ଜିତେନ୍ଦ୍ର ଖୁଣ୍ଟିଆଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରହ୍ଲାଦ ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ଜେନେରାଲ ମ୍ୟାନେଜର ମନୋଜ ସାହୁ, ମୁଖ୍ୟ ଶାଖା ମ୍ୟାନେଜର ରମେଶ ସେଠୀଙ୍କ ସମେତ ବିଭିନ୍ନ ଶାଖାର କର୍ମଚାରୀ ଓ ଏଜେଣ୍ଟ ସାମିଲ ହୋଇଥିଲେ।

# ସ୍କୁଲ ଆସିଥିବା ଦୁଇ ଛାତ୍ରୀଙ୍କୁ ଅପହରଣ

**କୁଜଙ୍ଗ, ୨୨।୬ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଉଚ୍ଚ ବିଦ୍ୟାଳୟର ଦୁଇଜଣ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ମଙ୍ଗଳବାର ଅପହରଣ କରାଯାଇଛି। ଏ ସଂକ୍ରାନ୍ତରେ ଉଭୟ ଛାତ୍ରୀଙ୍କ ପରିବାର ପକ୍ଷରୁ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସେହି ଅଭିଯୋଗକୁ ଆଧାର କରି ଏକ ମାମଲା(ନଂ.୨୪୨/୨୨)ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଛାତ୍ରୀଦ୍ୱୟ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଘରୁ ବାହାରି ସ୍କୁଲକୁ ଯାଇଥିଲେ। ମାତ୍ର ସ୍କୁଲ ଛୁଟି ହେଲା ପରେ ଉଭୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପ୍ରଥମେ ପରିବାର ଲୋକେ ସ୍କୁଲକୁ ଯାଇ କେତେଜଣ ଶିକ୍ଷକଙ୍କୁ ଏ ସଂକ୍ରାନ୍ତରେ ପଚାରିଥିଲେ। ଉଭୟଙ୍କୁ କ୍ଲାସ୍ ଆରମ୍ଭ ପୂର୍ବରୁ ପଡ଼ିଆରେ ଥିବା ସେମାନେ ଦେଖିଥିଲେ, ଉଭୟ କ୍ଲାସ୍‌କୁ ଆସି ନ ଥିବା ଶିକ୍ଷକମାନେ କହିଥିଲେ। ଏହାପରେ ବି ରାତି ପର୍ଯ୍ୟନ୍ତ ପରିବାର ଲୋକେ ଛାତ୍ରୀଦ୍ୱୟଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ଶେଷରେ ଝିଅଦ୍ୱୟଙ୍କୁ କେହି ଅପହରଣ କରି ନେଇ ଥାଇପାରନ୍ତି ଆଶଙ୍କା କରି ଉଭୟଙ୍କ ବାପା ମଙ୍ଗଳବାର ରାତିରେ ଥାନାରେ ଅଭିଯୋଗ କରିଥିଲେ।

ଅନ୍ୟପକ୍ଷେ ଉଭୟ ଛାତ୍ରୀ କଟକରୁ ଏକ ଅଟୋ ଚାଳକଙ୍କ ମୋବାଇଲରୁ ଅପରାହ୍ନ ୧ଟାରେ ନିଜର ଜଣେ ସମ୍ପର୍କୀୟଙ୍କ ମୋବାଇଲକୁ ଫୋନ କରିଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ଶୋଇପଡିଥିବାରୁ ଫୋନ୍ ରିସିଭ୍ କରିପାରି ନ ଥିଲେ। ପରେ ମିସ୍ଡକଲ ଦେଖି କଲ୍ କରିବାରୁ କଟକର ଏକ ଅଟୋଚାଳକ ଧରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଅଟୋ ଚାଳକଙ୍କୁ ଉଭୟ ଝିଅଙ୍କ ସମ୍ପର୍କରେ ପଚାରିବାରୁ ସେମାନେ ଅଟୋରେ ଯିବା ଭିତରେ ମୋ ମୋବାଇଲରୁ ଫୋନ କରିଥିଲେ ବୋଲି ଅଟୋଚାଳକ କହିଥିଲେ। ଏହି ଖବରପାଇ ଝିଅଦ୍ୱୟଙ୍କ ପରିବାର ସଦସ୍ୟ କଟକ ରେଳ ଷ୍ଟେଶନରେ ପହଞ୍ଚି ସିସିଟିଭି ଯାଞ୍ଚ କରିବାରେ ଉଭୟ ଛାତ୍ରୀ ମଙ୍ଗଳବାର ଅପରାହ୍ନ ସାଢେ ୧ଟାରେ ଷ୍ଟେଶନ ନିକଟରେ ଥିଲେ। ପରେ ରାତିରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ପହଞ୍ଚି ସିସିଟିଭି ଯାଞ୍ଚ କରିବାରେ ରାତି ୯ଟା ୨୦ ମିନିଟ୍‌ରେ ସେମାନେ ସେଠାରେ ଥିବା ଜଣାପଡିଥିଲା। ପ୍ରକୃତରେ ଏହା ଅପହରଣ କି ଏହା ପଛରେ ଆଉ କିଛି କାରଣ ଅଛି ତାହା ତଦନ୍ତସାପେକ୍ଷ।

# ଗୋରେଖନାଥଙ୍କ ହୁଣ୍ଡି ଭାଙ୍ଗି ୧୦ ଲକ୍ଷ ଲୁଟ୍

**ରଘୁନାଥପୁର,୨୨।୬(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥଙ୍କ ପୀଠରେ ଥିବା ହୁଣ୍ଡି (ଦାନବାକ୍ସ) ଉପରେ ପଡିଛି ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟି। ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ଦୁର୍ବୃତ୍ତମାନେ ମଙ୍ଗଳବାର ମଧ୍ୟରାତ୍ରରେ ପ୍ରଭୁଙ୍କ ସମ୍ମୁଖରେ ଥିବା ୨ ନଂ. ହୁଣ୍ଡି ଭାଙ୍ଗିଥିଲେ। ସେଥିରେ ଥିବା ୧୦ ଲକ୍ଷ ଟଙ୍କା ଚୋରି କରି ନେଇଥିବା ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ତିର୍ତ୍ତୋଲ ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଆଇଆଇସି ଯୁଗଳ କିଶୋର ଦାସ, ଏସ୍‌ଆଇ ଦୁଃଖୀଶ୍ୟାମ ସେଠୀ ଓ ଦିନେଶ କୁମାର ପଟ୍ଟା ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଇଥିଲା। ଏ ନେଇ ଥାନାରେ ନଂ. ୪୦୧/୨୨ରେ ମାମଲା ରୁଜୁ ହୋଇଛି। ପୀଠରେ ଲଗାଯାଇଥିବା ସିସିଟିଭିକୁ ପୋଲିସ ଯାଞ୍ଚ କରିଛି। ରାତି ସାଢେ ୧୨ଟା ସୁଦ୍ଧା ଦୁର୍ବୃତ୍ତମାନେ ଚୋରି କରୁଥିବା ସିସିଟିଭିରୁ ପୋଲିସ ଜାଣିବାକୁ ପାଇଥିବା ସୂଚନା ଦେଇଛି। ଏଥିରେ ୩ ଜଣ ଦୁର୍ବୃତ୍ତ ଦାନବାକ୍ସ ତାଲାକୁ ତାଡି ଟଙ୍କା ବସ୍ତାରେ ପୂରାଇ ନେଉଥିବା ଦେଖାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଇସ୍ତଫା ଦେବାକୁ ...

ଅନ୍ୟ କୌଣସି ସ୍ଥାନକୁ ଯାଇ ଏପରି କାହିଁକି କହୁଛନ୍ତି। ସିନ୍ଦେ ଏଠାକୁ ଆସି ମୋ ସହ ପ୍ରତ୍ୟକ୍ଷ ଆଲୋଚନା କରନ୍ତୁ। ମୁଁ ତୁରନ୍ତ ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ କରିବାକୁ ପ୍ରସ୍ତୁତ। କୌଣସି ଶିବ ସୈନିକ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କଲେ ମୁଁ ଖୁସି ହେବି ବୋଲି ଉଦ୍ଧବ ରୋକ୍‌ଠୋକ୍ ଶୁଣାଇଛନ୍ତି।

ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଉଦ୍ଧବ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶିବସେନା ନେତୃତ୍ୱାଧୀନ ମହା ବିକାଶ ଅଘାଡ଼ି ପାଇଁ ଘଡ଼ିସନ୍ଧି ମୁହୂର୍ତ୍ତ ଉପନୀତ ହୋଇଥିବା ସମୟରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ବୁଧବାର ସନ୍ଧ୍ୟାରେ ଉଦ୍ଧବଙ୍କୁ ଭେଟିଛନ୍ତି। ପାୱାରଙ୍କ ସହ ତାଙ୍କ ଝିଅ ତଥା ଏନ୍‌ସିପି ଏମ୍‌ପି ସୁପ୍ରିୟା ସୁଲେ ଏବଂ ରାଜ୍ୟର କ୍ୟାବିନେଟ ମନ୍ତ୍ରୀ ଜିତେନ୍ଦ୍ର ଅୱହଦ ମଧ ଉଦ୍ଧବଙ୍କୁ ସାକ୍ଷାତ କରିବା ପାଇଁ ଦକ୍ଷିଣ ମୁମ୍ବାଇସ୍ଥିତ 'ବର୍ଷା'କୁ ଯାଇଥିଲେ। ତେବେ ଉକ୍ତ ବୈଠକରେ କ'ଣ ଆଲୋଚନା ହୋଇଥିଲା ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ବିଦ୍ରୋହୀ ନେତା ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ପାୱାର ଉଦ୍ଧବଙ୍କୁ ପରାମର୍ଶ ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷେ ସିନ୍ଦେଙ୍କ ବିଦ୍ରୋହୀ ଗୋଷ୍ଠୀରେ ୪୬ ବିଧାୟକ ଥିବା ଦାବି କରାଯାଉଥିବାରୁ ଅଢ଼େଇ ବର୍ଷ ପୁରୁଣା ସରକାର ପତନର ଦ୍ୱାରଦେଶରେ ପହଞ୍ଚିଛି। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ଶିବସେନାର ୫୫ ବିଧାୟକ ଥିବାରୁ ସେମାନଙ୍କ ମଧ୍ୟରୁ ୪୬ ଜଣ ସିନ୍ଦେଙ୍କ ନେତୃତ୍ୱକୁ ସମର୍ଥନ କରି ଦଳରୁ ଅଲଗା ହେଲେ ସେମାନଙ୍କ ବିରୋଧରେ ଦଳବଦଳ ଆଇନ ଲାଗୁ ହେବ ନାହିଁ। ତେଣୁ ସିନ୍ଦେଙ୍କୁ ଶିବସେନା ବିଧାୟକ ଦଳ ନେତା ପଦରୁ ହଟାଇବାର ଦିନକ ପରେ ଅସନ୍ତୁଷ୍ଟ ବିଦ୍ରୋହୀମାନେ ତାଙ୍କୁ ପୁଣି ଥରେ ନେତା ଚୟନ କରିଛନ୍ତି। ଇତିମଧ୍ୟରେ ସିନ୍ଦେ ୩୪ ବିଧାୟକଙ୍କ ସ୍ୱାକ୍ଷର ସମ୍ବଳିତ ଏକ ପତ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ନିକଟକୁ ପଠାଇଛନ୍ତି। କଂଗ୍ରେସ-ଏନ୍‌ସିପିର ଦୁର୍ନୀତି ଯୋଗୁ ସେମାନଙ୍କୁ ଲୋକଙ୍କ ପ୍ରଶ୍ନବାଣର ଶିକାର ଓ ଅପମାନିତ ହେବାକୁ ପଡୁଛି। ତେଣୁ ସେମାନେ ଏପରି ନିଷ୍ପତ୍ତି ନେଇଥିବା ଉକ୍ତ ସମର୍ଥନପତ୍ରରେ ଉଲ୍ଲେଖ କରିଛନ୍ତି। କିନ୍ତୁ ସଂଖ୍ୟା ଦୃଷ୍ଟିରୁ ବିଚାର କଲେ ସିନ୍ଦେଙ୍କୁ ଅନ୍ୟୂନ ୩୭ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ଏପରି ହେଲେ ଯାଇ ସେ ଶିବସେନାରେ ବିଭାଜନ ଘଟାଇ ଦଳବଦଳ ନିରୋଧୀ ଆଇନରୁ ବର୍ତ୍ତିପାରିବେ। ଏହା ପୂର୍ବରୁ ଶିବସେନା ମୁଖ୍ୟ ସଚେତକ ସୁନୀଲ ପ୍ରଭୁ ଦଳୀୟ ମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ହ୍ୱିପ୍ ଜାରି କରିଥିଲେ। ବୁଧବାର ଅପରାହ୍ନ ୫ଟା ସୁଦ୍ଧା ମୁମ୍ବାଇରେ ହେବାକୁ ଥିବା ବିଧାୟକ ଦଳ ବୈଠକରେ ଉପସ୍ଥିତ ନ ରହିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଏଥିରେ ତାଗିଦ କରିଥିଲେ।

### ଆଫଗାନିସ୍ତାନରେ ଭୂକମ୍ପ...

ଲୋକଙ୍କୁ ଉଦ୍ଧାର ସହ ସେମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଉ ଥିବା ଆଫଗାନିସ୍ତାନ ପାଇଁ ଇୟୁର ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଟୋମାସ୍ ନିକ୍‌ଲାସନ୍ କହିଛନ୍ତି। ୟୁନିସେଫ୍ ପକ୍ଷରୁ ପ୍ରାୟ ୧୨ ସ୍ୱାସ୍ଥ୍ୟ ଟିମ୍ ଗ୍ୟାନ୍ ଜିଲାରେ ଆହତଙ୍କ ଚିକିତ୍ସା କରୁଛନ୍ତି।

୫.୯ ତୀବ୍ରତାର ଭୂମିକମ୍ପରେ ବଡ଼ ଧରଣର କ୍ଷୟକ୍ଷତି ଘଟିବା ଅସାଧାରଣ ଘଟଣା ବୋଲି ଆମେରିକାର ଭୂକମ୍ପ ବିଜ୍ଞାନୀ ରୋବର୍ଟ ସ୍ୟାଣ୍ଡର୍ସ କହିଛନ୍ତି। ତେବେ ଭୌଗୋଳିକ ସ୍ଥିତି, ଜନସଂଖ୍ୟା, ଗୃହ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ଦୁର୍ବଳ ମାନ, ଜନସଂଖ୍ୟା ଘନତ୍ୱ ଆଦି କାରଣ ସହ ଭୂକମ୍ପଜନିତ କ୍ଷୟକ୍ଷତି ଜଡ଼ିତ ବୋଲି ସେ ପ୍ରକାଶ କରିଛନ୍ତି। ୨୦୧୫ରେ ଉତ୍ତରପୂର୍ବ ଆଫଗାନିସ୍ତାନରେ ହୋଇଥିବା ଭୂମିକମ୍ପରେ ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ୧୯୯୮ରେ ଭୂକମ୍ପ ଯୋଗୁ ଆଫଗାନିସ୍ତାନରେ ୪,୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା।

### ଦ୍ରୌପଦୀଙ୍କୁ ସମର୍ଥନ ...

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ଭାଜପା ପ୍ରାର୍ଥୀଙ୍କୁ କଂଗ୍ରେସ ସମର୍ଥନ କରିପାରିବ ନାହିଁ। ମୁଖ୍ୟମନ୍ତ୍ରୀଙ୍କର ଯଦି ଓଡ଼ିଶା ପ୍ରତି ଏତେ ଦରଦ ରହିଛି ତେବେ ବାହାର ଲୋକଙ୍କୁ ରାଜ୍ୟ ସଭା ପଠାଇଲେ କେମିତି। ଦ୍ରୌପଦୀ ଆସନ୍ତା ୨୪ ତାରିଖରେ ରାଷ୍ଟ୍ରପତି ପ୍ରାର୍ଥୀଭାବେ ନିଜର ନାମାଙ୍କନପତ୍ର ଦାଖଲ କରିବା କାର୍ଯ୍ୟକ୍ରମ ରହିଛି।

ଅନ୍ୟପକ୍ଷରେ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ହେବା ପରେ ଦ୍ରୌପଦୀଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ମିଳିଛି। ଏନ୍‌ଡିଏ ପକ୍ଷରୁ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରାଯିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ଏଥିରେ ୧୦ରୁ ଅଧିକ ଏନ୍‌ଏସ୍‌ଜି ସହ ସିଆରପିଏଫ୍ କମାଣ୍ଡୋ ରହିଛନ୍ତି। ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ହେବା ପରେ ବୁଧବାର ସକାଳୁ ଦ୍ରୌପଦୀ ମୁର୍ମୁ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର, ଶିବମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ପ୍ରଥମେ ସେ ପୂର୍ଣ୍ଣଦେଶ୍ୱର ଶିବ ମନ୍ଦିର ପରିସରରେ ଓଳାଇଥିଲେ। ଏହା ପରେ ହନୁମାନ ମନ୍ଦିର, ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିଥିଲେ। ମନ୍ଦିର ଦର୍ଶନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିବା ବେଳେ ଦ୍ରୌପଦୀଙ୍କ ସହ ଏହି ସୁରକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିଥିଲା। କମାଣ୍ଡୋମାନେ କର୍ଡନ କରି ଦ୍ରୌପଦୀଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଯାଇଥିଲେ। ଏହି ସୁରକ୍ଷା ବ୍ୟବସ୍ଥା ୨୪ ଘଣ୍ଟିଆ ତାଙ୍କ ସହ ରହିବ। ରାଇରଙ୍ଗପୁରରୁ ଭୁବନେଶ୍ୱର ଓ ପରେ ଦିଲ୍ଲୀ ଯାଏ କମାଣ୍ଡୋମାନେ ତାଙ୍କୁ ସୁରକ୍ଷା ଯୋଗାଇବେ। ଜେଡ୍ ପ୍ଲସ୍ ସୁରକ୍ଷାରେ ୧୦ କମାଣ୍ଡୋଙ୍କୁ ମିଶାଇ ମୋଟ୍ ୧୫୦ ଜଣ ସୁରକ୍ଷାକର୍ମୀ ଥାଆନ୍ତି। ୫ଟି ବୁଲେଟ୍ ପ୍ରୁଫ୍ କାର୍ ବି ସୁରକ୍ଷାରେ ମୁତୟନ ହୋଇଥାଏ।। ପ୍ରଧାନମନ୍ତ୍ରୀ ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ରାହୁଲ ଗାନ୍ଧୀ, ବ୍ୟବସାୟୀ ମୁକେଶ ଅମ୍ବାନୀ ଭଳି ବ୍ୟକ୍ତି ବିଶେଷଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଦିଆଯାଉଛି।

### ୩ ଇଣ୍ଡିଆନ୍ ରିଜର୍ଭ ...

ବିଭିନ୍ନ ସହାୟକ କାର୍ଯ୍ୟ ପାଇଁ ୪୪ଟି ପଦବୀ ସୃଷ୍ଟି କରାଯାଇଛି, ଯାହାକି ଆଉଟସୋର୍ସିଂ ଜରିଆରେ ପୂରଣ କରାଯିବ। ୩ଟି ବାଟାଲିଅନ ପାଇଁ ୧୩୨ ଆଉଟସୋର୍ସିଂ ପଦବୀ ସୃଷ୍ଟି କରାଯାଇଛି।

### ପୋପ୍ ଫ୍ରାନ୍‌ସିସ୍‌ଙ୍କୁ ଭେଟିଲେ ...

ପଟ୍ଟ ଅର୍ଥାତ୍ କାନଭାସ ଓ ଚିତ୍ରର ଅର୍ଥ ଛବି। ପାରମ୍ପରିକ କପଡ଼ାରେ ହୋଇଥିବା କାରୁକାର୍ଯ୍ୟ ଭରା ପଟ୍ଟଚିତ୍ରର ଉଦ୍ଭବ ଓଡ଼ିଶାରେ ହିଁ ହୋଇଛି। ଉତ୍କଳୀୟ କଳାର ଏକ ଶ୍ରେଷ୍ଠ ପ୍ରତିଫଳନ ଏହି ପଟ୍ଟଚିତ୍ରରେ ପରିଦୃଷ୍ଟ ହୋଇଥାଏ। ବିଭିନ୍ନ ପୌରାଣିକ କଥାବସ୍ତୁକୁ ଆଧାର କରି ପଟ୍ଟଚିତ୍ର ପ୍ରସ୍ତୁତ କରାଯାଇଥାଏ। ପୋପ୍‌ଙ୍କ ସହ ସାକ୍ଷାତ୍ ବେଳେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଭାଟିକାନ ସିଟିରେ ପୋପ୍ ଫ୍ରାନ୍‌ସିସଙ୍କୁ ଭେଟିଛନ୍ତି ନବୀନ । ସାକ୍ଷାତ୍ ଆନନ୍ଦଦାୟକ ଥିଲା ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

### ହାଇକୋର୍ଟରେ ସମସ୍ତ ...

ବିଚାରାଧୀନ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଯେହେତୁ ପୂର୍ବରୁ ସୁପ୍ରିମକୋର୍ଟ ମାମଲାକୁ ରଦ୍ଦ କରିସାରିଛନ୍ତି, ତେଣୁ ଆଉ ଶୁଣାଣି କରିବାର ଆବଶ୍ୟକତା ନାହିଁ ବୋଲି ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ରାୟ ଶୁଣାଇଛନ୍ତି।

ସୂଚନାଯୋଗ୍ୟ, ପରିକ୍ରମା ପ୍ରକଳ୍ପକୁ ବିରୋଧକରି ପୁରୀ ବାସିନ୍ଦା ଦିଲୀପ ବରାଳ ପ୍ରଥମେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ପରେ ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ମଧ ଏକାଧିକ ଆବେଦନ ହୋଇଥିଲା। ତେବେ ମାମଲାଗୁଡ଼ିକ ହାଇକୋର୍ଟରେ ବିଚାରାଧୀନ ଥିବା ଅବସ୍ଥାରେ ପରିକ୍ରମା ପ୍ରକଳ୍ପ ଅଧୀନ ନିର୍ମାଣକୁ ବିରୋଧ ଏବଂ ବେଆଇନ ନିର୍ମାଣ ବିରୋଧରେ ହାଇକୋର୍ଟ ଗତ ମେ ୯ତାରିଖରେ କୌଣସି ସ୍ଥଗିତାଦେଶ ନ ଦେବା ଘଟଣାରେ ୨୩ ତାରିଖରେ ଅର୍ଦ୍ଧେନ୍ଦୁ ଦାସ ଏବଂ ୨୭ ତାରିଖରେ ସୁମନ୍ତ ଘଡ଼େଇ ସୁପ୍ରିମକୋର୍ଟରେ ୨ଟି ପୃଥକ୍ ସ୍ପେଶାଲ ଲିଭ୍ ପିଟିଶନ ଆବେଦନ କରିଥିଲେ। ଏହି ଆବେଦନର ଶୁଣାଣି ଜୁନ୍ ୨ତାରିଖରେ ସୁପ୍ରିମକୋର୍ଟ ବିଚାରପତି ବି.ଆର୍. ଗଭାଇ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଶୁଣାଣି ହୋଇଥିଲା। ଏହାର ପରଦିନ ଅର୍ଥାତ ଜୁନ୍ ୩ରେ ଉକ୍ତ ଖଣ୍ଡପୀଠ ଉଭୟ ଆବେଦନକୁ ଖାରଜ କରିବା ସହ ଆବେଦନକାରୀଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଜରିମାନା ପଇଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ୩୪,୬୧୫ କୋଟିର ...

ଚଢ଼ାଉ କରିଥିଲା। ଡିଏଚ୍‌ଏଫ୍‌ଏଲ୍ ଆକାଉଣ୍ଟ ବୁକ୍ସରୁ ଜଣାପଡ଼ିଛି ଯେ, ଉକ୍ତ କମ୍ପାନୀ ବେଆଇନ ଭାବେ ଆର୍ଥିକ ଅନିୟମିତତା କରି ପାଣ୍ଠିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ କପିଳ ଓ ଧୀରଜଙ୍କୁ ଜମାକାରୀଙ୍କ ଅର୍ଥରେ ନିଜ ସମ୍ପତ୍ତି ବୃଦ୍ଧି ପାଇଁ ସୁଯୋଗ ଦେଇଥିଲା। ଉଭୟେ ପୂର୍ବରୁ ଠକେଇ ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି। ସିବିଆଇ ମାମଲା ରୁଜୁ କରିବା ପରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଡିଏଚ୍‌ଏଫ୍‌ଏଲ୍ ଋଣ ଆକାଉଣ୍ଟଗୁଡ଼ିକୁ ନନ୍-ପର୍ଫମିଂ ଆସେଟ୍ସ (ଏନ୍‌ପିଏ) ଘୋଷଣା କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବୈଷୟିକ ସୁଖ, ସମୃଦ୍ଧି ମଧ୍ୟରେ ଆନନ୍ଦ ଅନୁଭବ କରିବେ। ଦୂରଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ, ବନ୍ଧୁବାନ୍ଧବ କ୍ଷେତ୍ରରେ ସୁଫଳ ପାଇବେ। ଘରକୁ ସଜାଡ଼ିବାରେ ବହୁତ ସମୟ ନେଇପାରନ୍ତି। ଧାର କରଜ କରି ଆଜିର ଆବଶ୍ୟକତାକୁ ଚଳାଇ ନେବେ।

**ବୃଷ**
ଆପଣଙ୍କ ସକାଶେ ଦିନଟି କେତେକ ଦିଗରୁ ଭଲ ରହିବ। ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିପାରେ। ଏକ ନିର୍ଦ୍ଦିଷ୍ଟ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ**
ପରିସ୍ଥିତି ବଶତଃ ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ ହେବେ। ଇଚ୍ଛା ନ ଥିଲେ ସୁଦ୍ଧା ହଠାତ୍ ଦୂରକୁ ଯାଇ କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। କହିବାକୁ ଇଚ୍ଛା ଥିଲେ ମଧ ସଂକୋଚବଶତଃ ବନ୍ଧୁଙ୍କୁ ମନକଥା କହି ପାରିବେ ନାହିଁ। ଆର୍ଥିକ ଅନଟନ ଲାଗିରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ**
ଗୋଳମାଳିଆ ପରିସ୍ଥିତିର ସମ୍ମୁଖୀନ ହେବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ। ନିଜ ପରିସରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରେ କିଛି ସମସ୍ୟା ଦେଖାଦେବ।

**ସିଂହ**
କେତେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ସମସ୍ୟା ସୁଧାରିବା ସକାଶେ ନିଜକୁ କିଛି କରିବାକୁ ପଡ଼ିବ।

**କନ୍ୟା**
କର୍ମକ୍ଷେତ୍ରରେ ସନ୍ଦେହାତ୍ମକ ବାତାବରଣ ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ପଡ଼ିପାରେ। ଅପୂରଣୀୟ ଆଶା ଓ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ପାରିବାରିକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ବକେୟା ଅର୍ଥ ଆଦାୟ କରିବାରେ ଆଜି ହିଁ ସକ୍ଷମ ହେବେ।

**ତୁଳା**
ପରିସ୍ଥିତି ଅନୁକୂଳ ନ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଦୋଦୁଲ୍ୟମାନ ଅବସ୍ଥାରେ ରହିବାକୁ ବାଧ ହେବେ। ଏହିଭଳି କେତେକ କଥା ଆସିପାରେ, ଯାହାକି ପଣା ବୋଲି ପିଇ ପାରିବେ ନାହିଁ କିମ୍ବା ପାଣି ବୋଲି ଫିଙ୍ଗି ପାରୁ ନ ଥିବେ। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ।

**ବିଛା**
ପରିବାରରେ ଭୁଲ୍ ବୁଝାମଣା ଓ ନିଜର କେତେକ ବ୍ୟତିକ୍ରମକୁ ସଜାଡ଼ିବାକୁ ଯାଇ ଅସ୍ଥିରତା ଲାଗିରହିବ। ଅଭାବ ନ ଥିଲେ ମଧ ଅନାବଶ୍ୟକ ବ୍ୟୟରୁ ବିଚଳିତ ହେବେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନ ପାରେ। ଆନୁଷ୍ଠାନିକ ଛୋଟ ଛୋଟ କାମରେ ସମାଲୋଚିତ ହେବେ।

**ଧନୁ**
କୌଣସି ଅସୁବିଧା ନ ଥିଲେ ମଧ ଅଯଥାରେ ଏଣୁ ତେଣୁ ଗୁଡ଼ାଏ ଚିନ୍ତାକରି ବିବ୍ରତ ହୁଅନ୍ତୁ ନାହିଁ। ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବାଧ ବାଧକତାରେ ନାହିଁ କରି ନ ପାରି ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତିରୁ ମନ ଖୁସି ରହିବ।

**ମକର**
ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହୋଇଯିବ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଟିକିଏ ଟିକିଏ କଥାରେ ରାଗିଗଲେ ସମସ୍ୟା ଆସିପାରେ। ଆତ୍ମୀୟମାନେ ପୂର୍ଣ୍ଣ ସହଯୋଗ ପ୍ରଦାନ କରି ଆପଣଙ୍କ କାମକୁ ସୁଗମ କରିପାରନ୍ତି।

**କୁମ୍ଭ**
ପ୍ରତ୍ୟେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଆକସ୍ମିକଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**ମୀନ**
ସମସ୍ୟାକୁ ପ୍ରତିହତ କରି ଆଗକୁ ବଢିବା ସକାଶେ ପଦକ୍ଷେପ ନେବେ। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ସତର୍କରେ ଚଳିଲେ ମ ବିବାଦ ଭିତରକୁ ଟାଣି ହୋଇଯିବାର ଆଶଙ୍କା ରହିଛି। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

## ଜଳିଗଲା ମାଛ ବୋଝେଇ ଟ୍ରକ୍

ଖଲ୍ଲିକୋଟ,୨୨।୬(ଡି.ଏନ୍.ଏ.): ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ହରିଡ଼ାମୂଳ ବ୍ରିଜ ନିକଟରେ ବୁଧବାର ସକାଳେ ଆନ୍ଧ୍ରରୁ କଲିକତା ଅଭିମୁଖେ ଯାଉଥିବା ଏକ ମାଛ ବୋଝେଇ ଟ୍ରକ୍ (ନଂ. ଏପି ୩୭ ୱାଇ ୩୦୬୯) ବ୍ରିଜରୁ ଖସି ଜଳିଯାଇଛି। ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର ଗାଡ଼ିରୁ ଡେଇଁ ପଡ଼ିଥିବାରୁ ସେମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଆନ୍ଧ୍ରରୁ କଲିକତା ଯାଉଥିବା ଟ୍ରକ୍‌ଟି ବ୍ରେକ୍‌ଫେଲ ହୋଇଯିବାରୁ ବ୍ରିଜ ତଳକୁ ଖସି ଯାଇଥିଲା। ଫଳରେ କୌଣସି କାରଣରୁ ସେଥିରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଏନ୍‌ଏଚ୍‌ରେ ପାଟ୍ରୋଲିଂ କରୁଥିବା ଏସ୍‌ଆଇ ମୃତ୍ୟୁଞ୍ଜୟ ତ୍ରିପାଠୀ ଏବଂ ଖଲ୍ଲିକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପରେ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା।

**ସଂକ୍ଷେପରେ**

## କମ୍ପାନୀ ଗେଷ୍ଟ ହାଉସ୍‌ରୁ ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ଜବତ

ମୁନିଗୁଡ଼ା,୨୨।୬(ଡି.ଏନ୍.ଏ.): ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅଧୀନ ସିନେମା ହଲ୍ ନିକଟସ୍ଥ ମେଟ୍‌ସୋ କମ୍ପାନୀ ଗେଷ୍ଟ ହାଉସ୍‌ରୁ ଜଣେ ଯୁବ ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ବୁଧବାର ଜବତ କରାଯାଇଛି। ସେ ଗେଷ୍ଟ ହାଉସ୍‌ରେ ବେକରେ ଟାୱେଲ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଇଞ୍ଜିନିୟର ଜଣକ ହେଲେ ଝାଡ଼ଖଣ୍ଡର ବୀରେନ୍ଦ୍ର କୁମାର ଶର୍ମା। ସୂଚନା ଅନୁଯାୟୀ, ବୀରେନ୍ଦ୍ର ମେଟ୍‌ସୋ(ମେଣ୍ଟେନାନ୍ସ କମ୍ପାନୀ)ରେ ଇଞ୍ଜିନିୟର ଥିଲେ। ସେ ମାସେ ହେଲା ଲାଞ୍ଜିଗଡ଼ ସାଇଟ୍‌ରେ ଯୋଗଦେଇଥିଲେ। ପରିବାର ଲୋକେ ଝାଡ଼ଖଣ୍ଡରେ ଥିବାବେଳେ ମୁନିଗୁଡ଼ାସ୍ଥିତ କମ୍ପାନୀ ଗେଷ୍ଟ ହାଉସ୍‌ରେ ସେ ଏକା ରହୁଥିଲେ। ପ୍ରତିଦିନ ଭଳି କାର୍ଯ୍ୟସ୍ଥଳକୁ ଯିବା ପାଇଁ ସହକର୍ମୀମାନେ ବୀରେନ୍ଦ୍ରଙ୍କୁ ଡାକିବାକୁ ଆସିଥିବାବେଳେ ସେ କବାଟ ଖୋଲି ନ ଥିଲେ। ସନ୍ଦେହ ହେବାରୁ କବାଟ କୋଣରୁ ଦେଖିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବୀରେନ୍ଦ୍ର ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଘଟଣା ବିଷୟରେ ଜାଣିବା ପରେ କମ୍ପାନୀ ଇନ୍‌ଚାର୍ଜ ମୁନିଗୁଡ଼ା ଥାନା ପୋଲିସକୁ ଜଣାଇଥିଲେ। ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ଆଇଆଇସି ସୁଜ୍ଞାନୀ ସାହୁ ପୋଲିସ ଟିମ୍ ସହ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଜବତ କରିଛନ୍ତି। ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ବୀରେନ୍ଦ୍ର କାମ ସାରି ମଙ୍ଗଳବାର ରୁମ୍‌କୁ ଫେରିଥିବାବେଳେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ ତଦନ୍ତ ଚାଲିଥିବା ପୋଲିସ ପ୍ରକାଶ କରିଛି।

## ସୀମାନ୍ତରେ ପୋଲିସ ଗୁଳିରେ ମାଓବାଦୀ ମୃତ

ମାଲକାନଗିରି,୨୨।୬(ଡି.ଏନ.ଏ.): ମାଲକାନଗିର ଜିଲା ସୀମାନ୍ତ ଛତିଶଗଡର ବିଜାପୁର ପୋଲିସ ଗୁଳିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳିନାହିଁ। ଖବରରୁ ଜଣାପଡିଛି, ବିଜାପୁର ଜିଲାର କୁଡନେର ଗ୍ରାମ ନିକଟରେ ବୁଧବାର ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଥିଲା। ଏହି ସମୟରେ ଭୈରମଗଡ ଏରିଆ କମିଟି ମାଓବାଦୀମାନେ କୁଡନେର ଗ୍ରାମ ନିକଟସ୍ଥ ଜଙ୍ଗଲରେ କ୍ୟାମ୍ପ କରିଥିବା ଖବର ମିଳିଥିଲା। ତୁରନ୍ତ ଜିଲା ପୋଲିସ ଏବଂ ଡିଆର୍‌ଜି ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ କରି ଦେଇଥିଲେ। ଜଙ୍ଗଲରେ ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଉଭୟପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ପରେ ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଘଟଣାସ୍ଥଳ ତଲାସୀ ବେଳେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା। ସେଠାରୁ ଗୋଟିଏ ବନ୍ଧୁକ ମଧ୍ୟ ଜବତ ହୋଇଛି।




ଭାଟିକାନ୍ ସିଟିରେ ପୋପ୍ ଫ୍ରାନ୍‌ସିସ୍‌ଙ୍କୁ ପଟ୍ଟଚିତ୍ର ଉପହାର ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଗସ୍ତରେ ମୁଖ୍ୟମନ୍ତ୍ରୀଙ୍କ ଗହଣରେ ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀ ଶୁଭେଚ୍ଛୁ।

# ‘ଜଗନ୍ନାଥ ଦେଶର ଲୋକେ ଉଦାର ହୁଅନ୍ତୁ’

## ଜାତୀୟ ଲୋକମେଳା ଓ କୃଷିମେଳାର ୩ୟ ଦିବସ

ପୁରୀ ଅଫିସ,୨୨।୬

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଇଙ୍ଗିତରେ ସବୁ ପରିଚାଳିତ। ଭାରତ ବର୍ଷରେ ଏବେ ଏଭଳି ଏକ ସମୟ ଆସି ପହଞ୍ଚିଛି, ଯେତେବେଳେ ଦେଶପ୍ରେମକୁ ପ୍ରମାଣିତ କରିବାକୁ ପଡୁଛି। ଏକଦା ମୁସଲମାନ ଶାସିତ ଏହି ଭୂଖଣ୍ଡକୁ ମଧ୍ୟ ହିନ୍ଦୁସ୍ତାନ ବୋଲି କୁହାଯାଉଥିଲା। ଇତିହାସ ସମ୍ପର୍କରେ ଆମେ କେତେ ଅବା ଜାଣିଛେ। ଆମେ ସମସ୍ତେ ଜଗନ୍ନାଥ ଦେଶର ବାସିନ୍ଦା, ଜଗନ୍ନାଥଙ୍କ ସନ୍ତାନ। ଏକ ଭୌଗୋଳିକ ସୀମାରେଖା ମଧ୍ୟରେ ଭାରତକୁ ବାନ୍ଧି ରଖିବା ସମ୍ଭବପର ନୁହେଁ। ଶ୍ରୀଜଗନ୍ନାଥ ମାନଚିତ୍ରରେ ସୀମିତ ନୁହନ୍ତି। ଜଗନ୍ନାଥ ଦେଶର ଲୋକେ ଉଦାର ହେବା ଦରକାର। ଧର୍ମୀୟ ଭେଦଭାବରୁ ଉର୍ଦ୍ଧ୍ୱକୁ ଉଠିବା ଉଚିତ ବୋଲି ବୁଧବାର ପୁରୀ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଆୟୋଜିତ ବିଂଶତମ ଜାତୀୟ ଲୋକମେଳା ଓ ତ୍ରୟୋଦଶ କୃଷିମେଳାର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ କହିଛନ୍ତି।

ମୁଖ୍ୟ ଅତିଥି ସତପଥୀ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରି କହିଥିଲେ, ଏହି ମାଟିରେ ଯିଏ ଜନ୍ମ ନେଇଛି, ସେ ଜଗନ୍ନାଥଙ୍କ ସନ୍ତାନ। ଦେଶର କୋଣ ଅନୁକୋଣର ଲୋକେ ମଧ୍ୟ ଜଗନ୍ନାଥଙ୍କ ସନ୍ତାନ। ଏହି ମାଟିରେ ସବୁ ଭାଷା, ସଂସ୍କୃତି, ସଙ୍ଗୀତ, ନୃତ୍ୟ ଓ ଧର୍ମକୁ ଏକ ଭାବେ ମନେ କରିବା ଦରକାର। ସମଗ୍ର ଭାରତ ବର୍ଷରେ ଏଭଳି ଚେତନା ପ୍ରଭାବିତ ହେଲେ ଆମ ସମାଜର ବୌଦ୍ଧିକ ବିକାଶ ହେବ ଓ ଆମେ ଉର୍ଦ୍ଧ୍ୱଗାମୀ ହୋଇପାରିବା ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ହାଣ୍ଡିକ୍ରାଫ୍ଟ ସର୍ଭିସ୍ ସେଣ୍ଟରର ସହାୟକ ନିର୍ଦ୍ଦେଶକ ଏ.କେ. ହୋତା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ, ପୁରୀ ପୌରପାଳିକାର ଓଏସ୍‌ଡି ସନ୍ତୋଷ କୁମାର ମହାନ୍ତି ଏବଂ ପୁରୀସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ପରିଚାଳନା ନିର୍ଦ୍ଦେଶିକା ପଲ୍ଲୀ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ମୁଖ୍ୟ ଅତିଥି ସତପଥୀ ଲୋକମେଳା ଓ କୃଷିମେଳା ବୁଲି ଦେଖିଥିଲେ। ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ, ନ୍ୟାଶନାଲ୍ ହର୍ଟିକଲଚର ବୋର୍ଡ, ନାବାର୍ଡ, କୋକାନଟ୍ ଡେଭଲପମେଣ୍ଟ ବୋର୍ଡ, ନ୍ୟାଶନାଲ୍ କଫି ବୋର୍ଡ ପ୍ରଭୃତିରେ ଷ୍ଟଲ ଖୋଲାଯାଇଛି। ଏହି ଅବସରରେ ମଞ୍ଚରେ ହରିୟାଣାର ବମ୍ବ ଲୋହରୀ, ସମ୍ବଲପୁରର ଡାଲଖାଇ, ଆସାମର ବୋହାଗ୍ ବିହୁ, ମହାରାଷ୍ଟ୍ରର ଲୱଣି, ମଧ୍ୟପ୍ରଦେଶର ସୈଲା, ସମ୍ବଲପୁରର ଚୁଟକୁଚୁଟା, ଅରୁଣାଚଳ ପ୍ରଦେଶର ରିଖମ୍‌ପାଦା ଓ ଯୁଯୁଯାଯା, ଛତିଶଗଡ଼ର ପନ୍ଥୀ, ଆନ୍ଧ୍ରପ୍ରଦେଶର ତାପ୍ପିଟେ ଗୁଲ୍ଲୁ, ପଶ୍ଚିମବଙ୍ଗର ରାଏଁ ବେଁ ସେଁ ଏବଂ ହରିୟାଣାର ବନ୍ଦଡ଼ି ନୃତ୍ୟ ପରିବେଷଣ ହୋଇଥିଲା। ସୂଚନାଯୋଗ୍ୟ, ଏହି ମେଳା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୨୨ଟି ରାଜ୍ୟର ୫୫୦ କଳାକାର ଯୋଗଦେଇ କଳା ପ୍ରଦର୍ଶନ କରୁଛନ୍ତି।



ପୁରୀ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଆୟୋଜିତ ଜାତୀୟ ଲୋକକଳା ଏବଂ କୃଷି ମେଳାର ତୃତୀୟ ସନ୍ଧ୍ୟାର ମୁଖ୍ୟ ଅତିଥି ତଥା ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଏବଂ ସମ୍ମାନିତ ଅତିଥିଙ୍କ ଗହଣରେ ଲୋକକଳା ପ୍ରଦର୍ଶନ କରୁଥିବା କଳାକାର।



କୃଷିମେଳାରେ ବୁଲି ଅଧିକାରୀଙ୍କ ସହ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଆଲୋଚନା କରୁଛନ୍ତି।

## ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା

ଭୁବନେଶ୍ୱର,୨୨।୬(ବ୍ୟୁରୋ)



**ଅଭିନେତ୍ରୀ ରଶ୍ମିରେଖାଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା**

- କାରଣକୁ ନେଇ ପୋଲିସର ଖୋଳତାଡ଼
- ଦୁଇ ପୁରୁଷ ବନ୍ଧୁଙ୍କ ଜେରାରୁ ମିଳିପାରେ ମୃତ୍ୟୁ ପଛର ରହସ୍ୟ

ଅଭିନେତ୍ରୀ ରଶ୍ମିରେଖା ଓଝା ଓରଫ ସୋନି(୨୨)ଙ୍କ ରହସ୍ୟଜନକ ମୃତ୍ୟୁ ଉପରୁ ୫ଦିନ ପରେ କିଛିଟା ପରଦା ଉଠିଛି। ବ୍ୟବଚ୍ଛେଦ ରିପୋର୍ଟରୁ ରଶ୍ମିରେଖା ଆତ୍ମହତ୍ୟା କରିଥିବା କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଝୁଲନ୍ତା ଅବସ୍ଥାରେ ହିଁ ରଶ୍ମିରେଖାଙ୍କର ଜୀବନ ଯାଇଛି। ତାଙ୍କ ଶରୀରରେ ବାହ୍ୟ ଓ ଆଭ୍ୟନ୍ତରୀଣ କ୍ଷତ ନାହିଁ। ମୃତଦେହ ବ୍ୟବଚ୍ଛେଦ ହେବାର ୨୪ରୁ ୩୬ ଘଣ୍ଟା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ ରଶ୍ମିରେଖା ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଥିବାବେଳେ ଏହା ପଛର କାରଣ କ’ଣ ଜାଣିବାକୁ ପୋଲିସ ଖୋଳତାଡ଼ ଜାରି ରଖିଛି। ତାଙ୍କ ଜୀବନରେ ଘଟିଥିବା କିଛି ଘଟଣା ସମ୍ପର୍କରେ କେତେକ ତଥ୍ୟ ପୋଲିସର ହସ୍ତଗତ ହୋଇଛି, ଯେଉଁଥିପାଇଁ ସେ ଏପରି ଚରମ ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ଏଣିକି ତଦନ୍ତର ଫୋକସ୍ ତାହା ଉପରେ ରହିବ ବୋଲି ଜଣାପଡିଛି। କାରଣ ପୁରୁଷ ବନ୍ଧୁ ସନ୍ତୋଷଙ୍କ ସହ ସେ ୨ ମାସ ହେବ ନୟାପଲ୍ଲୀ ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଏହା ଭିତରେ ଦ୍ୱିତୀୟ ପୁରୁଷ ବନ୍ଧୁ ରାଜାଙ୍କ ସହ ସମ୍ପର୍କକୁ ନେଇ ଏକ ଅଡ଼ିଓ ଭାଇରାଲ ହେଉଛି। ସେଥିରେ ରଶ୍ମିରେଖାଙ୍କ ସହ ସନ୍ତୋଷ ଫୋନ୍‌ରେ କଥା ହେବାବେଳେ ରାଜାଙ୍କ ସମ୍ପର୍କ କଥା ଉଠୁଛି। ଏପଟେ ରାଜାଙ୍କ ସହ ସମ୍ପର୍କକୁ ନେଇ ସନ୍ତୋଷ ସନ୍ଦେହ କରୁଥିଲେ ବୋଲି ରଶ୍ମିରେଖାଙ୍କ ମା’ ରଞ୍ଜିତା କହିଛନ୍ତି। ତେଣୁ ଏହି କାରଣ ପାଇଁ ସନ୍ତୋଷଙ୍କ ଓ ରଶ୍ମିରେଖାଙ୍କ ମଧ୍ୟରେ କିଛି ଝଗଡ଼ା ହୋଇଥିଲା କି? ଆତ୍ମହତ୍ୟା କରିବାକୁ ସନ୍ତୋଷ ପ୍ରବର୍ତ୍ତାଇଥିଲେ କି? ଆତ୍ମହତ୍ୟାର ୩ ଦିନ ପୂର୍ବରୁ ରଶ୍ମିରେଖାଙ୍କୁ ଛାଡ଼ି ସନ୍ତୋଷ କାହିଁକି ପଳାଇଥିଲେ? ଏଭଳି ବିଭିନ୍ନ ପ୍ରଶ୍ନକୁ ନେଇ ସାଧାରଣରେ ନାନା ଆଲୋଚନା ହେଉଛି। ତେଣୁ ଆତ୍ମହତ୍ୟାର କାରଣ ସମ୍ପର୍କରେ ସ୍ପଷ୍ଟ ହେବା ଲାଗି ପୋଲିସ ରଶ୍ମିରେଖାଙ୍କ ୨ ପୁରୁଷ ବନ୍ଧୁଙ୍କୁ ଜେରା କରିବାକୁ ଥାନାକୁ ଡ଼କାଇଛି। ଜେରାପରେ ଆଉ କିଛି ଅଛପା କଥା ସାମ୍ନାକୁ ଆସିବ ବୋଲି କମିଶନରେଟ ପୋଲିସ ଆଶା ରଖିଛି।

ସୂଚନା ଅନୁଯାୟୀ, ରଶ୍ମିରେଖାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଙ୍କେତପାଟଣା ଗ୍ରାମରେ। ସେ ୨ ମାସ ହେବ ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଡ଼ସାହିସ୍ଥିତ ଏକ ଭଡ଼ାଘରେ ପୁରୁଷ ବନ୍ଧୁ ସନ୍ତୋଷଙ୍କ ସହ ରହୁଥିଲେ। ଶନିବାର ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ସମ୍ପର୍କରେ ପୁରୁଷ ବନ୍ଧୁ ସନ୍ତୋଷଙ୍କଠାରୁ ଖବର ପାଇ ପରିବାର ଲୋକେ ବିଳମ୍ବିତ ରାତିରେ ଭୁବନେଶ୍ୱରରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ଉକ୍ତ ଘର ତାଲା ଭାଙ୍ଗି ଫ୍ୟାନ୍‌ରେ ଝୁଲୁଥିବା ଅବସ୍ଥାରେ ରଶ୍ମିରେଖାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୂର୍ବତନ ମୁଖ୍ୟ କିରାଣିଙ୍କୁ ବାନ୍ଧିଲା ଭିଜିଲାନ୍ସ

ଯାଜପୁର ଟାଉନ/ବିଞ୍ଝାରପୁର,୨୨।୬(ଡି.ଏନ.ଏ.)

**ଯାଜପୁର ତହସିଲର ୪ କୋଟି ୯୫ ଲକ୍ଷ ଟଙ୍କା ଦୁର୍ନୀତି ମାମଲା**



ଅଜୟ କୁମାର ସାହୁ

ଯାଜପୁର ତହସିଲରେ ୪ କୋଟି ୯୫ ଲକ୍ଷ ଟଙ୍କା ଦୁର୍ନୀତି ଘଟଣାରେ ଯାଜପୁର ଭିଜିଲାନ୍ସ ପୂର୍ବତନ ମୁଖ୍ୟ କିରାଣି ଅଜୟ କୁମାର ସାହୁଙ୍କୁ ବୁଧବାର ଗିରଫ କରିଛି। ସାହୁ ଏବେ ବିଞ୍ଝାରପୁର ତହସିଲରେ ସେକ୍ସନ ଅଫିସର ଅଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ନାଜିର ରଜତ କୁମାର ରାଉତରାୟଙ୍କୁ ଗତ ୭ ତାରିଖରେ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଥିଲା। ରଜତ ୬ବର୍ଷ ହେଲା ଫେରାର ଥିଲେ। ସେ ମୋବାଇଲ ନମ୍ବର ବଦଳାଇବା ସହ ନାମ ପରିବର୍ତ୍ତନ କରି ରଜତ ମହାପାତ୍ର ନାମରେ ଦ୍ୱିତୀୟ ସ୍ତ୍ରୀଙ୍କ ସହିତ କଟକ ସିଡିଏରେ ଆତ୍ମଗୋପନ କରିଥିଲେ। ଭିଜିଲାନ୍ସ ଟିମ୍ ବାରମ୍ବାର ଉଦ୍ୟମ କରି ମଧ୍ୟ ରଜତଙ୍କ ପତ୍ତା ପାଉ ନ ଥିଲା। ଫଳରେ ତାଙ୍କୁ ଧରିବା ପାଇଁ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଭୋର ସମୟରେ ରଜତ ରହୁଥିବା ଭଡ଼ାଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ମାତ୍ର ଅନ୍ଧାର ସୁଯୋଗରେ ସେ ଖସିଯିବାକୁ ବସିଥିବାବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଥିଲେ। ୨୦୦୬ରୁ ୨୦୧୬ ମଧ୍ୟରେ ଯାଜପୁର ତହସିଲରେ ବିଭିନ୍ନ ବିଭାଗରୁ ଆଦାୟ ହୋଇଥିବା ରାଜସ୍ୱରୁ ଉପରୋକ୍ତ ଟଙ୍କା ହଡ଼ପ ହୋଇଥିଲା। ଏନେଇ ଭିଜିଲାନ୍ସରେ ନଂ.୭/୨୧ରେ ମାମଲା ଚାଲୁ ରହିଛି।

## ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ଆକାଉଣ୍ଟରୁ ୪୬ ଲକ୍ଷ ହଡ଼ପ

**ଜଗତ୍‌ସିଂହପୁର ଅଫିସ, ୨୨।୬:** ଜଗତ୍‌ସିଂହପୁର ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ଆକାଉଣ୍ଟରୁ ୪୬,୧୨,୯୦୦ ଟଙ୍କା ହଡ଼ପ ହୋଇଛି। ଏହି ଟଙ୍କା ଜାଲ୍ ଚେକ୍ ବଳରେ ଉଠାଯାଇଛି। ବ୍ୟାଙ୍କ ଅଫ ବରୋଦାର ଜଗତ୍‌ସିଂହପୁର ଶାଖାରୁ କୋଲକାତାସ୍ଥିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ଆର୍‌ଟିଜିଏସ୍‌ରେ ଟଙ୍କା ଯିବା ପରେ ର୍‍ୟାକେଟ୍ ସଦସ୍ୟମାନେ ଚଞ୍ଚକତା ପୂର୍ବକ ୨ ଦିନ ଭିତରେ ସବୁ ଟଙ୍କା ଉଠାଇବାକୁ ସମର୍ଥ ହୋଇଛନ୍ତି। ତେବେ ବ୍ୟାଙ୍କ ଅଫ ବରୋଦାର ସ୍ଥାନୀୟ ଶାଖା ପକ୍ଷରୁ ଜଗତ୍‌ସିଂହପୁର ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରାଯିବାରୁ ସବୁ ସତ ପଦାକୁ ଆସିଥିଲା। ବାସ୍ତବରେ ଚେକ୍ ଲଗାଯାଇ ନାହିଁ। ହେଲେ ସମାନ ଦସ୍ତଖତ ଥିବା ଚେକ୍ କିପରି ପ୍ରସ୍ତୁତ ହୋଇପାରିଲା, ତାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ବ୍ୟାଙ୍କ ଅଫ ବରୋଦା ସ୍ଥାନୀୟ ଶାଖାରେ ଜଗତ୍‌ସିଂହପୁର ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ନାମରେ ନଂ. ୩୫୪୧୦୧୦୦୦୦୬୮୧୯ ଆକାଉଣ୍ଟ ରହିଛି। ସେ ୧୩।୪।୨୨ରେ ଏକ ଚେକ୍ ବହି ନେଇଥିଲେ, ଯେଉଁଥିରେ ଚେକ୍ ନମ୍ବର ୧୧୬ରୁ ୧୩୦ ଅର୍ଥାତ୍ ୧୫ଟି ଚେକ୍ ଥିଲା। କିନ୍ତୁ ୧୭।୬।୨୨ରେ ଚେକ୍ ନଂ. ୦୦୦୧୧୯ ବ୍ୟବହାର କରି ଆର୍‌ଟିଜିଏସ୍ ବଳରେ ରୁମା ଟେଲିକମ୍ ୪୬,୧୨,୯୦୦ ଟଙ୍କା ଉଠାଣ ପାଇଁ ଉଦ୍ୟମ କରିଥିଲା। ରୁମାର କୋଲକାତାସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଆକାଉଣ୍ଟ ନଂ. ୨୩୧୫୦୨୦୦୦୦୦୦୩୪୦କୁ ଏହି ଟଙ୍କା ଯିବାକୁ ଚେକ୍ ଲାଗିଥିଲା। ଯେହେତୁ ଏତେ ଟଙ୍କା ତେଣୁ ବ୍ୟାଙ୍କ ପକ୍ଷରୁ ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ସହ ତାଙ୍କ ମୋବାଇଲ ନଂ. ୯୪୩୭୯୨୬୨୭୭ରେ ଯୋଗାଯୋଗ ପାଇଁ ଚେଷ୍ଟା ହୋଇଥିଲା। କିନ୍ତୁ ସଂଯୋଗ ହୋଇପାରି ନ ଥିଲା। ତା’ର ୧୦ ମିନିଟ୍ ପରେ ସେହି ନମ୍ବରରୁ ବ୍ୟାଙ୍କକୁ କଲ୍ ଆସିଥିଲା ଏବଂ ସେ ଟଙ୍କା ଉଠାଇବାକୁ ଚାହୁଁଥିବା ସ୍ପଷ୍ଟ କରିଥିଲେ। ଯେହେତୁ ଦସ୍ତଖତ ମିଶିଯାଉଥିଲା, ତେଣୁ ବ୍ୟାଙ୍କର ସନ୍ଦେହ ରହି ନ ଥିଲା। ଦିନ ପ୍ରାୟ ୧୧ଟାରେ ଆର୍‌ଟିଜିଏସ୍‌ରେ ସମସ୍ତ ଟଙ୍କା ଟ୍ରାନ୍ସଫର କରି ଦିଆଯାଇଥିଲା। ତା’ର ୧୫ ମିନିଟ୍‌ରେ ପ୍ରଥମେ ୯ ଲକ୍ଷ, ପରେ ୧୨ ଲକ୍ଷ ଟଙ୍କା କୋଲକାତାସ୍ଥିତ ଆଇସିଆଇସିଆଇର ଏକ ଆକାଉଣ୍ଟକୁ ଚାଲି ଯାଇଥିଲା। ୧୮ ତାରିଖରେ ଆର୍‌ଟିଜିଏସ୍‌ରେ ୨୪ ଲକ୍ଷ ଯାଇଥିଲା। ଅବଶିଷ୍ଟ ଟଙ୍କା ଏଟିଏମ୍ ମାଧ୍ୟମରେ ୪ଥରରେ ଉଠାଣ କରାଯାଇଥିଲା। ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ବୁଧବାର ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହୋଇଛି।



## ୪ ମୋବାଇଲ ଜବତ, ଜଣେ ଗିରଫ

ଭୁବନେଶ୍ୱର (ବ୍ୟୁରୋ): ଚୋରା ମୋବାଇଲ ଫୋନକୁ ବିକ୍ରି ଉଦ୍ୟମ କରୁଥିବାବେଳେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ହରେକୃଷ୍ଣ ନଗର ବସ୍ତିରେ ରହୁଥିବା ଗଞ୍ଜାମର କାର୍ତ୍ତିକ ପ୍ରଧାନ (୨୮)। ତାଙ୍କଠାରୁ ମୋଟ ୪ଟି ବିଭିନ୍ନ କମ୍ପାନୀର ଚୋରା ମୋବାଇଲ ଫୋନ ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୧୩/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ତାଙ୍କ ନାମରେ ପୂର୍ବରୁ ଚନ୍ଦ୍ରଶେଖରପୁର ଥାନାରେ ଏକ ବେଆଇନ ମଦ ବିକ୍ରି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡିଛି।

## ସଂକ୍ଷେପରେ

### ଆକ୍ରମଣ କରି ଲୁଟ୍, ୨ ଗିରଫ

ଭୁବନେଶ୍ୱର, ୨୨।୬(ବ୍ୟୁରୋ): ଆକ୍ରମଣ କରି ଲୁଟ୍ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଜିଲାର ସୁବ୍ରତ କୁମାର ଶ୍ରୀଚନ୍ଦନ (୨୪) ଓ ସିଲୁ ମିଶ୍ର (୨୬)। ସେମାନଙ୍କଠାରୁ ୨ଟି ମୋଟରସାଇକେଲ ଓ ନଗଦ ୫୦୦ ଟଙ୍କା ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ.୨୦୫/୨୨) ରୁଜୁ କରି ବୁଧବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ସେମାନଙ୍କୁ ଜାମିନ ମିଳିଯାଇଥିବା ମଞ୍ଚେଶ୍ୱର ଥାନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୋଗକାରୀ ଭିକି ଦାସ ଓ ତାଙ୍କ ବନ୍ଧୁ ରମେଶ କୁମାର ମାଝି କଟକ ଏସସିବିରୁ ଭୁବନେଶ୍ୱର ଫେରୁଥିବାବେଳେ ଅଭିଯୁକ୍ତଦ୍ୱୟ ସହଯୋଗୀଙ୍କ ସହ ତାଙ୍କୁ ପାଣ୍ଡରା ନିକଟରେ ଅଟକାଇ ଆକ୍ରମଣ କରିବା ସହ ୧୫୦୦ ଟଙ୍କା ନେଇଯାଇଥିଲେ। ଏନେଇ ଭିକି ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ସେମାନଙ୍କୁ କାବୁ କରିଥିଲା।

### ଦୋକାନ ନ ଖୋଲିବାରୁ ଦୋକାନୀଙ୍କୁ ମାଡ, ୨ ଗିରଫ

ଭୁବନେଶ୍ୱର, ୨୨।୬(ବ୍ୟୁରୋ): ଦୋକାନ ନ ଖୋଲିବାରୁ ଦୋକାନୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା କଟକର ସୌମ୍ୟରଞ୍ଜନ ପଣ୍ଡା ଓ ନୟାଗଡର ବିନୟ ବେହେରା। ଏନେଇ ପୋଲିସ ମାମଲା (ନଂ.୨୭୯/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ଶହୀଦନଗର ଥାନା ଅନ୍ତର୍ଗତ ଏସ୍ପ୍ଲାନେଡ୍ ମଲ୍ ନିକଟରେ ପ୍ରବୋଧ ମହାନ୍ତିଙ୍କର ଏକ ପାନ ଦୋକାନ ରହିଛି। ଗତକାଲି ସେ ଦୋକାନ ବନ୍ଦ କରି ରାତି ୧୦ଟାରେ ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଅଭିଯୁକ୍ତଦ୍ୱୟ ଦୋକାନ ଖୋଲି ସିଗାରେଟ ମାଗିଥିଲେ। ହେଲେ ଦୋକାନ ବନ୍ଦ କରିସାରିଲିଣି କହି ମନା କରିବାକୁ ତାଙ୍କୁ ଅଭିଯୁକ୍ତ ସୌମ୍ୟରଞ୍ଜନ ଓ ବିନୟ ମାଡ଼ ମାରିଥିଲେ।

### ନୃତ୍ୟ ନୈବେଦ୍ୟ ଓଡ଼ିଶୀ ମହୋତ୍ସବ

ଭୁବନେଶ୍ୱର,୨୨।୬(ବ୍ୟୁରୋ): ନୃତ୍ୟନୈବେଦ୍ୟ ଅନୁଷ୍ଠାନ ଦ୍ୱାରା ବୁଧବାର ଭଞ୍ଜକଳା ମଣ୍ଡପଠାରେ ନୃତ୍ୟ ନୈବେଦ୍ୟ ଓଡ଼ିଶୀ ମହୋତ୍ସବ ୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ କବି ଶଙ୍କର ପରିଡ଼ା, ପଦ୍ମଶ୍ରୀ ଅରୁଣା ମହାନ୍ତି, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଡ୍ୟାନ୍ସ କ୍ରିଟିକ ମୁଖ୍ୟ ଅଧିକାରୀ ଶ୍ୟାମହରି ଚକ୍ର, ଗୁରୁ ପ୍ରଭାତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମାତୃ ପ୍ରସାଦ ଦାସ ଓଡ଼ିଶୀ ସଙ୍ଗୀତରେ ଲୋକନାଥ ପଟ୍ଟନାୟକଙ୍କ ରଚନା ଏବଂ ଗୁରୁ ରାମହରି ଦାସଙ୍କ ନିର୍ଦ୍ଦେଶନାରେ ରାଗ କେଦାରଗୌରୀ ତାଳ ଏବଂ ତାଳିରେ ନିବେଦ୍ୟ ସଙ୍ଗୀତ ଉପସ୍ଥାପିତ କରିଥିଲେ। ଦ୍ୱିତୀୟରେ ବିଶ୍ୱରୀପା ଦୀକ୍ଷିତଙ୍କ ଦ୍ୱାରା ହୀଡ଼ିମ୍ବି , ପ୍ରତାପ ବାରିକଙ୍କ ଦ୍ୱାରା ପ୍ରକୃତି ପୁରୁଷ ଓ ଶେଷରେ ସଙ୍ଗୀତା ଛୋଟରାୟଙ୍କ ଦ୍ୱାରା ବିଳାହାରୀ ପଲ୍ଲବୀ ପରିବେଷିତ ହୋଇଥିଲା। ଗୁରୁ ଧନେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଧରାତିରେ ବାଣ ଫୁଟାଇଲେ, ପୋଲିସକୁ ଗାଳି କଲେ

ପୁରୁଣା ଭୁବନେଶ୍ୱର,୨୨।୬(ଡି.ଏନ୍.ଏ.): ଅଧରାତିରେ ବାଣ ଫୁଟାଇବା ସହ ପୋଲିସକୁ ଗାଳିଗୁଲଜ କରିବା ୫ଜଣ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଶେଷରେ ଉକ୍ତ ଯୁବକଙ୍କଠାରୁ ଫାଇନ କାଟି ଜରିମାନା ଆଦାୟ କରି ଛାଡ଼ି ଦେଇଛି। ଏହି ଘଟଣାଟି ପୁରୁଣା ଭୁବନେଶ୍ୱରର ବିନ୍ଦୁ ସାଗରର ଉତ୍ତର ପୂର୍ବ ଘାଟରେ ଘଟିଛି। ମଙ୍ଗଳବାର ବିଳମ୍ବିତ ରାତିରେ ବିନ୍ଦୁ ସାଗର ନିକଟରେ ୫ଜଣ ଯୁବକ ଉଚ୍ଚ ଶବ୍ଦ ବିଶିଷ୍ଟ ବାଣ ଫୁଟାଇ ପାର୍ଟି କରୁଥିଲେ। ଏହି ସମୟରେ ପାଟ୍ରୋଲିଂରେ ଥିବା ପୋଲିସ ଦେଖି ସେଠାରୁ ଯିବାକୁ ବାରଣ କରିଥିଲେ। ତଥାପି ସେମାନେ ନ ଯାଇ ବାଣ ଫୁଟାଇବା ସହ ପୋଲିସକୁ ଗାଳିଗୁଲଜ କରିଥିଲେ। ଫଳରେ ପୁଣି ପୋଲିସ ଆସି ୫ଜଣଙ୍କୁ ଉଠାଇ ଲିଙ୍ଗରାଜ ଥାନାକୁ ନେଇଥିଲେ। ହେଲେ ଯୁବକମାନେ ଥାନାରେ ମଧ ପାଣି ପିଇବାକୁ ମାଗି ବୋତଲ ଫୋପାଡ଼ି ଥିଲେ। ପୋଲିସ ସେମାନଙ୍କୁ ୫୦୦ଟଙ୍କା ଲେଖାଏ ଜରିମାନା ଆଦାୟ କରି ଏଭଳି ନ କରାଇବାକୁ ବୁଝାଇ ଛାଡ଼ିଥିଲା।



ଭୁବନେଶ୍ୱରରେ ବୁଧବାର ହୋଇଥିବା ବର୍ଷାରେ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ଜମି ରହିଥିବା ପାଣିରେ କାର୍‌ଗୁଡ଼ିକ ଫସି ରହିଥିବାବେଳେ ଆଣ୍ଠୁଏ ପାଣିରେ ଗାଡ଼ିମୋଟର ଯିବା ଆସିବା କରୁଛି।

# ବର୍ଷାରେ ଉବୁଟୁବୁ ଇସ୍କନ ମନ୍ଦିର ଅଞ୍ଚଳ

## ରାସ୍ତାରେ ପୁଣି ଭାସିଲା କାର୍

ଭୁବନେଶ୍ୱର, ୨୨।୬ (ବ୍ୟୁରୋ)

ଯେତେ କଳ କୌଶଳ ଆପଣାଇଲେ ବି ବଦଳୁନି ଚିତ୍ର। ଅସରାଏ ବର୍ଷାରେ ଜଳାର୍ଣ୍ଣବ ହୋଇପଡୁଛି ରାଜଧାନୀ ଭୁବନେଶ୍ୱରର ଅନେକ ଅଞ୍ଚଳ। ବୈଠକ ପରେ ବୈଠକ ବସୁଛି, ସମସ୍ୟାର ସମାଧାନ ପାଇଁ ଯୋଜନା କରାଯାଇ ବିପୁଳ ଟଙ୍କା ଖର୍ଚ୍ଚ ହେଉଛି, ହେଲେ ବର୍ଷା ଆସିଲେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ବୁଧବାର ହୋଇଥିବା ବର୍ଷାରେ ପୁଣିଥରେ ପୁରୁଣା ପାଠର ପୁନରାବୃତ୍ତି ଘଟିଛି। ନୟାପଲ୍ଲୀସ୍ଥିତ ଇସ୍କନ ମନ୍ଦିର ସମ୍ମୁଖରେ ବର୍ଷାପାଣି ଜମି ରହିବାରୁ ସାଧାରଣ ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅଣ୍ଟାଏ ଉଚ୍ଚର ପାଣି ଜମି ରହିବାରୁ କାର୍ ଭାସିବା ସହ ବାଇକ, ସ୍କୁଟି ଅଧା ବୁଡିଯାଇଥିଲା। ଏପରି କି ବସ୍ ଓ ଅନ୍ୟ କେତେକ ବଡ଼ ଗାଡ଼ି ମଧ ରାସ୍ତାରେ ଫସିଯାଇଥିଲା। ସିଆର୍‌ପି ଛକରୁ ଜୟଦେବ ବିହାର ରାସ୍ତାରେ ପାଣିର ସୁଅ ଚାଲିଥିଲା। ବର୍ଷା ଛାଡିବାର ପ୍ରାୟ ଅଧଘଣ୍ଟା ପରେ ବି ପାଣି ଜମି ରହିଥିଲା। ତେବେ ପୂର୍ବ ଅପେକ୍ଷା କମ୍ ସମୟ ମଧ୍ୟରେ ପାଣି ଛାଡ଼ିଯାଇଥିଲା। ରାଜଧାନୀ ରାଜରାସ୍ତାର ଅବସ୍ଥା ଏପରି ହେଉଥିବାବେଳେ ଅନ୍ୟାନ୍ୟ ଅଞ୍ଚଳର ସ୍ଥିତି କିପରି ଥିବ ତାହା ଅନୁମେୟ ହେଉଛି। ଅପରପକ୍ଷେ ବିଏମ୍‌ସି ପକ୍ଷରୁ ଏହାର ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା କୁହାଯାଉଥିଲେ ମଧ ବାସ୍ତବ ଚିତ୍ରକୁ ଦେଖିଲେ ଯୋଜନା କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ‘ମୋ ବସ୍’ ସେବାକୁ ଜାତିସଂଘ ଆୱାର୍ଡ

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଓଡ଼ିଶାର ସହରାଞ୍ଚଳରେ ସାଧାରଣ ଯାତ୍ରୀଙ୍କୁ ସେବା ଯୋଗାଇ ଆସୁଥିବା ‘ମୋ ବସ୍’କୁ ବୁଧବାର ସମ୍ମାନଜନକ ଜାତିସଂଘ ପୁରସ୍କାର ମିଳିଛି। କ୍ୟାପିଟାଲ ରିଜିଅନ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ)କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କୋଭିଡ୍-୧୯ ମହାମାରୀ ସମୟରେ ବିଶ୍ୱ ସମୁଦାୟକୁ ବିଭିନ୍ନ ସେବା ଯୋଗାଇ ଆସୁଥିବା ଭାରତ, ବ୍ରାଜିଲ୍, କାନାଡା, ଆୟର୍ଲାଣ୍ଡ, ପାନାମା, ଫିଲିପାଇନ୍ସ, ପୋଲାଣ୍ଡ, ସଉଦି ଆରବ, ଥାଇଲାଣ୍ଡ ଏବଂ ୟୁକ୍ରେନ୍‌ର ୧୦ଟି ଉନ୍ନତ ସେବାକୁ ଏହି ବିଶ୍ୱସ୍ତରୀୟ ସମ୍ମାନଜନକ ପୁରସ୍କାର ମିଳିଛି। ଏଥିମଧ୍ୟରେ ଶିଶୁ ସୁରକ୍ଷା, ଉନ୍ନତ ଲିଙ୍ଗଗତ ସମାନତା ଏବଂ ଜଳକ୍ଲିଷ୍ଟ ଲୋକଙ୍କୁ ସୁରକ୍ଷା ଦେବା ଭଳି ଉତ୍ତମ ବ୍ୟବସ୍ଥାକୁ ସାମିଲ କରାଯାଇଛି। ଜାତିସଂଘର ଅର୍ଥନୈତିକ ଓ ସାମାଜିକ ବ୍ୟାପାର ବିଭାଗ ପକ୍ଷରୁ ଭର୍ଚୁଆଲ୍ ଯୋଗେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।

# ‘ବଡ଼ ଆହ୍ୱାନ ହୋଇଛି ମାନସିକ ସ୍ୱାସ୍ଥ୍ୟ ସମସ୍ୟା’




କଟକ ଅଫିସ, ୨୨।୬

ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବର୍ତ୍ତମାନ ସମୟରେ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଯୁବପିଢ଼ି ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା ଭଳି କଠୋର ନିଷ୍ପତ୍ତି ନେଉଛନ୍ତି। ତେଣୁ ଏ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ସଚେତନତା, ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ଏବଂ ପରିବାର ସଦସ୍ୟଙ୍କ ସହଯୋଗରେ ଏଭଳି ସମସ୍ୟାକୁ ସମାଧାନ କରାଯାଇପାରିବ ବୋଲି ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର କ୍ଲିନିକାଲ ସାଇକୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଯଶୋବନ୍ତ ମହାପାତ୍ର କହିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ଶୀର୍ଷକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ କହିଥିଲେ, ମାନସିକସ୍ତରରେ ସୁସ୍ଥ ରହିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ସାମାଜିକ ସମ୍ପର୍କକୁ ସୁଦୃଢ଼ କରିବାକୁ ପଡ଼ିବ। ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଉପଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି। ବିଭିନ୍ନ ପରିସ୍ଥିତିକୁ ସାମ୍ନା କରି ଆଗକୁ ଯିବା ହିଁ ଜୀବନର ଲକ୍ଷ୍ୟ ହେବା ଉଚିତ୍। ପରିବାରବର୍ଗଙ୍କ ସହ ନିଜ ସମସ୍ୟା ବିଷୟରେ ଆଲୋଚନା କରିବା, ନିୟମିତ ଧ୍ୟାନ କରିବା, ବିଭିନ୍ନ ପ୍ରକାରର ବହି ପଢିବା ଏବଂ ବ୍ୟାୟାମ କରିବା ଦ୍ୱାରା ମନରେ ସକାରାତ୍ମକ ମନୋଭାବ ସୃଷ୍ଟି ହୋଇଥାଏ ବୋଲି ସେ କହିଥିଲେ। ମୋ କଲେଜ ଅଭିଯାନ ସଂଯୋଜକ ପ୍ରଫେସର ପ୍ରୀତିରେଖା ଦାସପଟ୍ଟନାୟକ ଉପସ୍ଥିତ ଥିଲେ।

## ସାହିତ୍ୟିକ ପାଖରେ ରାଷ୍ଟ୍ରଗୁରୁ ହେବାର କ୍ଷମତା ରହିଛି

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ସାହିତ୍ୟ ଏବଂ ରାଜନୀତିର ମୂଳ ଲକ୍ଷ୍ୟ ସମୂହ ହିତ। ଜଣେ ସାହିତ୍ୟିକ ପାଖରେ ରାଷ୍ଟ୍ରଗୁରୁ ହେବାର କ୍ଷମତା ରହିଛି। ସାହିତ୍ୟ ସଂସ୍କୃତି ସମାରୋହ ପକ୍ଷରୁ ବୁଧବାର ସୂଚନା ଭବନରେ ଆୟୋଜିତ ‘ଜାତୀୟ ସାହିତ୍ୟ ମହୋତ୍ସବ-୨୦୨୨’ର ଉଦଘାଟନୀ ଅଧିବେଶନରେ ‘ସମ୍ବାଦ’ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି। ସମ୍ମାନିତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମୀ ଉପଦେଷ୍ଟା ବିଜୟାନନ୍ଦ ସିଂହ କହିଛନ୍ତି, ବର୍ତ୍ତମାନ ବିଶ୍ୱରେ ବିଭିନ୍ନ ସଙ୍କଟ ଦେଖା ଦେଇଛି। ଏଭଳି ପରିସ୍ଥିତିରେ ସାହିତ୍ୟ ହିଁ ମନୁଷ୍ୟ ଜାତିକୁ ବଞ୍ଚାଇ ପାରିବ। ଅନ୍ୟତମ ଅତିଥି କବି ରକ୍ଷକ ନାୟକ କହିଛନ୍ତି, ଅନ୍ୟ ଭାଷାର ସାହିତ୍ୟ ଅନୁବାଦ ହୋଇପାରିଲେ ତାହା ପଢ଼ିବା ସହ ଏହା ସାହିତ୍ୟ କ୍ଷେତ୍ରକୁ ସମୃଦ୍ଧ କରି ପାରିବ। ଅନୁଷ୍ଠାନର ଉପଦେଷ୍ଟା ସାହିତ୍ୟିକ ଫଣି ମହାନ୍ତି, ସମ୍ପାଦକ ପ୍ରଣବ ଛୋଟରାୟ, କବି ବିଜୟଲକ୍ଷ୍ମୀ ମହାନ୍ତି ଓ କବି ମାଧୁରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ପଞ୍ଚମ ଅଧିବେଶନରେ ବହୁଭାଷୀ କବିତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଷଷ୍ଠ ଅଧିବେଶନ ତଥା ଉଦ୍‌ଯାପନୀ ଉତ୍ସବରେ ଲୋକସେବା ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିରଞ୍ଜନ ରଥ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଓ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇଥିଲେ। ଇଞ୍ଜିନିୟର ଗୌରଚନ୍ଦ୍ର ମହାପାତ୍ରଙ୍କୁ ସାହିତ୍ୟ ଶିରୋମଣୀ ସମ୍ମାନ ପ୍ରଦାନ ସହ ଅନୁଷ୍ଠାନର ୮୦ଜଣ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା।

# ଡ୍ରେନେଜ୍ ସମସ୍ୟା ଦେଖିଲେ କମିଶନର

## ୧୩ ସମ୍ବେଦନଶୀଳ ସ୍ଥାନରେ ଲାଗିଲା ମୋଟର ପମ୍ପ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଇଁ ଜଳବନ୍ଦୀ ସମସ୍ୟା ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଏବେ ବର୍ଷାଋତୁ ଆସିଯାଇଥିବାରୁ ଯେପରି ସହରରେ ଜଳ ନିଷ୍କାସନ ଠିକ୍ ଭାବେ ହୋଇପାରିବ ଓ କୌଣସି ସ୍ଥାନରେ ଏଭଳି ସମସ୍ୟା ନ ଉପୁଜିବ, ସେଥିପାଇଁ ନବନିଯୁକ୍ତ କମିଶନର ବିଜୟ ଅମୃତା କୁଲାଙ୍ଗେ ଗୁରୁତ୍ୱ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ବୁଧବାର ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଡ୍ରେନେଜ୍ ସମସ୍ୟାର ସମୀକ୍ଷା କରିଛନ୍ତି। ବିଶେଷକରି ନୟାପଲ୍ଲୀ, ଝାରପଡ଼ା ଓ ସତ୍ୟ ନଗର ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ବିଗତ ଦିନରେ ବିଏମ୍‌ସି ପାଇଁ ଅଡୁଆ ସୃଷ୍ଟି କରିଥିବା ନଜିର ରହିଛି। ତେଣୁ କାର୍ଯ୍ୟଭାର ଗ୍ରହଣର ଦିନକ ପରେ ସହରବାସୀଙ୍କ ସମସ୍ୟା ବୁଝିବାକୁ କମିଶନର ସହରର ବିଭିନ୍ନ ଅଞ୍ଚଳ ବୁଲି ଦେଖିଛନ୍ତି।

ଅନ୍ୟପଟେ ମୌସୁମୀଜନିତ ଜଳବନ୍ଦୀ ସମସ୍ୟା ଲାଘବ ପାଇଁ ବିଏମ୍‌ସି ପକ୍ଷରୁ ଚିହ୍ନିତ ୩୧ ସ୍ଥାନର ସୁରକ୍ଷା ସହିତ ୭୫ଟି ବିପଦପୂର୍ଣ୍ଣ ସ୍ଥାନ ଉପରେ ନଜର ରଖାଯାଇଛି। ତେବେ ୧୩ଟି ସମ୍ବେଦନଶୀଳ ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ମୋଟର ପମ୍ପ ଲଗାଯାଇଛି। ନହରକଣ୍ଟାସ୍ଥିତ ଭୋଇସାହି, ହଂସପାଳସ୍ଥିତ ଭୋଇସାହି, ହରିଦାସପୁରସ୍ଥିତ ମୁସଲିମ୍ ସାହି, ବାସୁଦେବନଗର, ଟଙ୍କପାଣି ରୋଡସ୍ଥିତ ସାଇ ମନ୍ଦିର ଅଞ୍ଚଳ, ଶାରଦା ମଠ, ଗାୟତ୍ରୀ ନଗର, ଶବର ସାହି, ଲକ୍ଷ୍ମୀସାଗରସ୍ଥିତ ମାଳିଅନ୍ତା ପୋଖରୀ ଅଞ୍ଚଳ, ପ୍ରଗତିବିହାର, ବରମୁଣ୍ଡା ଶିବ ମନ୍ଦିର, ଶାସ୍ତ୍ରୀନଗରସ୍ଥିତ ହୋଟେଲ ଚାନ୍ସେଲର୍, ଆଇଗିଣିଆସ୍ଥିତ ଫୁଲେଶ୍ୱରୀ ବସ୍ତି, ୟୁନିଟ୍-୮ସ୍ଥିତ ପାଇକ ନଗର ଆଦି ଅଞ୍ଚଳରେ ଏହି ବ୍ୟବସ୍ଥା ହୋଇଛି। ବର୍ଷା ବିପ୍ରାତରେ କୌଣସି ସମସ୍ୟାର ସମାଧାନ ନିମନ୍ତେ ନାଗରିକମାନେ ବିଏମ୍‌ସି ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ତରଫରୁ ରହିଥିବା ଟୋଲ୍ ଫ୍ରି ନମ୍ବର ୧୯୨୯ରେ ଫୋନ୍ କରି ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ନମ୍ବରରେ ଏକକାଳୀନ ଏକାଧିକ ବ୍ୟକ୍ତି ଫୋନ୍ ଗ୍ରହଣ କରିବାର ବ୍ୟବସ୍ଥା (ୱାର୍କ ଷ୍ଟେଶନ) ରହିଥିବାବେଳେ ଜରୁରିକାଳୀନ ପରିସ୍ଥିତିରେ ଏହାକୁ ଅଧିକ ସଂଖ୍ୟାରେ କରାଯିବ। ଫଳରେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଆସୁଥିବା କଲ୍‌କୁ ରେକର୍ଡ କରି ଜଳବନ୍ଦୀ ସ୍ଥାନଗୁଡ଼ିକର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯାଇପାରିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏକ ଡ୍ରେନ୍ ପ୍ରକଳ୍ପ ଦେଖୁଛନ୍ତି।

# ପ୍ରେସ୍ ଲାଉଞ୍ଜରେ ସୂଚନା, ଲୋକସମ୍ପର୍କ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଅବସରରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ସହ ଖବରଦାତା ଓ ଅନ୍ୟମାନେ।

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ବୁଧବାର ସନ୍ଧ୍ୟାରେ ଲୋକସେବା ଭବନଠରେ ଥିବା ପ୍ରେସ୍ ଲାଉଞ୍ଜଠାରେ ବରିଷ୍ଠ ଖବରଦାତାମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ମନ୍ତ୍ରୀ ଜଣେ ସରଳ, ଅମାୟିକ , ଅଭିଜ୍ଞ ତଥା ଲୋକପ୍ରିୟ ବ୍ୟକ୍ତି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ଅଭିହିତ କରିଥିଲେ। ଆବେଦନ କରିଥିବା ଖବରଦାତାମାନଙ୍କୁ ସ୍ୱୀକୃତି ପ୍ରଦାନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ଖବରଦାତାମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ରାଉତ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ସଚିବ ମାନସ ରଞ୍ଜନ ଖୁଣ୍ଟିଆ, ବରିଷ୍ଠ ଖବରଦାତା ସନତ ମିଶ୍ର, ବିମଳ ଭଞ୍ଜଦେଓ, ବୈଷ୍ଣବ ଚରଣ ପରିଡ଼ା, ବିଜୟ ପଣ୍ଡା, ରମେଶ ମହାନ୍ତି, ଗରିଧାରୀ ଲାଲ ଷଡ଼ଙ୍ଗୀ, ସଞ୍ଜୟ ପ୍ରଧାନ, ପ୍ରଦ୍ୟୁମ୍ନ ମହାନ୍ତି, କିଶୋର ମଙ୍ଗରାଜ, ଭାଗବତ ତ୍ରିପାଠୀ, ପାର୍ଥସାରଥି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିଏସ୍ କଲେଜ ୧୯୮୮ ବ୍ୟାଚ୍‌ର ବନ୍ଧୁମିଳନ



ଭୁବନେଶ୍ୱର, ୨୨।୬ (ବ୍ୟୁରୋ)

ସାମନ୍ତ ଚନ୍ଦ୍ର ଶେଖର (ଏସ୍‌ସିଏସ୍) କଲେଜର ୧୯୮୮ ଯୁକ୍ତ ୩ ବାଣିଜ୍ୟ ବିଭାଗ ପ୍ରଥମ ବ୍ୟାଚ୍‌ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ପୁରୀର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଡ. ମହେନ୍ଦ୍ର କୁମାର ମିଶ୍ରଙ୍କ ଉପସ୍ଥିତିରେ ପ୍ରଦୀପ୍ତ କୁମାର ମହାନ୍ତି ଓ ଅଶୋକ କୁମାର ବେହେରାଙ୍କ ସମେତ ଅନ୍ୟ ବନ୍ଧୁମାନେ ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ମନୋରଞ୍ଜନ ପଟ୍ଟନାୟକଙ୍କ ପୌରୋହିତରେ ଅନୁଷ୍ଠିତ ସଭାରେ ଅତୀତ ସ୍ମୃତିକୁ ରୋମନ୍ଥନ କରାଯାଇଥିଲା। ‘ମୋ କଲେଜ’ ଅଭିଯାନରେ ସାମିଲ ହୋଇ ମହାବିଦ୍ୟାଳୟର ସାମଗ୍ରିକ ବିକାଶରେ ସହଯୋଗ କରିବା ପାଇଁ ସମସ୍ତେ ସହମତି ପ୍ରକାଶ କରିଥିଲେ। ପୁରାତନ ଛାତ୍ରଙ୍କ ଏପରି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଡ. ମିଶ୍ର ପ୍ରଶଂସା କରିଥିଲେ।

# ସବୁଜ, ସୁନ୍ଦର ଭୁବନେଶ୍ୱର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ଭୁବନେଶ୍ୱରକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ପାଇଁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ଭୁବନେଶ୍ୱର ଅଭିଯାନ ଆରମ୍ଭ ହୋଇଛି। ବୁଧବାର ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ସିଟି କ୍ଲବ୍ ଓ ୩୮ ନମ୍ବର ୱାର୍ଡ଼ର ସହଯୋଗରେ ଦେବରାୟ କଲେଜ ପରିସରରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶବିତ୍ ଡ. ଭଗବାନ ପ୍ରକାଶ ଯୋଗଦେଇ, ବୃକ୍ଷ ରୋପଣ କରି ପୃଥିବୀକୁ ସୁରକ୍ଷିତ ରଖିବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ବୃକ୍ଷ ରୋପଣ କରିବା ସହିତ ଭୁବନେଶ୍ୱରକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ପାଇଁ ଅଧିକରୁ ଅଧିକ ଗଛ ଲଗାଇବା ଆବଶ୍ୟକ ବୋଲି କହିଥିଲେ। ମେୟର ସୁଲୋଚନା ଦାସ ମହାନଗର ନିଗମ ପକ୍ଷରୁ ସମସ୍ତ କର୍ପୋରେଟରଙ୍କୁ ନେଇ ଆଗାମୀ ଦିନରେ ବ୍ୟାପକ ବୃକ୍ଷରୋପଣ କରାଯିବା ନେଇ ସୂଚନା ଦେଇଥିଲେ। ପ୍ରେରଣା ସଭାପତି ଡ. ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରୋଟାରୀ ଗଭର୍ନର ଯଜ୍ଞାଶିଷ ମହାପାତ୍ର, ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ବିଏମ୍‌ସି ଡେପୁଟି ମେୟର ମଞ୍ଜୁଲତା କହଁର, ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ରୀନା ଘଡ଼ାଇ, ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ୩୮ ନଂ. ୱାର୍ଡ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ଚଳଚ୍ଚିତ୍ର ଅଭିନେତ୍ରୀ ଓ ସାମାଜିକ କର୍ମୀ ସୁଶ୍ରୀ ତୃପ୍ତି ମିରାମ୍ବିକା ସାହୁଙ୍କୁ ‘ସବୁଜ ରାଜକୁମାରୀ ସମ୍ମାନ’ ପ୍ରଦାନ କରାଯାଇଥିଲା। ସେହିପରି ଉପସ୍ଥିତ କର୍ପୋରେଟରମାନେ ବୃକ୍ଷ ରୋପଣ କରିଥିବାବେଳେ ଏହି ଅବସରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅଭିଯାନ ଉଦ୍‌ଘାଟନ ଅବସରରେ ଅତିଥିମାନେ ବୃକ୍ଷରୋପଣ କରୁଛନ୍ତି।

## ତୃପ୍ତି ମିରାମ୍ବିକା ସାହୁଙ୍କୁ ‘ସବୁଜ ରାଜକୁମାରୀ ସମ୍ମାନ’

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଉତ୍କଳିକା ପକ୍ଷରୁ ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ,ଏକାମ୍ର ହାଟ, ଅପରାହ୍ନ ୩ଟା।
- ୧୨ତମ ମାର୍ଗି ପାରମ୍ପରିକ ନୃତ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ୬୪ତମ ନୃତ୍ୟ ନୈବେଦ୍ୟ ଓଡ଼ିଶୀ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ମୂର୍ଚ୍ଛନାର ୧୭ତମ ବାର୍ଷିକୋତ୍ସବ ଓ ସଙ୍ଗୀତ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

ପୁରୀ
- ୨୦ତମ ଲୋକମେଳା ଏବଂ ୧୩ତମ କୃଷି ମେଳାର ତୃତୀୟ ସନ୍ଧ୍ୟା, ମୁକ୍ତାକାଶ ରଙ୍ଗମଞ୍ଚ, ଶରଧାବାଲି, ସକାଳ ୭ଟା।

# କଣ୍ଟେନର ସିକ୍ରେଟ ଚାମ୍ବରରେ ୮ କୋଟିର ଗଞ୍ଜେଇ

## ଚୋରା ଚାଲାଣ ଧରିଲା କ୍ରାଇମବ୍ରାଞ୍ଚ

- ଦିଲ୍ଲୀ ଓ ନେପାଳର ୨ ଆନ୍ତଃରାଜ୍ୟ ନିଶାବେପାରୀ ଗିରଫ
- ସନ୍ଦେହରେ ହାଇୱେ ପାଟ୍ରୋଲିଂ ଟିମ୍



ଭୁବନେଶ୍ୱର,୨୨।୬(ବ୍ୟୁରୋ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଖୋର୍ଦ୍ଧା ଜିଲା ପିତାପଲ୍ଲୀ ନିକଟ ୧୬ ନଂ. ଜାତୀୟ ରାଜପଥରେ ଚଢ଼ାଉ କରି ଏକ ଗଞ୍ଜେଇ ଭର୍ତ୍ତି କଣ୍ଟେନରକୁ ଜବତ କରିଛି। ଯାଞ୍ଚବେଳେ କଣ୍ଟେନରର ସିକ୍ରେଟ ଚାମ୍ବରରୁ ୮ କୁଇଣ୍ଟାଲ ୬ କେଜି ଗଞ୍ଜେଇ ମିଳିଛି। ଏହାର ଆନୁମାନିକ ମୂଲ୍ୟ ୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏଥିରେ ସମ୍ପୃକ୍ତ ୨ ଆନ୍ତଃରାଜ୍ୟ ନିଶାବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶ ବିଜ୍‌ନୋର୍ ଜିଲା ସଫିନଗର ଅଞ୍ଚଳର ଅନିଲ କୁମାର ଓ ଦିଲ୍ଲୀ କୀର୍ତ୍ତିନଗରରେ ରହୁଥିବା ନେପାଳ ମହେନ୍ଦ୍ରନଗର ଜିଲା କାଞ୍ଚନପୁର ଥାନା ଅଞ୍ଚଳର ଗନେଷ ଶାହା। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୫/୨୦୨୨) ରୁଜୁ କରି ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର ଭୁବନେଶ୍ୱର ଏସ୍‌ଡିଜିଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଜବତ ଗଞ୍ଜେଇ ବିଶାଖାପାଟଣାରୁ ଓଡ଼ିଶା ଦେଇ ଉତ୍ତରପ୍ରଦେଶ, ହରିୟାଣା ଓ ଦିଲ୍ଲୀକୁ ଚାଲାଣ ହେଉଥିଲା। ଏହି ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ର୍‍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ଖୋଳତାଡ଼ ଜାରି ରଖିଛି। ସୂଚନା ଅନୁଯାୟୀ, ୧୬ ନମ୍ବର ଜାତୀୟ ରାଜପଥ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଏସ୍‌ଟିଏଫ୍ ଖବର ପାଇଥିଲା। ତେଣୁ ପିତାପଲ୍ଲୀ ନିକଟରେ ମଙ୍ଗଳବାର ରାତିରେ ଏସ୍‌ଟିଏଫ୍ ଟିମ ଛକି ରହିଥିଲା। ଏଚ୍‌ଆର୍‌୬୯-ଡି-୫୦୬୬ ନମ୍ବର ବିଶିଷ୍ଟ କଣ୍ଟେନରଟି ପହଞ୍ଚିବା ପରେ ଏସ୍‌ଟିଏଫ୍ ଟିମ୍ ତାହାକୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ଚୋରା ଚାଲାଣ ଧରାପଡିଥିଲା। ଗଞ୍ଜେଇକୁ ସ୍ୱତନ୍ତ୍ର ଭାବେ ପ୍ୟାକ କରାଯାଇ ରଖାଯାଇଥିଲା। ତେବେ ବିଶାଖାପାଟଣାରୁ ଗଞ୍ଜେଇ ଭର୍ତ୍ତି କଣ୍ଟେନର୍ କିପରି ଓଡ଼ିଶା ସୀମାରେ ପ୍ରବେଶ କଲା ଓ ଖୋର୍ଦ୍ଧା ପର୍ଯ୍ୟନ୍ତ ଆସିଲା ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ଗୋଟିଏ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଏହି ଜାତୀୟ ରାଜପଥରୁ ବିପୁଳ ପରିମାଣର ଗଞ୍ଜେଇ ଓ ଅନ୍ୟାନ୍ୟ ବେଆଇନ ନିଶାଦ୍ରବ୍ୟ ଜବତ କରାଯାଇଛି। ଗତ ଜୁନ ୩ରେ ଏସ୍‌ଟିଏଫ୍ ତମାଣ୍ଡୋ ଛକରେ ଚଢ଼ାଉ କରି ୧୦ କୁଇଣ୍ଟାଲ ଗଞ୍ଜେଇ ଭର୍ତ୍ତି ହାଇୱା ଟ୍ରକକୁ ଜବତ କରିଥିଲା। ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ପୋଲିସ କର୍ମଚାରୀମାନେ ନିଶାବେପାରୀଙ୍କଠାରୁ ହାତଗୁଞ୍ଜା ନେଇ ଚାଲାଣ ପାଇଁ ପ୍ରଶ୍ରୟ ଦେଇଥିବା କୁହାଯାଉଥିବାରୁ ଏସ୍‌ଟିଏଫ୍ ଏହା ଉପରେ ନଜର ରଖିଥିବା ଜଣାପଡିଛି।



ଗିରଫ ୨ ଅଭିଯୁକ୍ତ।

## ଜାମିନ କରାଇଦେବା ନାଁରେ ୨.୩ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

କମିଶନରେଟ ପୋଲିସ ଭୁବନେଶ୍ୱରର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ଦ୍ୱାରା ଏକ ମାମଲାରେ ପୋଲିସଠାରୁ ନୋଟିସ ପାଇଥିବା ଜଣେ ଯୁବତୀ ଠକେଇର ଶିକାର ହୋଇଛନ୍ତି। ଜାମିନ କରାଇଦେବା ନାଁରେ ଜଣେ ଯୁବକ ତାଙ୍କଠାରୁ ୨ ଲକ୍ଷ ୩୦ ହଜାର ଟଙ୍କା ଠକି ନେଇଛନ୍ତି। ଅଭିଯୋଗ ପରେ ସଂପୃକ୍ତ ଅଭିଯୁକ୍ତଙ୍କୁ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଆଜିମାବାଦ ପ୍ରଗତି ନଗରର ଶୁଭମ ମହାନ୍ତି ଓରଫ ହାପି (୨୬)। ସୂଚନା ଅନୁଯାୟୀ, ଲିଲି ଲତା ମିଶ୍ର ଏକ ମାମଲାରେ ସଂପୃକ୍ତ ଥିବା ସନ୍ଦେହରେ ସାଇବର ଥାନା ପୋଲିସ ତାଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ପରେ ନୋଟିସ ଦେଇ ଥାନାରୁ ଛାଡ଼ିଥିଲା। ଥାନାରୁ ଯିବା ପରେ ବି ଲିଲିଙ୍କ ମନରେ ଭୟ ହେବାରୁ ସେ ଜାମିନ ଆବେଦନ କରିବାକୁ ଯାଇ ଠକ ହାପି ହାବୁଡ଼ରେ ପଡ଼ିଥିଲେ। ଟଙ୍କା ନେବା ପରେ ଜାଲ୍ ଜାମିନ କାଗଜପତ୍ର ଧରାଇଥିଲେ।

## ଆଇନଜୀବୀ ବିଜନ ରାୟଙ୍କ ପରଲୋକ



**କଟକ ଅଫିସ, ୨୨।୬:** ବରିଷ୍ଠ ଆଇନଜୀବୀ ବିଜନ ବିହାରୀ ରାୟ(୮୭)ଙ୍କର ଚଣ୍ଡିଗଡ଼ସ୍ଥିତ ତାଙ୍କ ବଡ଼ଝିଅଙ୍କ ବାସଭବନରେ ବୁଧବାର ପରଲୋକ ହୋଇଯାଇଛି। କ୍ୟାନ୍‌ସର ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ଝିଅ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରତିଷ୍ଠିତ ଆଇନଜୀବୀ ରାସବିହାରୀ ରାୟଙ୍କ ପୁତ୍ର ବିଜନ ୧୯୩୫ ଜାନୁୟାରୀ ୨୪ ତାରିଖରେ କଟକ ତେଲେଙ୍ଗାବଜାର ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୬୦ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଥମ ପୋଜିଶନ୍‌ରେ ଏଲ୍‌ଏଲ୍‌ବି ପାସ୍ କରିବା ପରେ ରାଣୀ ସୁରତରଙ୍ଗିଣୀ ଗୋଲ୍ଡ ମେଡାଲ ପୁରସ୍କାର ପାଇଥିଲେ। ୧୯୬୧ରେ ଓଡ଼ିଶା ହାଇକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ୧୯୭୭ରେ ପରିବହନର ଷ୍ଟାଣ୍ଡିଂ କାଉନସେଲ ଥିଲେ। ସେ ୧୯୮୩ରୁ ୧୯୮୯ ପର୍ଯ୍ୟନ୍ତ ହାଇକୋର୍ଟରେ ସରକାରୀ ଓକିଲ ଭାବେ କାର୍ଯ୍ୟ କରିଥିଲେ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଭାବେ ନିର୍ବାଚିତ ହୋଇ ୨୦୧୩ ମାର୍ଚ୍ଚରୁ ୨୦୧୪ ଏପ୍ରିଲ ପର୍ଯ୍ୟନ୍ତ ସେ ଦାୟିତ୍ୱ ତୁଲାଇଥିଲେ। ସେ ମଧୁଜ୍ୟୋତି ସମ୍ମାନ, ଡ. ମହତାବ ସମ୍ମାନରେ ସମ୍ମାନିତ ହୋଇଥିଲେ। ଟୁଡେ ଇଜ୍ ଏଷ୍ଟରଡେଜ୍ ଟୁମୋରୋ, କନ୍‌ଷ୍ଟିଚ୍ୟୁଶନାଲ ରେଲିକ୍ସ ଆଣ୍ଡ୍ ଆନାଟୋମି ଅଫ୍ ଫ୍ରଡ୍, କନ୍‌ଷ୍ଟିଚ୍ୟୁଶନାଲ ଭେଷ୍ଟିଜ୍, ସେଡ୍ୟୁକ୍‌ସନ ଅଫ୍ ଲ୍, ଅନ୍‌ନୋନ ଫୋର୍ସେସ୍ ପୁସ୍ତକ ସେ ରଚନା କରିଛନ୍ତି।

# ମହାପ୍ରଭୁଙ୍କ ପାଇଁ ଆସିଲା ଅଣସର ଭାର



ପୁରୀ ଅଫିସ, ୨୨।୬

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧା ବିଗ୍ରହ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ଅଛନ୍ତି। ଦଇତାପତି ସେବକମାନେ ଅଣସର ପିଣ୍ଡିରେ ଅନ୍ଧକାର ମଧ୍ୟରେ ମହାପ୍ରଭୁଙ୍କ ଗୁପ୍ତ ସେବା କରୁଛନ୍ତି। ସେହିପରି ରାଜବୈଦ୍ୟଙ୍କ ପରାମର୍ଶକ୍ରମେ ମହାପ୍ରଭୁଙ୍କ ଉପଚାର ଚାଲିଛି। ଏହି ପରିପ୍ରେକ୍ଷୀରେ ଅଣସରର ନବମ ଦିବସରେ ବୁଧବାର କାକଟପୁରସ୍ଥିତ ବିଶ୍ୱାମିତ୍ର ଆଶ୍ରମରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପୁରୀ ହାତୀଆଖଡ଼ା ମଠକୁ ଅଣସର ଭାର ଆସିଛି। ସେଠାରୁ ଶ୍ରୀମନ୍ଦିରକୁ ଅଣସର ଭାର ପଠାଯାଇଛି। ଏଥିରେ ଆମ୍ବ, ପଣସ, ସପୁରି, ନଡ଼ିଆ, ଖଜୁରି କୋଳି, ଜାମୁକୋଳି, ସେଓ, ଡାଳିମ୍ବ, କମଳା ପ୍ରଭୃତି ବିଭିନ୍ନ ପ୍ରକାର ଫଳ ରହିଥିଲା। ମଠ ମହନ୍ତ ସୁଖରାମ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ଫଳଭାର ଶ୍ରୀମନ୍ଦିରକୁ ପଠାଯାଇଥିଲା। ମହନ୍ତ କହିଛନ୍ତି, ମହାପ୍ରଭୁଙ୍କୁ ହନୁମାନ ଦର୍ଶନ କରିବାକୁ ଆସିଥିଲେ। ଏହି ସମୟରେ ମହାପ୍ରଭୁଙ୍କୁ ଜ୍ୱର ହୋଇଥିବା ଜାଣିବା ପରେ ସେ ତାଙ୍କ ଲାଗି ଫଳଭାର ଆଣିଥିଲେ। ମହାପ୍ରଭୁ ଏହାକୁ ଗ୍ରହଣ କରିଥିଲେ। ସେହି ପ୍ରାଚୀନ ପରମ୍ପରାକୁ ପାଥେୟ କରି ହାତୀ ଆଖଡ଼ା ମଠ ପକ୍ଷରୁ ପ୍ରତିବର୍ଷ ଅଣସର ନବମୀ ତିଥିରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଫଳଭାର ପଠାଯାଉଛି ବୋଲି ମହନ୍ତ ପ୍ରକାଶ କରିଛନ୍ତି।

## ସିରିଜ ଦୁର୍ଘଟଣା, ଜଣେ ଗୁରୁତର



ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଉତ୍କଳ ହସ୍ପିଟାଲ ସମ୍ମୁଖ ରାସ୍ତାରେ ବୁଧବାର ସନ୍ଧ୍ୟାରେ ସିରିଜ୍ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଯାଉଥିବା ଏକ କାର୍ ରାସ୍ତା ପାର୍ଶ୍ୱରେ ଅଟକି ଥିବା ଏକ ସ୍କୁଟିକୁ ଧକ୍କା ଦେଇ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଆଉଏକ କାର୍‌କୁ ଧକ୍କା ଦେଇଛି। ଏଥିରେ ସ୍କୁଟି ଚାଳକ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ପରିଚୟ ମିଳିପାରି ନାହିଁ। ଅନ୍ୟପକ୍ଷରେ ଅନ୍ୟଏକ କାର୍‌ଟି କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ କେହି ଆହତ ହୋଇ ନାହାନ୍ତି। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା କାର୍ ଡ୍ରାଇଭରଙ୍କୁ କାବୁ କରି ମାଡ଼ ମାରିବା ସହ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଚନ୍ଦ୍ରଶେଖରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ଦୁର୍ଘଟଣା ଘଟାଇଥିବା କାର ଓ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

## ମହାପ୍ରଭୁଙ୍କ ସେବାରେ ସର୍ବକନିଷ୍ଠ ଦଇତାପତି ଆୟୁଷ୍ମାନ

ପୁରୀ ଅଫିସ, ୨୨।୬



ମହାପ୍ରଭୁଙ୍କ ସେବାରେ ବୁଧବାର ସର୍ବକନିଷ୍ଠ ଦଇତାପତି ସେବାୟତ ସାମିଲ ହୋଇଛନ୍ତି। ସେ ହେଉଛନ୍ତି ଆୟୁଷ୍ମାନ ଦାସମହାପାତ୍ର। ଆୟୁଷ୍ମାନ ଅଣସର ଡାଟିଘରେ ପ୍ରବେଶ କରିବା ସହ ଶ୍ରୀବିଗ୍ରହଙ୍କ ସେବାପୂଜାରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି। ପରମ୍ପରା ଓ ବିଧି ମୁତାବକ, ପ୍ରତ୍ୟେକ ଦଇତାପତି ପରିବାରର ପୁତ୍ର ସନ୍ତାନ ହେବାର ୨୧ ଦିନ ପରେ ଅନବସର ସମୟରେ ସେବାପୂଜାରେ ଭାଗିଦାର ହେବାର ସୌଭାଗ୍ୟ ମିଳିଥାଏ। ମଙ୍ଗଳବାର ଆୟୁଷ୍ମାନଙ୍କ ଏକୋଇଶିଆ ପାଳନ ହୋଇଥିବାବେଳେ ବୁଧବାର ୨୨ ଦିନରେ ସେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଛନ୍ତି। ଏ ନେଇ ତାଙ୍କ ଜେଜେବାପା ରବୀନ୍ଦ୍ର ଦାସ ମହାପାତ୍ର ଖୁସି ବ୍ୟକ୍ତ କରିଛନ୍ତି। ଅନ୍ୟ ସେବାୟତଙ୍କ ପୁତ୍ର ସନ୍ତାନମାନେ ଶାଢ଼ିବନ୍ଧା ପରେ ଏବଂ ଦଇତାପତି କୂଳରେ ଜନ୍ମିତ ପୁତ୍ରମାନେ ଜନ୍ମର ୨୧ ଦିନ ପରେ ଅଣସର ଟାଟି ଘରେ ପ୍ରବେଶ କରି ମହାପ୍ରଭୁଙ୍କ ସେବା କରିବାର ସୌଭାଗ୍ୟ ପାଇଥାନ୍ତି ବୋଲି ସେ କହିଛନ୍ତି।

## ନୃତ୍ୟାଭିନୟରେ ବିମୋହିତ ଦର୍ଶକ

### ୧୨ତମ ମାର୍ଗି ଉତ୍ସବ

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ନୃତ୍ୟଶାଳା ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ୧୨ତମ ମାର୍ଗି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀର ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଗୀତା ମହାଲିକଙ୍କ ଏକକ ନୃତ୍ୟରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ମଙ୍ଗଳାଚରଣ ଓ ପରେ ଅଭିନୟ ନୃତ୍ୟରେ ଗୀତ ଗୋବିନ୍ଦର ମଞ୍ଜୁତର କୁଞ୍ଜତର ମଧୁମତି ରାଗରେ ଆଧାରିତ ଗୀତରେ ନୃତ୍ୟ କରିଥିଲେ। ଢେଙ୍କାନାଳର ନୃତ୍ୟଶିଳ୍ପୀ ଗୌରୀ ଶଙ୍କର ଦାଶ ଶ୍ରୀଜୟଦେବଙ୍କ ରଚନାରେ ଧିର ସମୀରେ ଯମୁନା ତୀରେ.... ଗୀତରେ ନୃତ୍ୟାଭିନୟ କରିଥିଲେ। ଏହାପରେ ନୃତ୍ୟଶିଳ୍ପୀ ବନ୍ଦିତା ଘୋଷାଲ ନେଇଆସିଥିଲେ ଏକକ ଅଭିନୟ ଲାଜରେ ସରିଗଲି ଆଜ, ରାଧା କୃଷ୍ଣଙ୍କ ପ୍ରେମମୟ ଗାଥାକୁ ଅତି ଚମତ୍କାର ଭାବେ ନୃତ୍ୟରେ ତୋଳି ଧରିଥିଲେ। ରାଗ-ଖମାଜ ଓ ତାଳ-ଏକ ତାଳି ଉପରେ ଆଧାରିତ ନୃତ୍ୟରେ ରାଧା କୃଷ୍ଣଙ୍କ ଅଲୌକିକ ପ୍ରେମକୁ ଅବତାରଣା କରିଥିଲେ। ଶେଷରେ ଆରାଧନା ନୃତ୍ୟାନୁଷ୍ଠାନ ପକ୍ଷରୁ ଶିଳ୍ପୀଙ୍କ ଦ୍ୱାରା ନୃତ୍ୟନାଟିକା ପର୍ବ ରଙ୍ଗ ପରିବେଷିତ ହୋଇଥିଲା। ଏହାକୁ ଗୁରୁ ଚିତ୍ରସେନ ସ୍ୱାଇଁ ନିର୍ଦ୍ଦେଶନା ଦେଇଥିଲେ। ବିଶେଷକରି ନୃତ୍ୟାଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଡ.ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ସମ୍ମାନିତ ଅତିଥି ଭାବେ ଓଡିଶୀ ନୃତ୍ୟଗୁରୁ ଡ.ସ୍ନେହପ୍ରଭା ସାମନ୍ତରାୟ, ଓଡିଶୀ କଣ୍ଠଶିଳ୍ପୀ ଗୁରୁ ରାମହରି ଦାସ, ସୃଜନ ନୃତ୍ୟାନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର, ଓଡିଆ ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଗୁରୁ ଅଶୋକ କୁମାର ଘୋଷାଲ ଅତିଥି ପରିଚୟ ସହ ମାର୍ଗି ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଅବତାରଣା କରିଥିଲେ।

# କାଜୁ ଜଙ୍ଗଲରୁ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ବାରଙ୍ଗ,୨୨।୬(ଡି.ଏନ୍.ଏ.)

### ରାସ୍ତାରେ ସ୍କୁଟି, ମୃତଦେହ ନିକଟରେ ମହିଳାଙ୍କ ଚପଲ



ବାରଙ୍ଗ ଥାନା ଅଧୀନ ନେତଲ ଗ୍ରାମ ନିକଟରେ ଥିବା ଏକ କାଜୁ ଜଙ୍ଗଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ବାରଙ୍ଗ ପୋଲିସ ବୁଧବାର ଜବତ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ନୂଆଗାଁର ଗୋପାଳ ନାୟକ (୪୫)। ସେ କିଛିବର୍ଷ ହେବ ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କ ଗ୍ରାମରେ ଥିବା ଶ୍ୱଶୁର ଘରେ ରହୁଥିଲେ ଏବଂ ବାଆଁରା ଗ୍ରାମ ନିକଟସ୍ଥ ଏକ ଘରୋଇ ମେଡିକାଲରେ କାର୍ଯ୍ୟ କରୁଥିଲେ। ତେବେ ଗୋପାଳଙ୍କ ପରିବାର ପକ୍ଷରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ସବୁଦିନ ଭଳି ମଙ୍ଗଳବାର ସକାଳୁ କାର୍ଯ୍ୟକ୍ଷେତ୍ରକୁ ଯାଉଛି ବୋଲି ଘର ଲୋକଙ୍କୁ କହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ଘର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ସେ ଚଳାଉଥିବା ସ୍କୁଟିଟି ଷଣ୍ଢପୁର ରାସ୍ତାକଡ଼ରେ ମଙ୍ଗଳବାର ରାତିରେ ଥିବାର ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପରିବାର ପକ୍ଷରୁ ଘଟଣାସ୍ଥଳକୁ ଯିବା ସହ ପୋଲିସକୁ ଜଣାଇବା ପରେ ପୋଲିସ ଯାଇ ଗାଡ଼ିକୁ ଜବତ କରିଥିଲା। ବୁଧବାର ସକାଳେ ପରିବାର ଲୋକ ଓ ପୋଲିସ ଗାଡ଼ି ଥିବା ସ୍ଥାନ ନେତଲ ଗାମୁଣ୍ଡ କାଜୁ ଜଙ୍ଗଲକୁ ଯାଇ ଖୋଜିବାବେଳେ ଗୋପାଳ ମରିପଡ଼ିଥିବାର ଦେଖିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଚଳାଇଥିଲା। ତେବେ ମୃତ ଗୋପାଳଙ୍କ ପ୍ୟାଣ୍ଟ ଅଳ୍ପ ଦୂରରେ ପଡିଥିବାବେଳେ ପାଖରେ ଜଣେ ମହିଳାଙ୍କ ଚପଲ ଓ ପଥର ପଡିଥିଲା। ମୃତକଙ୍କ ଗୋଡ଼ରେ କ୍ଷତ ଚିହ୍ନ ଥିବାବେଳେ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କର ଭଉଣୀ ନଳିନୀ ଓ ଭାଇ ଗୋବିନ୍ଦ ନାୟକ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ଗତ ୧୫ଦିନ ହେବ ଅନ୍ୟ ଜଣେ ଯୁବକଙ୍କ ସହ ଫେରାର ହୋଇଯାଇଛନ୍ତି। ସେ ଯିବା ପୂର୍ବରୁ ସ୍ୱାମୀଙ୍କୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଗୋପାଳ ନିଜ ଭାଇ ଓ ଭାଉଜଙ୍କୁ କହିଥିଲେ। ଅନ୍ୟପକ୍ଷେ ମୃତଦେହ ନିକଟରେ ପଡିଥିବା ମହିଳାଙ୍କ ଚପଲ ଭାଉଜଙ୍କ ହୋଇଥିବାରୁ ସେ ଏବଂ ତାଙ୍କ ପୁରୁଷ ବନ୍ଧୁ ମିଶି ଭାଇଙ୍କୁ ହତ୍ୟା କରିଛନ୍ତି ବୋଲି ଭାଇ ଓ ଭାଉଜ ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି।



ପୁରୀର ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥର ପାର୍ଶ୍ୱ ଦେବଦେବୀଙ୍କୁ ଚିତ୍ରକର ସେବକମାନେ ରଙ୍ଗ କରୁଛନ୍ତି।



ପୁରୀ ଦରଜି ସେବକଙ୍କ ଦ୍ୱାରା ରଥର ଚନ୍ଦ୍ରଶାଳୀ ପ୍ରସ୍ତୁତ କରାଯାଉଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବୁଧବାର ଅନୁଷ୍ଠିତ ୧୨ତମ ମାର୍ଗି ଉତ୍ସବରେ ଜଣେ ଶିଳ୍ପୀଙ୍କ ନୃତ୍ୟାଭିନୟ।

## ଜାହିର ଆବାସ ଆଇସିୟୁରେ

**ଲଣ୍ଡନ, ୨୨।୬ (ପି.ଟି.):** ପାକିସ୍ତାନର କିମ୍ବଦନ୍ତୀ କ୍ରିକେଟ ବ୍ୟାଟର ଜାହିର ଆବାସ ଗୁରୁତର ଅସୁସ୍ଥ ଅବସ୍ଥାରେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଖବର ଅନୁସାରେ ୭୪ ବର୍ଷୀୟ ଆବାସ ଏହା ପୂର୍ବରୁ ୩ ଦିନ ଧରି ସେଣ୍ଟ ମେରୀ ହସ୍ପିଟାଲରେ ଅକ୍ସିଜେନ ସପୋର୍ଟରେ ରହି ଚିକିତ୍ସିତ ହେଉଥିଲେ। ଆବାସ ଦୁବାଇରୁ ଲଣ୍ଡନ ଯାତ୍ରା କରୁଥିବା ବେଳେ କରୋନା ସଂକ୍ରମିତ ହୋଇଥିଲେ। ବର୍ତ୍ତମାନ ସେ ଡାଇଲିସିସ୍‌ରେ ଅଛନ୍ତି। ଆବାସ ତାଙ୍କ ସମୟରେ ଜଣେ ଷ୍ଟାର ବ୍ୟାଟର ଥିଲେ। ସେ ୭୨ଟି ଟେଷ୍ଟରେ ୫୦୬୨ ରନ ଏବଂ ୬୨ ଅନ୍ତର୍ଜାତୀୟ ଦିନିକିଆରେ ୨୫୭୨ ରନ ସଂଗ୍ରହ କରିଥିଲେ।

# ଭାରତୀୟ ମହିଳା ହକି ଦଳର ବୃହତ୍ ବିଜୟ



ଖୁସି ମୁହୂର୍ତ୍ତରେ ଭାରତୀୟ ମହିଳା ହକି ଦଳ।

- ଆମେରିକାକୁ ୪-୦ରେ ହରାଇଲା
- ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ୩ୟ

**ରୋଟରଡାମ,୨୨।୬(ପିଟି)** ଭାରତୀୟ ମହିଳା ହକି ଦଳ ବୁଧବାର ଆମେରିକାକୁ ୪-୦ ଗୋଲର ବୃହତ ବ୍ୟବଧାନରେ ହରାଇ ଦେଇଛି। ଏଥି ପୂର୍ବରୁ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଲେଗ୍ ମ୍ୟାଚ୍‌କୁ ଭାରତ ୪-୨ରେ ଜିତିଥିଲା। ଏଭଳି ପ୍ରଦର୍ଶନ ଯୋଗୁ ଟିମ୍ ଇଣ୍ଡିଆ ତା'ର ପଦାର୍ପଣ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ସଂସ୍କରଣରେ ୩ୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ପୂର୍ବରୁ ଆର୍ଜେଣ୍ଟିନା ଟାଇଟଲ ହାତେଇଥିବା ବେଳେ ନେଦରଲାଣ୍ଡ୍ସ ଦ୍ୱିତୀୟ ସ୍ଥାନରେ ରହିଛି। ମ୍ୟାଚ୍‌ରେ ବନ୍ଦନା କାଟାରିୟା (୩୯ତମ ଓ ୫୪ତମ ମିନିଟ୍) ଦୁଇଟି ଗୋଲ ସ୍କୋର କରିଥିଲେ। ସୋନିକା (୫୪ତମ) ଓ ସଙ୍ଗିତା କୁମାରୀ (୫୮ତମ) ଗୋଟିଏ ଗୋଲ ଦେଇଥିଲେ।

ଆରମ୍ଭରୁ ଆକ୍ରମଣ ଆରମ୍ଭ କରିଥିବା ଆମେରିକାକୁ ଦ୍ୱିତୀୟ ମିନିଟ୍‌ରେ ସ୍କୋର କରିବାକୁ ସୁଯୋଗ ମିଳିଥିଲା। କିନ୍ତୁ ଏଲିଜାବେଥ ଇଗରଙ୍କ ଶଟ୍ ଭାରତୀୟ ଗୋଲକିପର ତଥା ଅଧିନାୟକ ସବିତାଙ୍କୁ ଅତିକ୍ରମ କରିପାରି ନ ଥିଲା। ଏହାର ତୁରନ୍ତ ପରେ ଶର୍ମିଳା ଦେବୀ ଏକ ସୁବର୍ଣ୍ଣ ସୁଯୋଗ ହାତ ଛଡ଼ା କରିଥିଲେ। ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରର ୨୩ତମ ମିନିଟ୍‌ରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ହେଲେ କୌଣସି ଖେଳାଳି ତାହାକୁ ସ୍କୋରରେ ପରିଣତ କରିପାରି ନ ଥିଲେ। ଯାହା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ସ୍କୋର ଲାଇନ୍ ୦-୦ ରହିଥିଲା। ୩୯ତମ ମିନିଟ୍‌ରେ ଭାରତକୁ ମିଳିଥିବା ୫ମ ପେନାଲ୍ଟି କର୍ନରରୁ ବନ୍ଦନା ପ୍ରଥମ ଗୋଲ ଦେଇଥିଲେ। ଅନ୍ତିମ କ୍ୱାର୍ଟରରେ ଭାରତୀୟ ଦଳ ୪ ମିନିଟ୍ ବ୍ୟବଧାନରେ ୩ ଗୋଲ ସ୍କୋର କରିଥିଲେ। ପ୍ରଥମେ ବନ୍ଦନା ଫିଲ୍ଡ ଗୋଲ ଦେଇଥିଲେ। ଏହାର ୧୦ ସେକେଣ୍ଡ ପରେ ସୋନିକା ଏବଂ ୫୭ତମ ମିନିଟ୍‌ରେ ସଙ୍ଗିତା ସ୍କୋର କରିଥିଲେ। ଅନ୍ତିମ ସମୟରେ ସବିତାଙ୍କ ଚମତ୍କାର ଡବଲ ସେଭ ଯୋଗୁ ଭାରତ ମ୍ୟାଚ୍‌କୁ ୪-୦ରେ ଜିତି ନେଇଥିଲା।

## ଭାରତ ବିପକ୍ଷରେ ଖେଳିବେ ପୂଜାରା, ପନ୍ତ, ବୁମରା

**ଲିସେଷ୍ଟର,୨୨।୬:** ଆସନ୍ତା ୧ରୁ ଏଜବାଷ୍ଟନଠାରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ କ୍ରିକେଟ ଟେଷ୍ଟ ପୂର୍ବରୁ ଭାରତୀୟ ଦଳ କାଉଣ୍ଟି କ୍ଲବ ଲିସେଷ୍ଟରଶାୟାର ବିପକ୍ଷରେ ଗୁରୁବାରଠାରୁ ଏକ ୱାର୍ମଅପ୍ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବିପକ୍ଷରେ ଚେତେଶ୍ୱର ପୂଜାରା, ରିଷଭ ପନ୍ତ, ଯଶପ୍ରୀତ ବୁମରା ଓ ପ୍ରସିଦ୍ଧ କ୍ରିଷ୍ଣା ଖେଳିବେ। ଭ୍ରମଣକାରୀ ଦଳର ଉତ୍ତମ ଅଭ୍ୟାସ ଲାଗି ବିସିସିଆଇ, ଇସିବି ଓ ଏଲ୍‌ସିସିସି ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଇଛି।

## କଟକରେ ଜାତୀୟ ଜୁନିୟର ଫେନ୍‌ସିଂ ୨୯ରୁ

**ଭୁବନେଶ୍ୱର, ୨୨।୬ (ସ୍ପୋର୍ଟ୍ସ ବ୍ୟୁରୋ):** କଟକସ୍ଥିତ ଜବାହରଲାଲ୍ ନେହେରୁ ଷ୍ଟାଡିୟମରେ ଚଳିତ ମାସ ୨୯ରୁ ଜୁଲାଥ ୨ ପର୍ଯ୍ୟନ୍ତ ୩୦ତମ ଜାତୀୟ ଜୁନିୟର ଫେନ୍‌ସିଂ (୨୦ ବର୍ଷରୁ କମ୍ ବାଳକ ଓ ବାଳିକା) ଅନୁଷ୍ଠିତ ହେବ। ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆ, ଓଡ଼ିଶା ରାଜ୍ୟସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ଏବଂ ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତାର ବିଭିନ୍ନ ଇଭେଣ୍ଟ ଲାଗି ଓଡ଼ିଶା ଦଳ ମନୋନୀତ ହୋଇଛନ୍ତି।

ଏପି (ବାଳକ ବିଭାଗ): କ୍ରିଷ୍ଣା ସେଠ୍, ସୂର୍ଯ୍ୟକାନ୍ତ ରାଉଳ, ବିଶ୍ୱଜିତ ମହାକୁଡ଼, ଜ୍ୟୋତିରଞ୍ଜନ ଠାକୁର। ଏପି (ବାଳିକା ବିଭାଗ) : ଅନ୍ୱେଷା ହୋତା, ସିଏଚ୍ ରାଣୀ, କିରଣ ସେଠ୍, ଅଂସ୍ମିତା ନନ୍ଦ। ଫଏଲ (ବାଳକ ବିଭାଗ): ପ୍ରତୀକ ଶତପଥୀ, ମୁକେଶ କାରନା, ରୋନେଲ ସିଂ, ୱାଇ. ରାହୁଲ। (ବାଳିକା ବିଭାଗ): ଶାନ୍ତା ମହାନ୍ତି, ଗ୍ରିକୋରିଆ ସୁନୀଲ, ଡି.ଶ୍ରେୟା। ସାବ୍ରେ (ବାଳକ ବିଭାଗ): ଆକାଶ ମାଝି, କେ.ଏମ୍. ପ୍ରିତମ, ସିଦ୍ଧିକ ଖାଁ, ପ୍ରିୟାଂଶ ସାହୁ। (ବାଳିକା ବିଭାଗ): ବର୍ଷା ପ୍ରିୟଦର୍ଶିନୀ ବାରିକ, ରୋଶନି ଭୋଇ, ଜାଇବା ଓ ସାଂସ୍କୃତି ମହାନ୍ତି।

## ତେଜସ୍ୱିନଙ୍କ ନାମ ବିଚାର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

### ରାଜ୍ୟଗୋଷ୍ଠୀ କ୍ରୀଡ଼ା




**ନୂଆଦିଲ୍ଲୀ, ୨୨।୬ (ପି.ଟି.)** ଯୋଗ୍ୟତା ଭିତ୍ତିରେ ହାଇଜମ୍ପର ତେଜସ୍ୱିନ ଶଙ୍କରଙ୍କ ନାମ ବିଚାର କରିବା ଲାଗି ଦିଲ୍ଲୀ ହାଇକୋର୍ଟ ବୁଧବାର ସିଲେକ୍ସନ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଖେଳାଳି ତାଲିକାରୁ ଏହି ଆଥଲେଟ୍ ବାଦ୍ ପଡ଼ିଛନ୍ତି। ହାଇକୋର୍ଟ କହିଛନ୍ତି, ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍‌ରେ ଶଙ୍କର ଅଂଶଗ୍ରହଣ କରିନାହାନ୍ତି। ହେଲେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଏହା ଏକମାତ୍ର ମାନଦଣ୍ଡ ନୁହେଁ। ଏହି ଆଥଲେଟଙ୍କ ପଦକ ଜିତିବା ଯଥେଷ୍ଟ ସମ୍ଭାବନା ରହିଥିବା ମନେକରାଯାଉଛି। ହାଇଜମ୍ପରଙ୍କ ପିଟିଶନକୁ ଭିତ୍ତିକରି ଜଷ୍ଟିସ ଯସ୍ମିତ ସିଂ ଆଥଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ (ଏଏଫ୍‌ଆଇ), କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ଏବଂ ସିନିୟର କାଟେଗୋରି ପାଇଁ ଏଏଫ୍‌ଆଇର ସିଲେକ୍ସନ କମିଟି ନିକଟକୁ ନୋଟିସ ପଠାଇଛନ୍ତି। ଏଏଫ୍‌ଆଇ ଓ ସିଲେକ୍ସନ କମିଟି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ ପାର୍ଥ ଗୋସ୍ୱାମୀ କୋର୍ଟରେ କହିଥିଲେ ଯେ, ଆଥଲେଟ୍‌ମାନଙ୍କ ଚୂଡ଼ାନ୍ତ ତାଲିକା ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)କୁ ପଠାଯାଇସାରିଛି। ତେବେ ସିଲେକ୍ସନ କମିଟିର ଆଉ ଏକ ବୈଠକ ବସିବାର ଅଛି। ତେଜସ୍ୱିନଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସିନିୟର ଆଡଭୋକେଟ ଗୋପାଳ ଶଙ୍କରନାରାୟଣନ ଓ ଆଡଭୋକେଟ ମଲକ ଭଟ୍ଟ ଯୁକ୍ତି ଉପସ୍ଥାପନ କରି କହିଥିଲେ, ଏହି ହାଇଜମ୍ପର ଜଣକ ନାମରେ ଜାତୀୟ ରେକର୍ଡ (୨.୨୯ମିଟର) ରହିଛି। ନିକଟରେ ଚଳିତ ମାସ ୧୦ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ୟୁଜେନିଠାରେ ଅନୁଷ୍ଠିତ ଏନ୍‌ସିଏଏ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଉଟଡୋର ଚାମ୍ପିୟନଶିପ୍‌ରେ ୨.୨୭ ମିଟର ଜମ୍ପ କରି ସେ ସ୍ୱର୍ଣ୍ଣ ପଦକ ସହ ଏଫ୍‌ଆଇର ଯୋଗ୍ୟତା ଅଙ୍କ ହାସଲ କରିଥିଲେ। ପୁନଶ୍ଚ ଶଙ୍କର ଗତ ୨ବର୍ଷ ହେଲା କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ର ଅଂଶବିଶେଷ ରହି ସ୍କଲାରଶିପ୍ ପାଇ ଆସୁଛନ୍ତି। ଖବର ଅନୁସାରେ ୨୦୨୨ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ନ କରିବା ଲାଗି ଏଏଫଆଇଠାରୁ ଅନୁମତି ନେଇ ନ ଥିବାରୁ ଏଏଫ୍‌ଆଇ ଆବେଦନକାରୀଙ୍କ ନାମ ବିଚାରକୁ ନେଇ ନ ଥିଲା। ତେବେ ଆଡଭୋକେଟ ଯୁକ୍ତି ଉପସ୍ଥାପନ କରି କହିଥିଲେ, ଏନସିଏଏ ଚାମ୍ପିୟନଶିପ୍ ଏକ ସମୟରେ ପଡୁଥିବାରୁ ଶଙ୍କର ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଚାହିଁ ନ ଥିଲେ। ଏ ବିଷୟ ସେ ହ୍ୱାଟ୍ସଆପ୍ ମେସେଜ ଜରିଆରେ ଜାତୀୟ ମୁଖ୍ୟ କୋଚ୍‌ଙ୍କୁ ଅବଗତ କରାଇଥିଲେ।

## ଥାଇଲାଣ୍ଡରେ ଖେଳିବ ମହିଳା ଭଲିବଲ ଦଳ

**ଭୁବନେଶ୍ୱର, ୨୨।୬ (ସ୍ପୋର୍ଟ୍ସ ବ୍ୟୁରୋ)** ଥାଇଲାଣ୍ଡର ନାଖୋନ୍ ପାଙ୍କୋନଠାରେ ୩ୟ ଏଭିସି ଓମେନ୍ସ କପ୍ ଭଲିବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ୧୪ ଜଣିଆ ଭାରତୀୟ ମହିଳା ଦଳ ଅଂଶଗ୍ରହଣ କରିବ। ଦଳ ସହ ୩ଜଣ ଅଫିସିଆଲ ମଧ୍ୟ ଥାଇଲାଣ୍ଡ ଅଭିମୁଖେ ଗସ୍ତ କରିଛନ୍ତି। ଭାରତୀୟ ଦଳରେ କେରଳରୁ ୬ଜଣ, ଇଣ୍ଡିଆନ୍ ରେଲୱେରୁ ୫ଜଣ ଏବଂ ଓଡ଼ିଶା, ରାଜସ୍ଥାନ ଓ ହିମାଚଳପ୍ରଦେଶରୁ ଜଣେ ଲେଖାଏଁ ଖେଳାଳି ସ୍ଥାନ ପାଇଛନ୍ତି। ଦଳ ମନୋନୟନ ଲାଗି ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ଓଡ଼ିଶା ଭଲିବଲ ଆସୋସିଏଶନକୁ ଦାୟିତ୍ୱ ପ୍ରଦାନ କରିଥିଲା। ଏଥିପାଇଁ ୪୨ଜଣ ସମ୍ଭାବ୍ୟ ଖେଳାଳିଙ୍କୁ ନେଇ କିଟ୍ ୟୁନିଭର୍ସିଟିସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏକ କୋଚିଂ କ୍ୟାମ୍ପର ଆୟୋଜନ କରାଯାଇଥିଲା। ତନ୍ମଧ୍ୟରୁ ଦକ୍ଷତା ଭିତ୍ତିରେ ଖେଳାଳି ମନୋନୟନ କରାଯାଇଥିଲା। **ଭାରତୀୟ ମହିଳା ଭଲିବଲ୍ ଦଳ:** ନିର୍ମଳ (ଅଧିନାୟିକା,ଇଣ୍ଡିଆନ ରେଲୱେ), ଦେବୀକା ଦେବରାଜନ(ଇଣ୍ଡିଆନ ରେଲୱେ), ଅନୁଶ୍ରୀ ଘୋଷ (ଇଣ୍ଡିଆନ ରେଲୱେ), ଜିନ୍‌ସି ଜନସନ (ଇଣ୍ଡିଆନ ରେଲୱେ), ଆଞ୍ଜେଲ ଯୋଶେଫ (ଓଡ଼ିଶା), ସାରନ୍ୟା (କେରଳ), ଅନୁଶ୍ରୀ କେ.ପି (କେରଳ), ସୂର୍ଯ୍ୟା ଏସ୍ (କେରଳ), ଜିନି କେ.ଏସ୍. (କେରଳ), ସୃଥି ଏସ୍(କେରଳ), ଗୁଞ୍ଜନ (ରାଜସ୍ଥାନ), ଅମ୍ବିକା (ହିମାଚଳ ପ୍ରଦେଶ), ଅସ୍ୱାଥି (ଲିବେରୋ) (କେରଳ) ଓ ଅନନ୍ୟା ଦାସ (ଲିବେରୋ) (ଇଣ୍ଡିଆନ ରେଲୱେ)। **ମ୍ୟାନେଜର:** ବିଜୟ ପାଲ୍ ସିଂ। **ମୁଖ୍ୟ କୋଚ୍:** ପ୍ରୀତମ ସିଂ ଚୌହାନ। **ସହକାରୀ କୋଚ୍:** ବୈଶାଳୀ ଫାଦ୍‌ତାରେ।

## ୟୁକ୍ରେନ୍‌କୁ ହରାଇଲା ଭାରତ

**ଡବ୍ଲିନ୍, ୨୨।୬ (ପି.ଟି.):** ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ପଞ୍ଚରାଷ୍ଟ୍ରୀୟ ମହିଳା ହକି ଟୁର୍ନାମେଣ୍ଟରେ ଭାରତୀୟ ଦଳ ୩-୦ରେ ୟୁକ୍ରେନକୁ ହରାଇ ଦେଇଛି। ଭାରତ ତରଫରୁ ନିକିତା ଟପ୍ପୋ (୩୩ତମ), ମଞ୍ଜୁ ଚୋରସିୟା(୪୪ତମ) ଓ ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍ (୫୫ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ଭାରତ ଏହାର ଚତୁର୍ଥ ତଥା ଫାଇନାଲ ଲିଗ୍ ପର୍ଯ୍ୟାୟ ଗୁରୁବାର ଯୁକ୍ତରାଷ୍ଟ୍ର ଆମେରିକା ବିପକ୍ଷରେ ଖେଳିବ।

### ଫୁରସତ୍

## ଅମ୍ବରଙ୍କ ମୁହଁ ସବୁଠୁ ସୁନ୍ଦର



ୱାଶିଂଟନ

ବିଜ୍ଞାନ ଅନୁସାରେ ହଲିଉଡ୍ ଅଭିନେତ୍ରୀ ଅମ୍ବର ହର୍ଡଙ୍କ ମୁହଁ ବିଶ୍ୱର ସବୁଠୁ ସୁନ୍ଦର ହୋଇଥିବାବେଳେ ଇଂଲିଶ ଅଭିନେତା ରୋବର୍ଟ ପାଟିନ୍‌ସନ୍ ଦୁନିଆର ସବୁଠାରୁ ଆକର୍ଷଣୀୟ ବ୍ୟକ୍ତି ହୋଇଛନ୍ତି। ବିଗତ କିଛି ଦିନ ଧରି ଅମ୍ବର ବିବାହ ବିଚ୍ଛେଦକୁ ନେଇ ଚର୍ଚ୍ଚାକୁ ଆସିଥିଲେ। ମୁହଁର କଳାତ୍ମକ କୃତି ଯେମିତି ଦୈର୍ଘ୍ୟ, ପ୍ରସ୍ଥ ଆଦି ମାପ କରାଯିବା ପରେ ଅମ୍ବରଙ୍କ ନାମ ଏହି ତାଲିକାରେ ସ୍ଥାନିତ ହୋଇଛି। ଏହି ନାମ ସବୁ ଗୋଲ୍ଡେନ୍ ରେସିଓ ଅଫ୍ ବ୍ୟୁଟି ଫି (ଏକ ପାରମ୍ପରିକ ଗ୍ରୀକ୍ ଗଣନା ପଦ୍ଧତି)ରେ ବିଚାର କରାଯାଇଛି। ଏହି ଗାଣିତିକ ରେସିଓ ଅନୁସାରେ ଅମ୍ବରଙ୍କ ମୁହଁର ରେସିଓ ୧:୬୧୮ ରହିଛି। ବିଶ୍ୱରେ ଜନ୍‌ସନ୍‌ଙ୍କର ସବୁଠାରୁ ଉତ୍ତମ ଆଖି, ମଡେଲ୍ ତଥା ଆକ୍ଟ୍ରେସ୍ ଇମିଲି ରତଜକୋସ୍କିଙ୍କର ଓଠ ସବୁଠାରୁ ସୁନ୍ଦର ହୋଇଥିବାବେଳେ କିମ୍ କାରଦାସିଆନ୍‌ଙ୍କ ଆଇବ୍ରୋ ସବୁଠୁ ଆକର୍ଷଣୀୟ ହୋଇଥିବା ଜଣାପଡ଼ିଛି। ସେହିପରି ହଲିଉଡ୍ ଅଭିନେତା ରୋବର୍ଟ ପାଟିନ୍‌ଶନ୍ ଲଗାତର ଦୁଇ ବର୍ଷ ହେଲା ଏହି ଟାଇଟଲ ବଜାୟ ରଖିଛନ୍ତି ବୋଲି 'ଲାଡ୍‌ବାଇବେଲ୍'ରେ ରିପୋର୍ଟ ପ୍ରକାଶ ପାଇଛି। ଆକର୍ଷଣୀୟ ତାଲିକାରେ ରିଆନ୍ ଗୋସ୍‌ଲିଙ୍ଗ, ଆଇଡ୍ରିସ୍ ଏଲ୍‌ବା, ବ୍ରାଡ୍ ପିଟ୍, ହେନ୍‌ରି କେଭିଲଙ୍କ ଭଳି ଅଭିନେତା ଥିଲେ ମଧ୍ୟ କେହି ରୋବର୍ଟଙ୍କୁ ଟପି ପାରିନାହାନ୍ତି।

## ଆଠଜଣଙ୍କ ଭିତରୁ ଜଣେ ମାନସିକ ବିକାରଗ୍ରସ୍ତ

### ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ



**ଜେନେଭା:** ବିଶ୍ୱରେ ପ୍ରତି ୮ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମାନସିକ ବିକାରଗ୍ରସ୍ତ ହୋଇଥିବା ୱାର୍ଲ୍ଡହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି। ମହାମାରୀ କରୋନା ସଂକ୍ରମଣ ପୂର୍ବରୁ ଅର୍ଥାତ୍ ୨୦୧୯ରେ ଏହି ସଂଖ୍ୟା ୧୦ କୋଟି ଥିଲା, ଯେଉଁଥିରେ ୧୪ ପ୍ରତିଶତ ଯୁବପିଢ଼ି ରହିଛନ୍ତି। ରିପୋର୍ଟ ଅନୁସାରେ କରୋନା କାରଣରୁ ମାନସିକ ବିକାରଗ୍ରସ୍ତ ରୋଗୀଙ୍କ ସଂଖ୍ୟା ବିଶ୍ୱରେ ବୃଦ୍ଧି ପାଇଛି। ଦିନକୁ ଦିନ ଅବସାଦ ଏବଂ ଚିନ୍ତା ଲୋକଙ୍କ କ୍ଷେତ୍ରରେ ବୃଦ୍ଧି ପାଇଛି। ଆଜିର ଦିନରେ ଏହି ମାମଲା ପ୍ରାୟ ୨୫ ପ୍ରତିଶତ ବୃଦ୍ଧି ପାଇଛି।

ତେବେ ମାନସିକ ବିକାରଗ୍ରସ୍ତଙ୍କ ପାଇଁ ପ୍ରତ୍ୟେକ ଦେଶ ହେଲ୍‌ଥ କେୟାର ବଜେଟର ୨ ପ୍ରତିଶତ ଖର୍ଚ୍ଚ କରୁଥିବାବେଳେ ଚିକିତ୍ସା ଅଭାବରୁ ଅନେକ ଲୋକଙ୍କ ମାନସିକ ସ୍ଥିତି ବିଗିଡ଼ିବାରେ ଲାଗିଛି। ଅଳ୍ପ କେତେଜଣ ଲୋକ ଚିକିତ୍ସା ପାଇଁ ସମର୍ଥ ଅଟନ୍ତି। ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଛନ୍ତି। ତେବେ ରୋଗରୁ ସୁସ୍ଥ ହେବା ପାଇଁ ଅର୍ଥ ବ୍ୟୟ କରିବା, ଉତ୍ତମ ଭବିଷ୍ୟତ ପାଇଁ ଟଙ୍କା ଲଗାଣ କରିବା ସହିତ ସମାନ ବୋଲି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଅଧାନୋମ ଘେବ୍ରେୟେସସ୍ କହିଛନ୍ତି। ମାନସିକ ଭାରସାମ୍ୟ ହରାଇ ୨୦ ଦେଶରେ ଆତ୍ମହତ୍ୟା ମାମଲା ବଢ଼ିଛି। ବିଶ୍ୱରେ ପ୍ରତ୍ୟେକ ଦିନ ୨୦ ଜଣ ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହେଉଥିବା ରିପୋର୍ଟରେ କୁହାଯାଇଛି। ସେହିପରି ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ଆତ୍ମହତ୍ୟା ଉଦ୍ୟମ କରୁଥିବା ଏକାଧିକ ମାନସିକ ରୋଗୀଙ୍କ ମୃତ୍ୟୁ ହେଉଥିବା ଦେଖିବାକୁ ମିଳିଛି। ବିଶେଷକରି ଯୁବପିଢ଼ିଙ୍କ ମୃତ୍ୟୁ ପାଇଁ ଆତ୍ମହତ୍ୟା ଏକ ପ୍ରମୁଖ କାରଣ ପାଲଟିଛି।

## ମାଳିକାଣୀଙ୍କୁ ଖାଇଦେଲେ ବିରାଡ଼ି

ମସ୍କୋ

ରୁଷିଆ ବାଟାୟସ୍କର ରେଷ୍ଟୋଭରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯିବା ପରେ ତାଙ୍କ ପାଳିତ ବିରାଡ଼ିମାନେ ତାଙ୍କୁ ଖାଇଦେଇଥିବା ଖବର ସାମ୍ନାକୁ ଆସିଛି। ମହିଳା ଜଣଙ୍କ ବିରାଡ଼ି ପାଳକ। ଏକାଧିକ ଦିନଧରି ମହିଳାଙ୍କ ସହ ଯୋଗାଯୋଗ ହୋଇପାରୁ ନ ଥିବାରୁ ତାଙ୍କର ଜଣେ କର୍ମଚାରୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ମହିଳାଙ୍କ ଘରେ ପହଞ୍ଚି ଦେଖିଲାବେଳକୁ ଘରେ ୨୦ଟି ବିରାଡି ବୁଲୁଛନ୍ତି। ତେବେ କିଛି ସ୍ଥାନରେ ବିରାଡ଼ିମାନେ ମନୁଷ୍ୟର ଅଙ୍ଗପ୍ରତ୍ୟଙ୍ଗ ଧରି ଖାଉଥିବାର ଦେଖିବାକୁ ମିଳିଥିଲା। ତେବେ ମହିଳା ଜଣଙ୍କ ମୃତ୍ୟୁ ହେବା ପରେ ତାଙ୍କ ପାଳିତ ବିରାଡ଼ି ତାଙ୍କୁ ଖାଇ ଦେଇଥିବା ପୋଲିସ ସନ୍ଦେହ କରୁଛି। ଅନ୍ୟପଟେ ପଶୁ ବିଶେଷଜ୍ଞଙ୍କ ମତରେ ମାଳିକାଣୀଙ୍କ ମୃତ୍ୟୁପରେ ବିରାଡ଼ିମାନେ କିଛି ଖାଇବାକୁ ପାଇ ନ ଥିଲେ। ଫଳରେ ତାଙ୍କ ଆଖପାଖରେ ଯାହା ମିଳିଥିଲା ସେମାନେ ତାହାକୁ ଖାଇଥିବା ବିଶେଷଜ୍ଞ କହିଛନ୍ତି। ତେବେ ଏଭଳି ୨୦୧୩ରେ ଆମେରିକାରେ ଘଟିଥିଲା।

## ସମୁଦ୍ରରେ ପରିସ୍ରା କଲେ ଜରିମାନା

**ଲଣ୍ଡନ:** ସ୍ପେନ୍‌ର ଗାଲିସିଆନ୍‌ର ଭିଗୋରେ ପର୍ଯ୍ୟଟକଙ୍କ ପାଇଁ ନୂଆ ନିୟମ ଲାଗୁ କରାଯାଇଛି। ଭିଗୋ ପ୍ରଶାସନ ଆସୁଥିବା ପର୍ଯ୍ୟଟକ ଯଦି ସମୁଦ୍ରରେ ପରିସ୍ରା କରନ୍ତି ତେବେ ସେମାନଙ୍କୁ ୬୪୦ ପାଉଣ୍ଡ ଅର୍ଥାତ୍ ୬୧,୮୪୯,୬୮ ଟଙ୍କା ଜରିମାନା ଦେବାକୁ ପଡ଼ିବ। ସେହିପରି ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଲାଗୁ ନୂଆ ନିୟମ ଅନୁସାରେ ସମୁଦ୍ରକୂଳରେ ସାବୁନ ବ୍ୟବହାର କରାଯାଇ ପାରିବ ନାହିଁ। ନିକଟରେ ସ୍ପେନ୍‌ର ମାଜୋର୍କା ଏବଂ ଇବିଜାରେ ନୂଆ ନିୟମ ଲାଗୁ କରାଯାଇଛି, ଯେଉଁଥିରେ କୁହାଯାଇଛି ଯେ, ଛୁଟି ପାଳିବାକୁ ଆସୁଥିବା ପର୍ଯ୍ୟଟକ ଗୋଟିଏ ଦିନରେ ଅତିବେଶିରେ ୬ଟି ଡ୍ରିଙ୍କସ୍ ପିଇପାରିବେ। ସେଥିରୁ ମଧ୍ୟାହ୍ନଭୋଜନବେଳେ ୩ଟି ଏବଂ ଡିନରବେଳେ ୩ଟି ଡ୍ରିଙ୍କ୍ ଦିଆଯିବ। ଜାନୁୟାରୀରେ ବାଲିଏରିକ୍ ସରକାର ରାତି ସାଢ଼େ ୯ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ମଦ ବିକ୍ରି ଉପରେ ରୋକ୍ ଲଗାଇଥିଲେ।





## ଛେଳିଛୁଆ କାନ ୧୯ ଇଞ୍ଚ

**ଇସ୍‌ଲାମାବାଦ୍:** ପାକିସ୍ତାନ ସିନ୍ଧରେ ଏକ ବିରଳ ଛେଳିଛୁଆ ଜନ୍ମ ନେଇଛି। ଏହାର କାନର ଲମ୍ବ ୧୯ ଇଞ୍ଚ ଅର୍ଥାତ୍ ୪୬ ସେଣ୍ଟିମିଟର। ଛେଳି ମାଲିକ ଏହାର ନାମ ସିମ୍ବା ରଖିଥିବାବେଳେ ଜୁନ୍ ୫ରେ ସେ ଜନ୍ମ ନେଇଛି। ଚାଲିଲାବେଳେ ସିମ୍ବାର ଦୁଇ କାନ ତଳେ ଘୁଷୁରୁଥିବାବେଳେ ନିଜର ଏ ପ୍ରକାର ଭିନ୍ନତା ପାଇଁ ସ୍ଥାନୀୟ ଅଞ୍ଚଳରେ ସିମ୍ବାର କ୍ରେଜ୍ ବଢ଼ିଯାଇଛି। ଲମ୍ବା କାନ ପାଇଁ ସିମ୍ବା ଗିନିଜ୍ ୱାର୍ଲ୍ଡ ରେକର୍ଡର ଅଧିକାରୀ ହେବା ନେଇ ସମ୍ଭାବନା ଥିବା ମାଲିକ ନାରେଜୋ କହିଛନ୍ତି। ସିମ୍ବା ଏକ ନୁବିଆନ୍ ପ୍ରଜାତିର ଛେଳି। ବିଶ୍ୱରେ ଛେଳି ପ୍ରଜନନ କ୍ଷେତ୍ରରେ ପାକିସ୍ତାନ ତୃତୀୟ ସ୍ଥାନ ଅଧିକାର କରିଛି। ପାକିସ୍ତାନର ଲୋକେ ଉଭୟ କ୍ଷୀର ଓ ମାଂସ ପାଇଁ ଘରେ ଛେଳି ପାଳିଥାନ୍ତି।

## କ୍ରୀଡ଼ା ସୃଷ୍ଟିକରେ ନୂଆ ସମ୍ପର୍କ

### ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ



ପୃଥିବୀରେ ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା କ୍ଷେତ୍ରରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି କ୍ରୀଡ଼ା ସମ୍ପର୍କରେ ସଚେତନତା ଲାଗି ପ୍ରତିବର୍ଷ ଜୁନ୍ ୨୩ରେ ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ପାଳନ କରାଯାଇଥାଏ। ଅଲିମ୍ପିକ ଗେମ୍ସ ହେଉଛି ଏକ ଅନ୍ତର୍ଜାତୀୟ କ୍ରୀଡା ଇଭେଣ୍ଟ। ପ୍ରତି ଚାରି ବର୍ଷରେ ଗ୍ରୀଷ୍ମ ଏବଂ ଶୀତକାଳୀନ ଅଲିମ୍ପିକ୍ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ବିଭିନ୍ନ ପ୍ରତିଯୋଗିତାରେ ପୃଥିବୀର ବିଭିନ୍ନ ଦେଶର ହଜାର ହଜାର ଆଥଲେଟ ଅଂଶଗ୍ରହଣ କରିଥାନ୍ତି। ଲୋକଙ୍କ ଜୀବନରେ ଖେଳ ଏବଂ ଖେଳର ମହତ୍ୱକୁ ଚିହ୍ନିତ କରିବା ଏବଂ ବୟସ, ଲିଙ୍ଗ, ବର୍ଣ୍ଣ କିମ୍ବା ଧର୍ମ ନିର୍ବିଶେଷରେ ସମଗ୍ର ପୃଥିବୀର ଲୋକଙ୍କୁ କ୍ରୀଡ଼ାରେ ଅଂଶଗ୍ରହଣ କରିବା ଲାଗି ପ୍ରୋତ୍ସାହିତ କରିବା ଅନ୍ତର୍ଜାତୀୟ ଅଲିମ୍ପିକ ଦିବସର ମୁଖ୍ୟ ଲକ୍ଷ୍ୟ। ପ୍ୟାରିସର ସୋରବୋନେ ଠାରେ ୨୩ ଜୁନ ୧୮୯୪ ରେ ଆଧୁନିକ ଅଲିମ୍ପିକ ଗେମ୍ସର ଜନ୍ମକୁ ସ୍ମରଣ କରିବା ପାଇଁ ୧୯୪୮ରେ ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ଆରମ୍ଭ କରାଯାଇଥିଲା। କ୍ରୀଡ଼ା ମାଧ୍ୟମରେ କିଭଳି ବସୁଧୈବ କୁଟୁମ୍ବକମ୍ ଉଦ୍ଦେଶ୍ୟ ପୂରଣ କରାଯିବ ତାହା ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ।

## ଖସୁଛି ପୁଞ୍ଜିବଜାର

**ମୁମ୍ବାଇ:** ଚଳିତ ସପ୍ତାହର ପ୍ରଥମ ୨ଦିନ ବୃଦ୍ଧି ଜାରି ରହିବା ପରେ ୩ୟ କାରବାର ଦିବସ ଅର୍ଥାତ୍ ବୁଧବାର ଭାରତୀୟ ପୁଞ୍ଜିବଜାରରେ ହ୍ରାସ ଦେଖିବାକୁ ମିଳିଛି। ସେନ୍‌ସେକ୍ସରେ ୭୧୦ (୧.୩୫%) ଏବଂ ନିଫ୍ଟିରେ ୨୨୬ (୧.୪୪%) ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୧,୮୨୩ ଏବଂ ନିଫ୍ଟି ୧୫,୪୧୩ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ୧୨୬୮ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୦୨୫ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ବୁଧବାରର ଟପ୍ ଗେନର୍ସ ତାଲିକାରେ ବିପିସିଏଲ୍, ଆର୍‌ବିଏଲ୍ ବ୍ୟାଙ୍କ, ମହାନଗର ଗ୍ୟାସ୍, ଇଣ୍ଟରଗ୍ଲୋବ୍ ଆଭିଏସନ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ହିଣ୍ଡାଲ୍‌କୋ, ୟୁପିଏଲ୍, ୱିପ୍ରୋ, ରିଲାଏନ୍ସ ଇଣ୍ଡିଆ ରହିଛନ୍ତି।

## ସଂକ୍ଷେପରେ

### ‘୭.୫% ବଢ଼ିପାରେ ଭାରତୀୟ ଅର୍ଥ ବ୍ୟବସ୍ଥା’

**ନୂଆଦିଲ୍ଲୀ,୨୨।୬:** ଚଳିତ ବର୍ଷ ଭାରତୀୟ ଅର୍ଥବ୍ୟବସ୍ଥାରେ ୭.୫% ହାରରେ ଅଭିବୃଦ୍ଧି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି। ଏହାଦ୍ୱାରା ଭାରତ ଏକ ଦ୍ରୁତ ଅଭିବୃଦ୍ଧି କରୁଥିବା ଅର୍ଥବ୍ୟବସ୍ଥାରେ ପରିଗଣିତ ହୋଇପାରିବ ବୋଲି ସେ କହିଛନ୍ତି। ବ୍ରିକ୍ସ ବିଜ୍‌ନେସ୍ ଫୋରମ୍‌ରେ ସମ୍ବୋଧନ କରି ମୋଦି କହିଛନ୍ତି, ଭାରତୀୟ ଡିଜିଟାଲ୍ ଅର୍ଥବ୍ୟବସ୍ଥାର ମୂଲ୍ୟ ୨୦୨୫ ସୁଦ୍ଧା ୧ ଟ୍ରିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଯିବ। ନୂଆ ଭାରତର ସମସ୍ତ ସେକ୍ଟରରେ ପରିବର୍ତ୍ତନ ଘଟୁଛି। ଆର୍ଥିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଉଦ୍ୟୋଗିକ ଆଧାର ବିକାଶ। ସମସ୍ତ କ୍ଷେତ୍ରରେ ଆବିଷ୍କାରକୁ ଗୁରୁତ୍ୱ ଦିଆଯାଉଥିବା ମୋଦି କହିଛନ୍ତି। ବ୍ରିକ୍ସ ବିଜ୍‌ନେସ ଫୋରମ୍ ବିଶ୍ୱର ୫ଟି ଦ୍ରୁତ ବିକାଶଶୀଳ ଦେଶ ଯଥା- ବ୍ରାଜିଲ୍,ଚାଇନା, ରୁଷିଆ, ଭାରତ, ଦକ୍ଷିଣ ଆଫ୍ରିକାକୁ ଏକାଠି କରିଥାଏ।

### ଅଶୋଧିତ ତୈଳରେ ୫ ଡଲାର ହ୍ରାସ

**ନୂଆଦିଲ୍ଲୀ, ୨୨।୬:** ବୁଧବାର ଅଶୋଧିତ ତୈଳ ଦର ପ୍ରାୟ ୫ ଡଲାର ହ୍ରାସ ପାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଫୁଏଲ୍ ଉପରେ ଟିକସ ହ୍ରାସ କରିବା ପରେ ଏହି ହ୍ରାସ ଦେଖାଦେଇଛି। ଏହାଦ୍ୱାରା ବ୍ରେଣ୍ଟ କ୍ରୁଡ୍ ଫ୍ୟୁଚର୍ସ ୪.୬୫ ଡଲାର ଅର୍ଥାତ୍ ୪.୧% ହ୍ରାସ ଘଟି ବ୍ୟାରେଲ ପିଛା ୧୧୦ ଡଲାର ହୋଇଥିବା ବେଳେ ୟୁଏସ୍ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ ଫ୍ୟୁଚର୍ସରେ ୫.୦୮ ଡଲାର ଅର୍ଥାତ୍ ୪.୬% ହ୍ରାସ ଘଟି ବ୍ୟାରେଲ ପିଛା ୧୦୪.୪୪ ଡଲାରରେ ପହଞ୍ଚିଛି। ଏହାପରେ ବାଇଡେନ୍ ଗ୍ୟାସୋଲିନ୍ ଉପରେ ଟ୍ୟାକ୍ସ ହ୍ରାସ ପାଇଁ ପ୍ରସ୍ତାବ ଦେଇପାରନ୍ତି। ତେବେ ଆମେରିକାର ୨ ପ୍ରମୁଖ ରାଜନୈତିକ ଦଳ ଟ୍ୟାକ୍ସ ହ୍ରାସ କରିବା ଯୋଜନାକୁ ସମର୍ଥନ କରିନାହାନ୍ତି। ଚଳିତ ସପ୍ତାହରେ ୭ ଅଗ୍ରଣୀ ଅଏଲ୍ କମ୍ପାନୀର ସିଇଓ ଆମେରିକା ସରକାରଙ୍କ ସହ ଉତ୍ପାଦନ ବଢ଼ାଇବା ସମ୍ପର୍କରେ ଆଲୋଚନା କରୁଛନ୍ତି।

# ଯୋଜନା ବିଗାଡୁଛି ରାଜ୍ୟର ଆର୍ଥିକ ସ୍ଥିତି




- ଗରିବ ରାଜ୍ୟ ତାଲିକାରେ ବିହାର, ପଞ୍ଜାବ, କେରଳ, ପଶ୍ଚିମବଙ୍ଗ ଏବଂ ରାଜସ୍ଥାନ
- ଅର୍ଥ ସବ୍‌ସିଡି, ମାଗଣା ବିଜୁଳି ଏବଂ ପାଣି ଭଳି ସୁବିଧା, ପୁରୁଣା ପେନ୍‌ସନ ଯୋଜନା ଭଳି ପଦକ୍ଷେପ ଆର୍ଥିକ ସ୍ଥିତିକୁ ଖରାପ କରୁଛି
- ଆର୍‌ବିଆଇ ରିପୋର୍ଟ କାର୍ଡ

ନୂଆଦିଲ୍ଲୀ, ୨୨।୬

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଭାରତର ଗରିବ ରାଜ୍ୟ ସମ୍ପର୍କରେ ଏକ ତଥ୍ୟ ପ୍ରକାଶ କରାଯାଇଛି। ଆର୍‌ବିଆଇ ପକ୍ଷରୁ ସଦ୍ୟ ପ୍ରକାଶିତ ତଥ୍ୟ ଅନୁସାରେ ୫ ସର୍ବାଧିକ ଗରିବ ରାଜ୍ୟ ତାଲିକାରେ ବିହାର, ପଞ୍ଜାବ, କେରଳ, ପଶ୍ଚିମବଙ୍ଗ ଏବଂ ରାଜସ୍ଥାନ ସାମିଲ ଅଛନ୍ତି। ଚାଲୁ ରହିଥିବା ଶ୍ରୀଲଙ୍କା ସଙ୍କଟ ପରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଭାରତର ସମସ୍ତ ରାଜ୍ୟର ଆର୍ଥିକ ଅବସ୍ଥାର ବିସ୍ତୃତ ଆକଳନ କରାଯାଇଛି। ଆର୍‌ବିଆଇ ଅନୁସାରେ, କୋଭିଡ୍ ମହାମାରୀ କାରଣରୁ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଅନେକ ମାତ୍ରାରେ ଖରାପ ହୋଇଛି। ଏହାଛଡ଼ା ଅର୍ଥ ସବ୍‌ସିଡି, ମାଗଣାରେ ବିଜୁଳି ଏବଂ ପାଣି ଭଳି ସୁବିଧା ଦିଆଯିବା, ପୁରୁଣା ପେନ୍‌ସନ ଯୋଜନା ଲାଗୁ କରାଯିବା ଭଳି ପଦକ୍ଷେପଗୁଡ଼ିକ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତିକୁ ଆହୁରି ଖରାପ କରିଦେଇଛି। ରିଜର୍ଭ ବ୍ୟାଙ୍କ ଅନୁସାରେ, ୨୦୧୧-୧୨ଠାରୁ ୨୦୧୯-୨୦ ମଧ୍ୟରେ ରାଜ୍ୟଗୁଡ଼ିକର ମୋଟ୍ ଆର୍ଥିକ ନିଅଣ୍ଟ ଏବଂ ଜିଡିପି ଅନୁପାତ ୨.୫% ରହିଛି। ଏହି ଅନୁପାତକୁ ୩% ପର୍ଯ୍ୟନ୍ତ ବୃଦ୍ଧି ପାଇଁ ରାଜ୍ୟଗୁଡ଼ିକୁ ପ୍ରୟାସ କରିବାକୁ ପଡ଼ିବ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ଆର୍‌ବିଆଇ ତଥ୍ୟ ଅନୁସାରେ ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ ଏବଂ ଓଡ଼ିଶା ଭଳି ରାଜ୍ୟଗୁଡ଼ିକର ଉତ୍ତମ ପ୍ରଦର୍ଶନ କାରଣରୁ ଆଗାମୀ ଦିନରେ ମୋଟ୍ ଆର୍ଥିକ ନିଅଣ୍ଟ ଏବଂ ଜିଡିପି ଅନୁପାତରେ ସୁଧାର ଆସିପାରେ। ଏହାଛଡ଼ା ଆର୍ଥିକ ବର୍ଷ ୨୦୨୬-୨୭ରେ ଋଣ ଏବଂ ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅନୁପାତ ମାମଲାରେ ପଞ୍ଜାବର ସବୁଠାରୁ ଖରାପ ସ୍ଥିତି ହୋଇପାରେ। ପଞ୍ଜାବର ଏହି ଅନୁପାତ ୪୫% ପାରହେବା ସମ୍ଭାବନା ରହିଥିବା ବେଳେ ରାଜସ୍ଥାନ, କେରଳ ଏବଂ ପଶ୍ଚିମବଙ୍ଗ ପାଇଁ ଏହି ଅନୁପାତ ୩୫%ରୁ ଊର୍ଦ୍ଧ୍ୱ ହୋଇପାରେ। ଆର୍‌ବିଆଇ ତଥ୍ୟ ଅନୁସାରେ ସର୍ବାଧିକ ଋଣଭାର ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ପଞ୍ଜାବ, ରାଜସ୍ଥାନ, କେରଳ, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ହରିୟାଣର ନାମ ସାମିଲ ରହିଛି। ମାଗଣା ବିଦ୍ୟୁତ୍, ମାଗଣା ଜଳ, ମାଗଣା ପରିବହନ, ଚାଷୀଙ୍କୁ ଋଣଛାଡ଼ ଭଳି ବିଭିନ୍ନ ରାଜ୍ୟ ସରକାରଙ୍କ ପଦକ୍ଷେପ ଦ୍ୱାରା ପ୍ରାଇଭେଟ୍ ଇନ୍‌ଭେଷ୍ଟମେଣ୍ଟର ଫାଇଦାକୁ ଶେଷ କରି ଦେଉଥିବା ଆର୍‌ବିଆଇ ପକ୍ଷରୁ କୁହାଯାଇଛି।

# ବଜାର ଶୀର୍ଷରେ ଫାୟାର୍-ବୋଲ୍ଟ ସ୍ମାର୍ଟୱାଚ୍




ଭୁବନେଶ୍ୱର,୨୨।୬

ଇଣ୍ଟରନ୍ୟାଶନାଲ ଡାଟା କର୍ପୋରେଶନ (ଆଇଡିସି)ର ରିପୋର୍ଟ ଅନୁସାରେ ୱେରେବୁଲ୍ ୱାଚ୍ ମାର୍କେଟ୍‌ରେ ଫାୟାର-ବୋଲ୍ଟ ଶୀର୍ଷ ସ୍ଥାନ ଗ୍ରହଣ କରିଛି। ଏପରିକି କମ୍ପାନୀ କେବଳ ୧୫ମାସ ମଧ୍ୟରେ ବଜାର ଲିଡର ହୋଇପାରିଛି। କମ୍ପାନୀ ଉକ୍ତ ସଫଳତାକୁ ପାଳନ କରିବା ପାଇଁ ବୁଧବାର ସ୍ଥାନୀୟ ଶହୀଦନଗରର ଏକ ହୋଟେଲରେ କମ୍ପାନୀର ପ୍ରମୁଖ ରିଟେଲ ପାର୍ଟନରଙ୍କ ସହ ଏକ ମିଟ୍ ଆଣ୍ଡ ଗ୍ରିଟ୍ ଅଧିବେଶନର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଫାୟାର-ବୋଲ୍ଟର ପ୍ରଡକ୍ଟ ମ୍ୟାନେଜର ଅମିତ ଶ୍ରୀବାସ୍ତବ, ଫାୟାର ବୋଲ୍ଟର ଆର୍‌ଏସ୍‌ଏମ୍ କୁନାଲ ବୋଷ, ସାଭେକ୍ସ ଟେକ୍ନୋଲୋଜିସ୍‌ର ଡିଜିଏମ୍ ସୁଜିତ ଦାସ,ଜୟ ସାଦାନିଙ୍କ ସମେତ ବହୁ ବିଶିଷ୍ଟ ବ୍ୟବସାୟୀ ଓ ଅଂଶଧନକାରୀ ପ୍ରମୁଖ ଉପସ୍ଥିତ ରହିବା କାର୍ଯ୍ୟକ୍ରମ ଅଛି। ବିଶେଷକରି ଏହି ଶିଳ୍ପ ଏକ ସ୍ଥିର ଗତିରେ ଆଗକୁ ବଢ଼ିବା ସତ୍ତ୍ୱେ ଫାୟାର-ବୋଲ୍ଟ ତ୍ରୈମାସ ଆଧାରରେ ୪୭.୫% ଅଭିବୃଦ୍ଧି ହାସଲ କରିଛି। ସେହିପରି ଉକ୍ତ ଶିଳ୍ପର ୬୨୮,୭୮୯ ତୁଳନାରେ ମୋଟ ୯୧୬,୭୬୫ ୟୁନିଟ୍ ବିକ୍ରି ଏବଂ ସମଗ୍ର ଶିଳ୍ପରେ ହାରାହାରି ୨୫% ହ୍ରାସ ମଧ୍ୟ ହୋଇଛି। ଫାୟାର-ବୋଲ୍ଟ ହେଉଛି ଏକମାତ୍ର ବ୍ରାଣ୍ଡ ଯାହା ଆକ୍ରମଣାତ୍ମକ ଭାବେ ଅଫ୍‌ଲାଇନ୍ ବଜାର ଉପରେ ଗୁରୁତ୍ୱ ଦେଇଥିଲା। ଏହି ବ୍ରାଣ୍ଡ ଅନ୍‌ଲାଇନ ଓ ଅଫ୍‌ଲାଇନ୍ ମାର୍କେଟିଂକୁ ଏକ ୫୦-୫୦% ଅନୁପାତରେ ବିଭାଜନ କରିଛି ଯାହା କମ୍ପାନୀକୁ ପ୍ରତିମାସରେ ୫ଲକ୍ଷରୁ ଅଧିକ ୟୁନିଟ୍ ବିକ୍ରି କରିବାରେ ସାହାଯ୍ୟ କରୁଛି।

# ପ୍ଲାଷ୍ଟୋର ନୂତନ ଉତ୍ପାଦର ବଜାର ପ୍ରବେଶ

ନୂଆଦିଲ୍ଲୀ,୨୨।୬




ଚଳିତ ଶତାବ୍ଦୀର ଉଦ୍ଭାବନଗୁଡ଼ିକ ସହ ଆର୍‌ସି ପ୍ଲାଷ୍ଟୋ ପାଇପ୍ସ ଆଣ୍ଡ ଟ୍ୟାଙ୍କ୍ସ ଏହାର ଗୁଣବତ୍ତାରେ ବୃଦ୍ଧି କରିବା ସହ ବର୍ତ୍ତମାନ ପ୍ଲାଷ୍ଟୋ ‘ଇଜି କ୍ଲିନ୍ ଟ୍ୟାଙ୍କ’ର ବଜାର ପ୍ରବେଶ କରାଇଛି। ଏହା ଜଳ ସଂରକ୍ଷଣ କରୁଥିବା ଟ୍ୟାଙ୍କି ଏବଂ ଏହାର ଉଚ୍ଚତା ସାଧାରଣ ଟ୍ୟାଙ୍କି ଭଳି ହୋଇଥାଏ। ତେବେ ପାଣିଟାଙ୍କି ଉପରେ ସାଧାରଣତଃ କେହି ନଜର ଦେଉ ନ ଥିବାରୁ ଏହା ଅପରିଷ୍କାର ହୋଇ ପଡ଼ିରହିଥାଏ। ପାଣିଟାଙ୍କି ସଫା କରିବା ମଧ୍ୟ ଏକ କଷ୍ଟକର ବ୍ୟାପାର। ତେବେ ପ୍ଲାଷ୍ଟୋ ସହଜରେ ଏହି ସମସ୍ୟାରେ ସମାଧାନ କରିଥାଏ। ପ୍ଲାଷ୍ଟୋର ‘ଇଜି କ୍ଲିନ୍ ୱାଟର ଟ୍ୟାଙ୍କ’ ୩ଟି କ୍ଷମତା ବିଶିଷ୍ଟ ଟ୍ୟାଙ୍କି ଯଥା- ୧୦୦୦ ଲିଟର, ୭୫୦ ଲିଟର ଏବଂ ୫୦୦ ଲିଟରର ଶୁଭାରମ୍ଭ କରାଯାଇଛି। ଏସବୁର ଉଚ୍ଚତା ୩୨ଇଞ୍ଚ ହୋଇଥିବା ବେଳେ ଲହା ୬ସ୍ତର ବିଶିଷ୍ଟ ୱାଟର ଟ୍ୟାଙ୍କ୍ ଏବଂ ସୂର୍ଯ୍ୟକିରଣ ପାଣିଟାଙ୍କି ଭିତରକୁ ପଶିବାକୁ ସୁଯୋଗ ଦେଇ ନ ଥାଏ। ଏହା ଫୁଡ୍-ଗ୍ରେଡ୍ ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥିବାରୁ ସଂରକ୍ଷିତ ପାଣିକୁ ସତେଜ ରଖେ। ଫଳରେ ଏହାର ପାଣିକୁ ସୁରକ୍ଷିତ ପାନୀୟ ଜଳ ଭାବରେ ଗ୍ରହଣ କରାଯାଇପାରିବ।

# ହ୍ରାସ ପାଉଛି ଭାରତୀୟ ମୁଦ୍ରା ମୂଲ୍ୟ

ନୂଆଦିଲ୍ଲୀ, ୨୨।୬

ବିଦେଶୀ ନିବେଶକମାନେ ଲଗାତର ଭାବରେ ପାଣ୍ଠି ଉଠାଣ କରିବା ଏବଂ ଘରୋଇ ପୁଞ୍ଜିବଜାରରେ ହ୍ରାସ ପରେ ବୁଧବାର ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ୨୭ ପଇସା ହ୍ରାସ ଘଟିଛି। ଫଳରେ ଭାରତୀୟ ମୁଦ୍ରା ୭୮.୪୦ର ସର୍ବନିମ୍ନ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ନିବେଶକଙ୍କ କହିବା ଅନୁସାରେ, ଡଲାର ଉତ୍ତମ ସ୍ତରରେ ଥିବାରୁ ଏହାର ପ୍ରଭାବ ଭାରତୀୟ ମୁଦ୍ରା ଉପରେ ପଡ଼ିଛି। ତେବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ, ଭାରତୀୟ ମୁଦ୍ରାକୁ ଭାରି ହ୍ରାସ ହେବାରୁ ରକ୍ଷା କରିଥିଲା।

# ଏଚ୍‌ସିସିବିର ୨୫ ବର୍ଷ ପୂର୍ତ୍ତି ଉତ୍ସବ

ଭୁବନେଶ୍ୱର,୨୨।୬

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ହିନ୍ଦୁସ୍ଥାନ କୋକା-କୋଲା ବେଭରେଜେସ୍ (ଏଚ୍‌ସିସିବି) ର ୨୫ବର୍ଷ ପୂର୍ତ୍ତି ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଏମ୍‌ପି (ରାଜ୍ୟ ସଭା) ଡ. ଅମର ପଟ୍ଟନାୟକ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଚ୍‌ସିସିବି ଚେୟାରମ୍ୟାନ ଓ ସିଇଓ ନିରଜ ଗର୍ଗଙ୍କ ଅଧ୍ୟକ୍ଷତାରେ ସଭା ଆରମ୍ଭ ହୋଇଥିଲା। ସଭାର ମୁଖ୍ୟ ଆକର୍ଷଣ ବରିଷ୍ଠ ଅଭିନେତା,ଲେଖକ, କବି ଏବଂ ଚିନ୍ତାନାୟକ ଆଶୁତୋଷ ରାଣା, ଏଚ୍‌ସିସିବିର ୨୫ବର୍ଷ ପୂର୍ତ୍ତି ଉତ୍ସବ ଓ କମ୍ପାନୀ ଦୀର୍ଘ ଯାତ୍ରା ସମ୍ପର୍କରେ ତାଙ୍କର ଅନନ୍ୟ ବର୍ଣ୍ଣନା ଶୈଳୀରେ ବିସ୍ତୃତଭାବେ ସଭାରେ ଉପସ୍ଥିତ ସବୁ ବର୍ଗର ଲୋକଙ୍କ ନିକଟରେ ବର୍ଣ୍ଣନା କରିଥିଲେ। ସେହିଭଳି ନିରଜ ଗର୍ଗ କହିଥିଲେ, ଗତ ୨୫ବର୍ଷ ମଧ୍ୟରେ ଭାରତର ବ୍ୟାପକ ପରିବର୍ତ୍ତନ ହୋଇଛି। ଏସବୁ ପରିବର୍ତ୍ତନ ମଧ୍ୟରେ ଆମେ କେବଳ ସଫଳତାର ସହ ଆଗକୁ ବଢ଼ି ନାହୁଁ, ତାହା ସହିତ ଏଭଳି ଏକ ପରିବ୍ୟବସ୍ଥାକୁ ମଧ୍ୟ ସମର୍ଥନ ଜଣାଉଛୁ ଯାହା ସମ୍ପ୍ରତି ମଜଭୁତ, ଦୀର୍ଘସ୍ଥାୟୀ ଏବଂ ସ୍ୱାବଲମ୍ବୀ ହୋଇପାରିଛି। କମ୍ପାନୀ ୨୫ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଓଡ଼ିଶାରେ ଏକାଧିକ ପଦକ୍ଷେପ ସମ୍ପର୍କରେ ମଧ୍ୟ ଘୋଷଣା କରିଛି।

# ସମାଧାନର ସାଧନ ହେଉଛି ଯୋଗ




**ନୂଆଦିଲ୍ଲୀ,୨୨।୬:** ୮ମ ଅନ୍ତର୍ଜାତୀୟ ଯୋଗ ଦିବସ ପରିପ୍ରେକ୍ଷୀରେ ଯୋଗଗୁରୁ ସ୍ୱାମୀ ରାମଦେବଙ୍କ ନେତୃତ୍ୱରେ ପତଞ୍ଜଳି ୱେଲ୍‌ନେସ ସେଣ୍ଟର, ପତଞ୍ଜଳି ଯୋଗପୀଠ-୨ରେ ଏକ ସ୍ୱତନ୍ତ୍ର ଯୋଗାଭ୍ୟାସ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରୋଗମୁକ୍ତ ଜୀବନ କଳା, ମାନସିକ ଏବଂ ଶାରୀରିକ ବିକାରଗୁଡ଼ିକୁ ଶେଷ କରି ମଣିଷ ଏବଂ ପ୍ରକୃତି ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନ କରିବାରେ ଯୋଗ ଏକ ମାଧ୍ୟମ ବୋଲି ରାମଦେବ କହିଛନ୍ତି। ସେହିଭଳି ପତଞ୍ଜଳି ୱେଲ୍‌ନେସ୍‌ରେ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ମାଧ୍ୟମରେ ଲକ୍ଷ ଲକ୍ଷ ନିରାଶ ରୋଗୀଙ୍କ ଜୀବନରେ ନୂଆ ଆଶା ସଞ୍ଚାର କରାଯାଉଛି, ଏପରିକି ସମାଧାନର ସାଧନ ହେଉଛି ଯୋଗ ବୋଲି ରାମଦେବ ମତବ୍ୟକ୍ତ କରିଛନ୍ତି।

# ୩୦ ଲକ୍ଷ ଟନ୍ ଗହମ ରପ୍ତାନି ହୋଇଛି

**ନୂଆଦିଲ୍ଲୀ,୨୨।୬:** ଚଳିତ ବର୍ଷ ଜୁନ୍ ମଧ୍ୟରେ ଭାରତ ୩୦ ଲକ୍ଷ ଟନ୍ ଗହମ ରପ୍ତାନି କରିସାରିଛି। ଏହାଛଡ଼ା ଆହୁରି ମଧ୍ୟ କିଛି ଦେଶ ରପ୍ତାନି ପାଇଁ ଅନୁରୋଧ କରିଛନ୍ତି। ଏପରିକି ରପ୍ତାନୀ ସମ୍ପର୍କରେ ବିଚାର କରାଯାଉଥିବା ସରକାରଙ୍କ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ତେବେ ରପ୍ତାନି ଉପରେ ଲଗାଯାଇଥିବା କଟକଣା ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ କହିଛନ୍ତି, ଉଚିତ ସମୟ ଆସିଲେ ସରକାରଙ୍କ ପକ୍ଷରୁ ଠିକ୍ ପଦକ୍ଷେପ ନିଆଯିବ। ଖାଦ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପାର୍ଥ ଏସ୍ ଦାସ କହିଛନ୍ତି, ଅନେକ ଦେଶରୁ ଗହମ ପାଇଁ ଅନୁରୋଧ ଆସିଥିଲେ ମଧ୍ୟ କେତେକ ଦେଶର ଅନୁରୋଧ ରକ୍ଷା କରାଯାଇଛି। ସେଥିମଧ୍ୟରୁ ବାଂଲାଦେଶକୁ ୧.୫ ଲକ୍ଷ ଟନ୍ ଗହମ ରପ୍ତାନି କରାଯାଇଥିବା ଦାସ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଦେଶର ଗହମ ରପ୍ତାନି ୨୯.୭୦ ଲକ୍ଷ ଟନ୍ ଥିବା ବେଳେ ଅଟା ରପ୍ତାନି ୨.୫୯ ଲକ୍ଷ ଟନ୍ ଥିବା ଦାସ କହିଛନ୍ତି।

# ସ୍କୋଡା ଅକ୍ଟେଭିଆର ରେକର୍ଡ ପରିମାଣ ବିକ୍ରି

ନୂଆଦିଲ୍ଲୀ,୨୨।୬




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ‘ସ୍କୋଡା ଅଟୋ ଇଣ୍ଡିଆ’ର ଅକ୍ଟେଭିଆ ୧ ଲକ୍ଷ ୟୁନିଟ୍ ଗାଡ଼ି ବିକ୍ରିର ନମ୍ବର ଅତିକ୍ରମ କରିଛି। ଏପରିକି କମ୍ପାନୀର ଉକ୍ତ ମଡେଲ ୧୦୧,୧୧୧ ନମ୍ବର ଗାଡ଼ି ବିକ୍ରି କରିଛି। ସେହିଭଳି ରେକର୍ଡ ପରିମାଣର ଗାଡ଼ିର ଗ୍ରାହକଙ୍କୁ ଚାବି ପ୍ରଦାନ କରାଯିବା ବେଳେ ଏହାର ମାସିକ ଏବଂ ତ୍ରୈମାସିକ ବିକ୍ରୟ ରେକର୍ଡ ମଧ୍ୟ ଭଙ୍ଗ କରିଛି। ଏହା ସହିତ ସ୍କୋଡା ଅକ୍ଟେଭିଆ ମଧ୍ୟ ପାର୍ଟସ ଏବଂ କମ୍ପୋନେଣ୍ଟ ରୁଟ୍ ମାଧ୍ୟମରେ ଭାରତର ସର୍ବବୃହତ୍ ବିକ୍ରୟ କାର୍ ହେବାର ରେକର୍ଡ ସୃଷ୍ଟି କରିଛି। ସେହିପରି ସ୍କୋଡା ଅକ୍ଟେଭିଆ ବର୍ତ୍ତମାନ ଭାରତରେ କ୍ରମାଗତ ବିକ୍ରିରେ ଦୀର୍ଘତମ ଚାଲୁଥିବା ଶୀର୍ଷସ୍ଥାନ ବଜାୟ ରଖିବାର ଗୌରବ ରଖିଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଜେକ ହୋସିଲ କହିଛନ୍ତି, ଭାରତରେ ପ୍ରବେଶ କରିବା ଦିନଠାରୁ ସ୍କୋଡା ଅଟୋ ସହ ଅକ୍ଟେଭିଆ ସମକକ୍ଷ ହୋଇଛି। ଏହାର ଡିଜାଇନ, ପ୍ରଯୁକ୍ତିବିଦ୍ୟା, ଆରାମ, ବହୁମୁଖିତା ଏବଂ ଡ୍ରାଇଭିଂ ଗତିଶୀଳତାର ଏକ ମୂଲ୍ୟବାନ୍ ବିଳାସପୂର୍ଣ୍ଣ ପ୍ୟାକେଜ ସହ ଏହା ଭାରତୀୟ ଗ୍ରାହକଙ୍କୁ ପରିଚିତ କରାଇଛି। ୨୦୦୧ରେ ଏହାର ଶୁଭାରମ୍ଭ ହୋଇଥିବା ବେଳେ ଏକ ନିଜସ୍ୱ ସେଗ୍‌ମେଣ୍ଟ ସୃଷ୍ଟି କରିଛି। ଏହା ଭାରତରେ ସର୍ବକାଳୀନ ସର୍ବାଧିକ ବିକ୍ରି ହୋଇଥିବା ସିକେଡି ହୋଇପାରିଛି। ନିକଟରେ ଉକ୍ତ ମଡେଲ ୧ଲକ୍ଷ ବିକ୍ରୟ ମାର୍କ ଅତିକ୍ରମ ସହ ଆମର ପ୍ରଶଂସକ ଏବଂ ଗ୍ରାହକଙ୍କ ପରିବାରକୁ ମଧ୍ୟ ଗୌରବମୟ କରିଛି।

# ୪୦ ବର୍ଷରେ ସର୍ବାଧିକ ସ୍ତରରେ ବ୍ରିଟେନ୍ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ, ୨୨।୬:** ବର୍ତ୍ତମାନ ସମୟରେ ସାରା ଦୁନିଆ ଦରବୃଦ୍ଧି ସହ ଲଢୁଥିବା ବେଳେ ବ୍ରିଟେନ୍ ମଧ୍ୟ ଏହାର ଶିକାର ହୋଇଛି। ଏପରିକି ବ୍ରିଟେନ୍‌ର ମୁଦ୍ରାସ୍ଫୀତି ଗତ ୪୦ ବର୍ଷର ସର୍ବାଧିକ ସ୍ତରରେ ପହଞ୍ଚିଥିବା କୁହାଯାଉଛି। ବୁଧବାର ପ୍ରକାଶିତ ତଥ୍ୟ ଅନୁସାରେ ମେ’ ମାସ ପାଇଁ ବ୍ରିଟେନ୍‌ର ମୁଦ୍ରାସ୍ଫୀତି ଆକଳନ ୯.୧% ରହିଛି। ପୂର୍ବ ମାସରେ ଏହା ୯% ରହିଥିଲା। ସେହିଭଳି ମେ ମାସ ପାଇଁ ବ୍ରିଟେନ୍‌ର ମୁଦ୍ରାସ୍ଫୀତି ୧୯୮୨ ପରଠାରୁ ସର୍ବୋଚ୍ଚ ସ୍ତରରେ ରହିଛି। ବ୍ରିଟେନ୍‌ର ଅଫିସ ଫର୍ ଷ୍ଟାଟିଷ୍ଟିକ୍ସ ପକ୍ଷରୁ ଏହି ତଥ୍ୟ ଜାରି କରାଯାଇଛି। ସେହିପରି ମୁଦ୍ରାସ୍ଫୀତି ବୃଦ୍ଧି କାରଣରୁ ବ୍ୟାଙ୍କ ଅଫ୍ ଇଂଲଣ୍ଡ ଉପରେ ରେପୋ ରେଟ୍ ବୃଦ୍ଧି ପାଇଁ ଚାପ ବଢ଼ିବ। ଅପରପକ୍ଷରେ ଶକ୍ତି କ୍ଷେତ୍ରରେ ଘଟୁଥିବା ଲଗାତର ଦରବୃଦ୍ଧି କାରଣରୁ ଚଳିତ ବର୍ଷ ଶେଷ ସୁଦ୍ଧା ଇଂଲଣ୍ଡର ମୁଦ୍ରାସ୍ଫୀତି ୧୧% ଅତିକ୍ରମ କରିବାର ସମ୍ଭାବନା ରହିଥିବା ବ୍ୟାଙ୍କ ଅଫ୍ ଇଂଲଣ୍ଡ ପକ୍ଷରୁ କୁହାଯାଇଛି।

# ଜୀ ସାର୍ଥକର ‘ନାଲି ବିନ୍ଦୁ’ ଅଭିଯାନ

ଭୁବନେଶ୍ୱର,୨୨।୬




ଓଡ଼ିଶାର ପ୍ରମୁଖ ମନୋରଞ୍ଜନ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଏକ ଭିନ୍ନ ଧରଣର ଅଭିଯାନ ସାରା ରାଜ୍ୟରେ ଆରମ୍ଭ କରାଯାଇଛି। ଏପରିକି ଏକ ଅଭିନବ ପ୍ରୟାସ ଜରିଆରେ ମହିଳାଙ୍କ ଋତୁସ୍ରାବ ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଉଛି। ଉକ୍ତ ଅଭିଯାନ ‘ନାଲି ବିନ୍ଦୁ’ ନାମରେ ଜାରି ରହିଛି। ଏହା ଏବେ ଓଡ଼ିଶାର ଘରେ ଘରେ ପହଞ୍ଚିଯାଇଛି। ବିଶେଷକରି ମହିଳାଙ୍କ ମଧ୍ୟରେ ସର୍ବାଧିକ ସଚେତନତା ସୃଷ୍ଟି କରିବା ସହ ଏ ନେଇ ମଧ୍ୟ ଆବଶ୍ୟକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ‘ନାଲି ବିନ୍ଦୁ’ ଭିଜୁଆଲ କ୍ୟାମ୍ପେନର ଆରମ୍ଭ କରାଯାଇଛି। ଓଡ଼ିଶାର ଗଣପର୍ବ ‘ରଜ’ର ଅନେକ ବିଶେଷତ୍ୱ ରହିଥିବାରୁ ରଜପର୍ବଠାରୁ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକରେ ‘ନାଲି ବିନ୍ଦୁ’ କ୍ୟାମ୍ପେନ ଲୋକଙ୍କ ନିକଟରେ ପହଞ୍ଚିବାର ପ୍ରୟାସ କରାଯାଉଛି। ସେହିଭଳି ମାସିକ ଋତୁସ୍ରାବ କାରଣରୁ ଅଧିକାଂଶ କିଶୋରୀ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ମାସକୁ ଅନ୍ୟୂନ ୫ଦିନ କିଶୋରୀମାନେ ସ୍କୁଲ ଯାଇପାରୁ ନ ଥିବାରୁ ସେହି ସମୟର ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥାଏ। ଫଳରେ ଲକ୍ଷ ଲକ୍ଷ ଛାତ୍ରୀ ମାନସିକ ଭାବେ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାନ୍ତି। ଅପରପକ୍ଷରେ ଗ୍ରାମାଞ୍ଚଳରେ ଏହି ହାର ଅଧିକ ରହିଥିବା ବେଳେ ସାନିଟାରି ନାପ୍‌କିନ ବ୍ୟବହାର ଦିଗରେ ମଧ୍ୟ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ରଜପର୍ବରେ ଧରଣୀରାଣୀ ରଜସ୍ୱଳା ହେଉଥିବା ବିଶ୍ୱାସ ରହିଥିବା ବେଳେ ରଜ ପର୍ବରେ ଏଭଳି ମହାନ୍ ଅଭିଯାନ ଆରମ୍ଭ କରି ଜୀ ସାର୍ଥକ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। କେବଳ ସେତିକି ନୁହେଁ ‘ନାଲି ବନ୍ଧୁ’ ସ୍ଲୋଗାନ ସହ କିଶୋରୀମାନଙ୍କୁ ସମସ୍ତ ସହଯୋଗ ଯୋଗାଇଦେବାକୁ ଜୀ ସାର୍ଥକ ଆହ୍ୱାନ ଦେଇଛି। ଏ ସମ୍ପର୍କରେ କମ୍ପାନୀର ଚ୍ୟାନେଲ ଚିଫ୍ ଅଫିସର ପ୍ରତୀକ ସିଲ କହିଛନ୍ତି, ଓଡ଼ିଶାରେ ମହିଳାମାନଙ୍କୁ ଋତୁସ୍ରାବ ସମ୍ପର୍କରେ ସଚେତନ କରିବାକୁ ଏଭଳି ଏକ ଅଭିଯାନ ଆମେ ଆରମ୍ଭ କରିଛୁ। ଏହାଦ୍ୱାରା ସଚେତନତା ବଢ଼ିବା ସହ ଲୋକମାନଙ୍କ ସହ ଯୋଗାଯୋଗ ମଧ୍ୟ ବୃଦ୍ଧି ହୋଇପାରିବ। ସେହିଭଳି ଆମେ ସମସ୍ତେ ଚାହିଁଲେ ପ୍ରତିମାସରେ ଛାତ୍ରୀମାନଙ୍କୁ ୫ ଦିନ ସ୍କୁଲ ବନ୍ଦ କରିବାରୁ ରୋକିପାରିବ। ଏ ଦିଗରେ ଆମ ସମସ୍ତଙ୍କୁ ଗୁରୁତ୍ୱ ଦେବାକୁ ପଡିବ, ଜୀ ସାର୍ଥକ ଏ ନେଇ ‘ନାଲି ବନ୍ଧୁ’ ନାମରେ ଉକ୍ତ ଅଭିଯାନ ଆରମ୍ଭ କରିଛି। ଏଥିରେ ସାଧାରଣ ଲୋକ ମଧ୍ୟ ସହଯୋଗ କରିବା ଆମେ ଆଶା କରୁଛୁ ବୋଲି ସିଲ ମତବ୍ୟକ୍ତ କରିଛନ୍ତି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଣସଦ୍ୟୋଜାତ ମହାନ୍ତି
ସ୍ଥାନ:ବରଗଡ଼ ବ୍ରିଟ୍ କଲୋନୀ (ଇ.ବି.-୫୫୧), ଭୁବନେଶ୍ୱର
ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ହସହସ ମୁହଁ ଆମର ଚିର ସ୍ମରଣୀୟ ହୋଇରହିବ । ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୮୦୭

**୭ମ ଶ୍ରାଦ୍ଧବାର୍ଷିକୀ**



ଣଉଗ୍ରେସନ ବାରିକ
ହାଟମଇତାପୁର, ମଇତାପୁର, ବାଲେଶ୍ୱର
ଧରାବତରଣ: ୦୧।୦୧।୧୯୫୨
ସ୍ୱର୍ଗାରୋହଣ: ୨୩।୦୬।୨୦୧୪
ଏହା ମଧ୍ୟରେ ସାତବର୍ଷ ବିତିଗଲାଣି, ଆପଣ ସବୁଦିନ ମନେପଡୁଛନ୍ତି । ଯେଉଁଠି ଅଛନ୍ତି, ଭଲରେ ଥାଆନ୍ତୁ, ଠାକୁରଙ୍କ ପାଖରେ ଏତିକି କାମନା ।
ଶୋକସନ୍ତପ୍ତ - କମଳାକାନ୍ତ, ସୂର୍ଯ୍ୟକାନ୍ତ, ରମାକାନ୍ତ ଓ ପରିବାରବର୍ଗ ।
ଧ-୮୦୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଣପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ
ଗଡ଼ଅଣ୍ଡିଆ, ନିମାପଡ଼ା
ତିରୋଧାନ: ୧୩।୦୬।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ: ପ୍ରତାପଚନ୍ଦ୍ର ପଟ୍ଟନାୟକ, କିରଣ ପଟ୍ଟନାୟକ, ସୋମେନ ପଟ୍ଟନାୟକ ଓ ପରିବାରବର୍ଗ ।
ଧ-୮୦୪



# କ'ଣ କରୁଛନ୍ତି ପରିଣିତୀ

କଥାରେ ଅଛି ବସିବାଠାରୁ କାଶିବା ଭଲ। ତେଣୁ ଘରେ ବା ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ପ୍ରତିଦିନ କିଛି ଗଛ ଲଗାଇବା ପାଇଁ ସମୟ ଦେଉଛନ୍ତି। ସେ କିଏ ଜାଣନ୍ତି ? ପରିଣିତୀ ଚୋପ୍ରା। ଯେହେତୁ ଏବେ ଶୁଟିଂ ନାହିଁ ତେଣୁ ପ୍ଲାଣ୍ଟେଶନରେ ମନୋନିବେଶ କରିଛନ୍ତି। ଏ ବିଷୟରେ ସେ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ଏବେ ପରିବେଶ ସୁରକ୍ଷା ପାଇଁ ଆମେ ଗଛ ଲଗାଇବା ନିହାତି ଜରୁରୀ ହୋଇପଡିଛି। ତେଣୁ ପ୍ରତିଦିନ ମୁଁ ମୋ ସାଙ୍ଗଙ୍କ ସହ ମିଶି ବୁଲି ବୁଲି ଗଛ ଲଗାଉଛି। କେବଳ ସେତିକି ନୁହେଁ, ସେହି ଗଛଗୁଡିକର ଯତ୍ନ କିପରି ନିଆଯିବ ସେ ନେଇ ମଧ୍ୟ ଯୋଜନା ହୋଇଛି। ଏହା ସହ ମୋ ଘର ସାମନାରେ ମୁଁ ଗାର୍ଡେନ କରିଛି। ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।' ଅନ୍ୟପକ୍ଷରେ ଏବେ ପରିଣିତୀଙ୍କ ହାତରେ ତିନୋଟି ଅଫର ରହିଛି। ତେବେ ସେହି ଅଫରଗୁଡ଼ିକ ବିଷୟରେ ପ୍ରାୟ ଦୁଇ ସପ୍ତାହ ଭିତରେ ନିଷ୍ପତ୍ତି ନେବି ବୋଲି ସୂଚନା ଦେଇଛନ୍ତି ପରିଣିତୀ।

# ଆଶାରେ ରହିଗଲା...

ବେଳେବେଳେ ଗୋଟିଏ କଥାକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି। ନିଜର ଆଶା ପୂରଣ ହେବ। ପୁଣି ତାହାକୁ ଆଧାର କରି ସେ ଆଗକୁ ଆଗେଇବେ। ହେଲେ କେତେକ ସମୟରେ ସେହି ଆଶା ଅପୂରଣ ରହିଯାଏ। ସବୁ ଆକଳନ ଭୁଲ୍ ବୋଲି ପ୍ରମାଣିତ ହୁଏ। ଦେଖୁନାହାନ୍ତି, 'ଧକଡ'କୁ ନେଇ କେତେ ଆଶା ବାନ୍ଧିଥିଲେ କଙ୍ଗନା। ହେଲା କ'ଣ ? ବକ୍ସ ଅଫିସରେ ଫିଲ୍ମଟି ଯାହା ବିଜ୍‌ନେସ କଲା ତାହା ନ କହିବା ଭଲ। ଏଥିରେ ସେ ପୁଣି ଆକ୍ସନ ଅବତାରରେ ଦର୍ଶକଙ୍କ ସମ୍ମୁଖକୁ ଆସିଥିଲେ। ଫିଲ୍ମଟିକୁ ନେଇ ସେ କ'ଣ ଆଶା କରିଥିଲେ ଆଉ ଶେଷରେ କ'ଣ ହେଲା ସେ ନେଇ କଙ୍ଗନା କହନ୍ତି, 'ଏହି ଫିଲ୍ମଟିର କାହାଣୀ, ଉପସ୍ଥାପନା କୌଣସି ଗୁଣରେ କମ୍ ନ ଥିଲା। ହେଲେ ଦର୍ଶକ ଚିତ୍ରଟିକୁ ଗ୍ରହଣ କଲେ ନାହିଁ। କାରଣ ଆମମାନଙ୍କର ଭାଗ୍ୟ ସେମାନଙ୍କର ହାତରେ। ସେମାନଙ୍କ ରାୟକୁ ମୁଁ ସବୁବେଳେ ସମ୍ମାନ ଦେଇଥାଏ। ଯାହା ଘଟିଗଲା ତାକୁ ଆଉ ଚିନ୍ତା କରି ଲାଭ ନାହିଁ। ପୁଣି ଥରେ କେମିତି ଦର୍ଶକଙ୍କର ପ୍ରଶଂସା ଭାଜନ ହେବି ସେ ନେଇ ନୂଆ ଯୋଜନା ପ୍ରସ୍ତୁତ କରୁଛି।' ସୂଚନାଯୋଗ୍ୟ ଚିନ୍ତନ ଗାନ୍ଧୀ ଏହାର କାହାଣୀ ରଚନା କରିଥିଲେ ଏବଂ ଚିତ୍ରନାଟ୍ୟ ଲେଖିବା ସହ ନିର୍ଦ୍ଦେଶନା ଦେଇଥିଲେ ରଜନୀଶ ଘାଇ। ଏଥିରେ କଙ୍ଗନାଙ୍କ ବ୍ୟତୀତ ଅର୍ଜୁନ ରାମପାଲ ଏବଂ ଦିବ୍ୟା ଦତ୍ତାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।



କଙ୍ଗନା

# ରକୁଲ୍‌ଙ୍କ ଫିଟ୍‌ନେସ ରହସ୍ୟ

ରକୁଲ୍ ପ୍ରୀତ ସିଂଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଏବେ ନିଜ ସାଙ୍ଗମାନଙ୍କୁ ଫିଟ୍‌ନେସ୍ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। କଥା କ'ଣ କି ନିକଟରେ ଶପିଂ କରିବା ସମୟରେ ତାଙ୍କର କେତେଜଣ ସାଙ୍ଗମାନଙ୍କ ସହ ଭେଟ ହୋଇଗଲା। ଏତିକି ବେଳେ ଶପିଂ ସହ ଫିଟ୍‌ନେସକୁ ନେଇ ଆଲୋଚନା ଚାଲିଲା। ନିଜର ସ୍ଲିମଟ୍ରିମ ରହସ୍ୟ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ ରକୁଲ୍। ତା'ପରେ ସେ ନିଜ ସାଙ୍ଗମାନଙ୍କୁ ଏ ନେଇ କିଛି ଟିପ୍ସ ମଧ୍ୟ ଦେଇଥିଲେ। ବାସ୍, ଆଲୋଚନା ତ ଲମ୍ବି ଚାଲିଲା। ଏ ନେଇ ରକୁଲ୍ କହନ୍ତି, 'ମୋ ଫିଟ୍‌ନେସ ପଛରେ କେବଳ ଏକ୍ସରସାଇଜ ଏବଂ ଡାଏଟିଂ ନୁହେଁ, ଆଉ ଏକ କଥା ରହିଛି। ତାହା ହେଲା ଯୋଗ। ମୋ ମତରେ ଯୋଗ ଦ୍ୱାରା ଜଣେ ନିଜକୁ ଅନେକାଂଶରେ ଫିଟ୍ ରଖିପାରିବ। ପ୍ରତିଦିନ ମୁଁ ଯେମିତି ହେଲେ କିଛି ସମୟ ଯୋଗ କରିଥାଏ। ତା'ସହ ଏକ୍ସରସାଇଜ ଏବଂ ଡାଏଟିଂ ପ୍ରତି ମଧ୍ୟ ଗୁରୁତ୍ୱ ଦିଏ।'

## ଅତୀତରୁ..

- ଧୀର ବିଶ୍ୱାଳଙ୍କ ପ୍ରଯୋଜନାରେ ନିର୍ମିତ ହୋଇଥିଲା ପୌରାଣିକ ଚଳଚ୍ଚିତ୍ର 'ରାମାୟଣ'। ଏଥିରେ ରାମ ଭୂମିକାରେ ଉତ୍ତମ ମହାନ୍ତି ଅଭିନୟ କରିଥିବା ବେଳେ ରାବଣ ଚରିତ୍ରରେ ଧୀର ବିଶ୍ୱାଳଙ୍କୁ ଦେଖିବାକୁ ମିଳିଥିଲା।
- ଓଡ଼ିଆ ସିନେମା 'ବାଟ ଅବାଟ'ର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା। ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଅଜିତ ଦାସ ଏବଂ ମହାଶ୍ୱେତା ରାୟ।
- 'ଅକ୍ଷୟ ତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର।
- ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ପ୍ରଯୋଜନା କରିଥିଲେ ଆରତୀ ଦାସ। ଅକ୍ଷୟ ମହାନ୍ତି (କାଶ୍ୟପ), କାଶୀ ରଥ, ଜୟା ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।



ରକୁଲ୍

# ଆଇଟମ୍ ପାଇଁ ଟେନ୍‌ସନ

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକଲିନ୍ ଫର୍ନାଡିସ ଏବେ ଦୋଛକିରେ ପଡ଼ିଛନ୍ତି। ଯେତେବେଳେ ତାଙ୍କୁ ଏହି ନୂଆ ଅଫରଟି ମିଳିଲା ସେ ଖୁସିରେ ଉଛୁଳି ଉଠିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କର ଖୁସି ମିଳେଇ ଯାଇଥିଲା। ଯେତେବେଳେ ସେ ଶୁଣିଲେ ଯେ ଏହି ଫିଲ୍ମରେ ଏକ ଆଇଟମ ନମ୍ବରରେ ତାଙ୍କୁ ନାଚିବାକୁ ପଡ଼ିବ ସେତେବେଳେ ସେ କ'ଣ ନିଷ୍ପତ୍ତି ନେବେ ଜାଣିପାରି ନ ଥିଲେ। ଏପରି ଘଟଣା ବିଷୟରେ ଜ୍ୟାକ୍‌ଲିନ କହନ୍ତି, 'ଏହି ଫିଲ୍ମରେ ଏକ ଆଇଟମ ଗୀତରେ ମୋତେ ନାଚିବାକୁ ପଡ଼ିବ ବୋଲି ପ୍ରଯୋଜକ ଯେତେବେଳେ ମୋତେ କହିଲେ ସେତେବେଳେ ମୋର ଟେନ୍‌ସନ୍ ବଢ଼ିଯାଇଥିଲା। ସେ ମୋତେ ଏ ନେଇ ଭଲ ଭାବରେ ବୁଝାଇଥିଲେ। ହେଲେ ମୋର ଅବୁଝା ମନ ତାଙ୍କର କୌଣସି କଥାକୁ ଗ୍ରହଣ କରିବାକୁ ସତେଯେମିତି ତୟାର ନ ଥିଲା। ଅବଶ୍ୟ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ସେମାନେ ମୋତେ ସପ୍ତାହେ ସମୟ ଦେଇଛନ୍ତି। ତଥାପି ଏ ପର୍ଯ୍ୟନ୍ତ ମୁଁ ଏହି ଫିଲ୍ମରେ ଅଭିନୟ କରିବି କି ନାହିଁ ବୋଲି ଠିକ୍ କରି ପାରୁ ନାହିଁ। ଯାହାହେଲେ ବି ମୋତେ କିଛି ନିଷ୍ପତ୍ତି ନେବାକୁ ପଡ଼ିବ।' ତେବେ ଏପରି ଘଟଣାକୁ ଜ୍ୟାକ୍‌ଲିନ୍ କିପରି ସମାଧାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ଅପେରା ହାଲ୍‌ଚାଲ୍

# ଅଭିନୟ ମାୟାରେ ସୁଧାକର



ପିଲାଟିଦିନରୁ ଅଭିନୟ ମାୟାରେ ପଡ଼ିଯାଇଥିଲେ। ବାଣିଜ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ମଧ୍ୟ ଆକ୍ଟିଂ ନିଶା ତାଙ୍କର କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଥିଲା। ସେ ହେଲେ ସୁଧାକର ମହାରଣା। ତାଙ୍କର ଅଭିନୟ ଜୀବନ ଆରମ୍ଭ ଗାଁ (ଦାନପୁର, ଖଲ୍ଲିକୋଟ, ଗଞ୍ଜାମ) ନାଟକରୁ, ଯାହାର ଟାଇଟଲ ଥିଲା 'ଚୁଡକୁମୂଷି'। ତା'ପରେ ରାଜ୍ୟସ୍ତରୀୟ, ଜାତୀୟ ଥିଏଟର ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏ ନେଇ ସୁଧାକର କହନ୍ତି, 'ମୋ ବଡ଼ଭାଇ ସବିନୟ ମହାରଣାଙ୍କ ପ୍ରେରଣା ମୋତେ ଅଭିନୟକୁ କ୍ୟାରିୟର କରିବାକୁ ବାଧ୍ୟ କରିଥିଲା। ୨୦୧୭ରେ ମୋର ଅପେରା ଜୀବନ ଆରମ୍ଭ ହୋଇଥିଲା ସଚ୍ଚିଦାନନ୍ଦମ୍ ଗଣନାଟ୍ୟରୁ। ତା'ପରେ ଗତବର୍ଷ ରଙ୍ଗମହଲରେ ଅଭିନୟ କରିଥିଲି। ଆସନ୍ତା ଯାତ୍ରା ସିଜନ ପାଇଁ ମୁଁ 'ଯାତ୍ରା ସ୍ୱପ୍ନ ମହଲ' ପାଇଁ ଚୁକ୍ତିବଦ୍ଧ ହୋଇଛି। ସୁଧାକରଅଭିନୟ କରିଥିବା ପ୍ରମୁଖ ନାଟକଗୁଡିକ ମଧ୍ୟରେ ରହିଛି – ମୁଁ ସେଇ ଭଦ୍ରକିଆ ଟୋକା, ବଡ଼ଦାଣ୍ଡର ଭିକାରି, ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି, ସ୍ତ୍ରୀ ମାନେ ସାବଧାନ!, ଗାୟତ୍ରୀ ଅପାର ଗୋପନ କଥା, ଲିସା ପାଇଁ ପଶା ଖେଳ, ମହାଭାରତର ଅର୍ଜୁନ ରାଣୀ, ମଝିଆ ପୁଅ କାହାରି ନୁହଁ ଏବଂ ରେପ ଆଣ୍ଡ ମର୍ଡର।

# ତୋର ମୋର କଟି



ଶୀତଲ

ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ନୂଆ ଓଡ଼ିଆ ସିନେମା 'ତୋର ମୋର କଟି'ର ଶୁଟିଂ ଚାଲୁ ରହିଛି। ନାୟିକାରୁ ପ୍ରଯୋଜିକା ସାଜିଥିବା ଝିଲିକ୍‌ଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଏହି ଫିଲ୍ମରେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। 'ଯିଏ ଯାହା କହୁ ମୋର ଢୋ'ରୁ ବଡ଼ ପରଦାରେ କ୍ୟାରିୟର ଆରମ୍ଭ କରିଥିବା ଶୀତଲ ଏହି ଫିଲ୍ମର ନାୟିକା ସାଜିଛନ୍ତି। ଏମାନଙ୍କ ବ୍ୟତୀତ ଶୈଳେନ୍ଦ୍ର, ଟୁକୁନା ଷ୍ଟାଇଲିସ୍, ସୁଦୀପ୍ତ, କାଳିଆ ଷଣ୍ଢ, ଜୀବନ ପଣ୍ଡା, ଐଶ୍ୱର୍ଯ୍ୟା, ସୁଧାଂଶୁ ମୋହନ ସାହୁ, ଟୁଟୁ ନାୟକ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମାନନ୍ଦ।

# ଚ୍ୟାଲେଞ୍ଜକୁ ସବୁବେଳେ ଗ୍ରହଣ କରେ

ଓଲିଉଡ୍‌ର ଅନ୍ୟତମ ଯୁବ ନିର୍ଦ୍ଦେଶକ ଜ୍ୟୋତି ଦାସ ନିଜ ବିଷୟରେ ଯାହା କହନ୍ତି...



ଜ୍ୟୋତି

ଯୁବପିଢ଼ିର ଅନ୍ୟତମ ନିର୍ଦ୍ଦେଶକ ଭାବରେ ଓଡ଼ିଆ ସିନେମାରେ ବେଶ୍ ପ୍ରଶଂସା ସାଉଁଟି ଚାଲିଛନ୍ତି ଜ୍ୟୋତି ଦାସ। 'ଗୁଡ୍‌ବୟ' ଫିଲ୍ମ ତାଙ୍କୁ ନିଜ ଲକ୍ଷ୍ୟପଥରେ ଆଗେଇବାକୁ କେତେ ପ୍ରେରଣାଦାୟକ ସାଜିଥିଲା ତାହା କହିବା ଅନାବଶ୍ୟକ। ଆଉ ଏବେ ତାଙ୍କୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା ଚାଲିଛି। କାରଣ ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏକ ଭିନ୍ନ ଧରଣର ଓଡ଼ିଆ ସିନେମା ଚଳିତ ବର୍ଷ ରଥଯାତ୍ରା ଦିନ ପରଦା ଉପରକୁ ଆସୁଛି। ଏହାର ଟାଇଟଲ ରହିଛି 'ବିଦ୍ୟାରାଣ'। ନିଜର କ୍ୟାରିୟର ବିଷୟରେ ଜ୍ୟୋତି କହନ୍ତି, 'ମୁଁ ସବୁବେଳେ ଚ୍ୟାଲେଞ୍ଜକୁ ସାମନା କରିବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥାଏ। କାରଣ ଗୋଟିଏ ସିନେମା ନିର୍ଦ୍ଦେଶନା ଦେବା ସହଜ କଥା ନୁହେଁ। ଯଦି 'ବିଦ୍ୟାରାଣ' କଥା କହିବି, ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ପ୍ରଥମ ଥର ପାଇଁ ବାବୁସାନ୍ ଏକ ଭିନ୍ନ ଭୂମିକା, ଗେଟ୍‌ଅପ୍‌ରେ ଆସୁଛନ୍ତି। ଅର୍ଥାତ୍, ଓଲିଉଡ୍‌ର ଲଭରବୟଙ୍କୁ ପରଦା ଉପରେ ଆକ୍ସନ ହିରୋ ଭାବରେ ଦେଖିବାକୁ ମିଳିବ। ଫିଲ୍ମଟିକୁ କିପରି ଠିକ୍ ଭାବରେ ନିର୍ମାଣ କରାଯାଇପାରିବ ସେ ନେଇ ମୁଁ ଓ ପ୍ରଯୋଜକ ନିରଞ୍ଜନ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ବୈଦନାଥ ଦାଶ, ସମସ୍ତ କଳାକାର, ଟେକ୍ନିସିଆନ ବେଶ୍ ପରିଶ୍ରମ କରିଛୁ। ବାକି ପରିଣାମ କ'ଣ ହେବ ତାହା ରିଲିଜ୍ ପରେ ଜଣାପଡ଼ିବ। ଫିଲ୍ମଟି ସଫଳତା ହାସଲ କରିବ ବୋଲି ଆଶା ରଖିଛି।' ବର୍ତ୍ତମାନ ଜ୍ୟୋତି ଦୁଇଟି ନୂଆ ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ସୂଚନାଯୋଗ୍ୟ ତଥ୍ୟ ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ଆକ୍ସନ-ପ୍ୟାକ୍‌ଡ ଫିଲ୍ମରେ ବାବୁସାନ୍‌ଙ୍କ ନାୟିକା ସାଜିଛନ୍ତି ଶିବାନୀ।

# ତାପସୀ ଯାହା ଭାବୁଥିଲେ...

ତେଲୁଗୁ ହେଉ ଅବା ତାମିଲ-ଅଭିନୟ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ତାପସୀ ପାନ୍ନୁ। ତା'ସହ ବଲିଉଡ୍‌ରେ ମଧ୍ୟ ଅଭିନୟ କରି ସାଉଁଟିଛନ୍ତି ପ୍ରଶଂସା। ତେବେ ଯେତେବେଳେ ସେ ପାଠ ପଢୁଥିଲେ ସଫ୍ଟୱେର ଇଞ୍ଜିନିୟର ହେବାକୁ ଆଶା ରଖିଥିଲେ। ଏପରି କି ଏ କ୍ଷେତ୍ରରେ ସେ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ ସେ ମଡେଲିଂରେ ପାଦ ଥାପିଥିଲେ। ତା'ପରେ ତାଙ୍କୁ ବଡ଼ପରଦାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ୨୦୧୩ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଫିଲ୍ମଟି ଥିଲା ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ 'ଚଷମେ ବଦ୍ଦୁର'। ୨୦୦୮ରେ ଅନୁଷ୍ଠିତ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ତାପସୀ ଅଂଶଗ୍ରହଣ କରି 'ପାଣ୍ଟାଲୁନ୍ସ ଫେମିନା ଫ୍ରେସ୍ ଫେସ୍' ଏବଂ 'ସାଫି ଫେମିନା ମିସ୍ ବିୟୁଟିଫୁଲ ସ୍କିନ୍' ଟାଇଟଲ ବିଜୟିନୀ ହୋଇଥିଲେ। ତାପସୀଙ୍କ ପିଲାଦିନ ନୂଆଦିଲ୍ଲୀରେ କଟିଥିଲା। ପିଲାଟି ଦିନରୁ ସେ ଭାରତନାଟ୍ୟମ୍ ଏବଂ କଥକ ଶିଖିଥିଲେ ଏବଂ ପରବର୍ତ୍ତୀ ସମୟରେ ଏଥିରେ ନିଜକୁ ଜଣେ ପାରଙ୍ଗମ ନୃତ୍ୟାଙ୍ଗନା ଭାବରେ ପରିଚିତା କରାଇ ପାରିଥିଲେ।



# ରୌପ୍ୟ ଜିତିବାରେ ରୋନାଲ୍ଡୋ ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ, ୨୨।୬ (ପି.ଟି.):** ସାଇକ୍ଲିଷ୍ଟ ରୋନାଲ୍ଡୋ ସିଂ ପ୍ରଥମ ଭାରତୀୟ ଏସିଆନ ଟ୍ରାକ୍ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଛନ୍ତି। ବୁଧବାର କଣ୍ଟିନେଣ୍ଟାଲ ଟୁର୍ନାମେଣ୍ଟର ଅନ୍ତିମ ଦିବସରେ ସେ ସିନିୟର ବିଭାଗ ସ୍ପ୍ରିଣ୍ଟ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ଜାପାନର ଅଭିଜ୍ଞ ରାଇଡର

**ଏସିଆନ ସାଇକ୍ଲିଂ ଚାମ୍ପିୟନଶିପ୍**

କେଣ୍ଟୋ ୟାମାସାକିଙ୍କୁ କଡ଼ା ଟକ୍କର ଦେଇଥିଲେ, କିନ୍ତୁ ସେ ରୌପ୍ୟ ହାସଲ କରିଥିଲେ। ରୋନାଲ୍ଡୋଙ୍କୁ ୟାମାସାକି ପଛକୁ ପଛ ରେସ୍‌ରେ ହରାଇ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଜିତିଥିଲେ। କାଜାଖସ୍ଥାନର ଆନ୍ଦ୍ରେ ଚୁଗେ ଏହି ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ। ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଚେୟାରମ୍ୟାନ ଓଁକାର ସିଂ କହିଛନ୍ତି, ଟୁର୍ନାମେଣ୍ଟ ଇତିହାସରେ ଜଣେ ହେଲେ ଭାରତୀୟ ସ୍ୱର୍ଣ୍ଣ ଜିତିପାରି ନାହାନ୍ତି। ରୋନାଲ୍ଡୋ ରୌପ୍ୟ ଜିତିଥିଲେ ମଧ୍ୟ ଜଣେ ଭାରତୀୟ ହିସାବରେ ଏହା ଶ୍ରେଷ୍ଠ ପ୍ରଦର୍ଶନ। ସିଂ ଆହୁରି ମଧ୍ୟ ଏସିଆନ ସାଇକ୍ଲିଂ ଫେଡେରେଶନର ସାଧାରଣ ସମ୍ପାଦକ ଅଛନ୍ତି। ରୋନାଲ୍ଡୋ ଏହି ଚାମ୍ପିୟନଶିପ୍‌ର ୧ କି.ମି, ଟାଇମ୍ ଟ୍ରାଏଲ୍ ଓ ଟିମ୍ ସ୍ପ୍ରିଣ୍ଟ ଇଭେଣ୍ଟରେ ଗୋଟିଏ ଲେଖାଏ ବ୍ରୋଞ୍ଜ ହାସଲ କରିସାରିଛନ୍ତି।


ରୋନାଲ୍ଡୋ ସିଂ

# ରଣଜୀ ଟ୍ରଫି ଫାଇନାଲ: ମୁମ୍ବାଇ ୨୪୮/୫

**ବେଙ୍ଗାଲୁରୁ, ୨୨।୬**

ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବୁଧବାରଠାରୁ ମଧ୍ୟପ୍ରଦେଶ ଓ ମୁମ୍ବାଇ ମଧ୍ୟରେ ଚଳିତ ରଣଜୀ ଟ୍ରଫି ସିଜନର ଫାଇନାଲ ମୁକାବିଲା ଆରମ୍ଭ ହୋଇଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ପ୍ରଥମ ଦିନ ଶେଷ ସୁଦ୍ଧା ୫ ଉଇକେଟ ହରାଇ ୨୪୮ ରନ୍ କରିଛି। ଟସ୍ ଜିତି ମୁମ୍ବାଇ ଅଧିନାୟକ ପୃଥ୍ୱୀ ଶ’ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଫର୍ମରେ ଥିବା ଦୁଇ ଓପନର ଅଧିନାୟକ ପୃଥ୍ୱୀ ଏବଂ ଯଶସ୍ୱୀ ଜୟସ୍ୱାଲ ଦଳକୁ ୮୭ ରନ୍‌ର ଦୃଢ଼ ଆରମ୍ଭ ଦେଇଥିଲେ। ଅର୍ଦ୍ଧଶତକ ଠାରୁ ୩ ରନ୍ ଦୂରରେ ଥିବା ପୃଥ୍ୱୀ (୪୭ ରନ୍, ୫ ଚୌକା ଓ ୧ ଛକା) ପ୍ରତିପକ୍ଷ ପେସର ଅନୁଭବ ଅଗ୍ରୱାଲଙ୍କ ବଲରେ ବୋଲ୍ଡ ହୋଇଥିଲେ। ଏହାପରେ ଅର୍ମାନ ଜାଫର (୨୬), ସୁବେଦ ପାର୍କର (୧୮), ଉଇକେଟକିପର ହାର୍ଦ୍ଦିକ ତାମୋରେ (୨୪) ଭଲ ଆରମ୍ଭ ପାଇଥିବା ସତ୍ତ୍ୱେ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। କ୍ୱାର୍ଟର ଫାଇନାଲରେ ଗୋଟିଏ ଓ ସେମିଫାଇନାଲର ଉଭୟ ଇନିଂସରେ ଶତକ ହାସଲ କରିଥିବା ଜୟସ୍ୱାଲ ୭୮ (୭ ଚୌକା ଓ ୧ ଛକା) ରନ୍ କରି ପ୍ୟାଭିଲିଅନ ଫେରିଥିଲେ। ପୃଥ୍ୱୀଙ୍କ ଭଳି ତାଙ୍କୁ ମଧ୍ୟ ଅନୁଭବ ଆଉଟ୍ କରିଥିଲେ। ୭୪.୫ ଓଭର ସୁଦ୍ଧା ୨୨୮ ରନ୍‌ରେ ମୁମ୍ବାଇ ତା’ର ଅଧା ଦଳକୁ ହରାଇ ସାରିଥିଲା। କିନ୍ତୁ ଅନ୍ତିମ ୧୫ ଓଭରରେ ପ୍ରତିପକ୍ଷ ବୋଲରଙ୍କୁ ସର୍ଫରାଜ ଓ ମୁଲାନି ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ଅତ୍ୟନ୍ତ ରକ୍ଷଣାତ୍ମକ ବ୍ୟାଟିଂ କରି ଅସମାପ୍ତ ୬ଷ୍ଠ ଉଇକେଟରେ ୨୦ ରନ୍ ଯୋଡ଼ିଛନ୍ତି। ଫଳରେ ପ୍ରଥମ ଦିନ ଶେଷ ସୁଦ୍ଧା ମୁମ୍ବାଇ ୫ ଉଇକେଟ ହରାଇ ୨୪୮ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ସର୍ଫରାଜ ଖାନ (୪୦) ଏବଂ ଶାମ୍ସ ମୁଲାନି (୧୨) ଅପରାଜିତ ଅଛନ୍ତି। ମଧ୍ୟପ୍ରଦେଶ ପକ୍ଷରୁ ସାରାଂଶ ଜୈନ ଓ ଅନୁଭବ ଦୁଇ ଲେଖାଏ ଉଇକେଟ ନେଇଥିବା ବେଳେ ବାମହାତୀ ସ୍ପିନର କୁମାର କାର୍ତ୍ତିକେୟା ଗୋଟିଏ ସଫଳତା ହାତେଇଛନ୍ତି।


ଅର୍ଦ୍ଧଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ (ବାମ)।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ: ୯୦ ଓଭରରେ ୨୪୮/୫(ଯଶସ୍ୱୀ ଜୟସ୍ୱାଲ-୭୮, ପୃଥ୍ୱୀ ଶ’-୪୭, ସର୍ଫରାଜ ଖାନ-୪୦*, ସାରାଂଶ ଜୈନ-୨/୩୧, ଅନୁଭବ ଅଗ୍ରୱାଲ-୨/୫୬)।

# ରୁମେଲି ଧରଙ୍କ ଅବସର

**ନୂଆଦିଲ୍ଲୀ, ୨୨।୬:** ପୂର୍ବତନ ଭାରତୀୟ ଅଧିନାୟିକା ରୁମେଲି ଧର ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ୩୮ ବର୍ଷୀୟା ଧର ଭାରତ ପାଇଁ ୪ ଟେଷ୍ଟ, ୭୮ ଦିନିକିଆ ଓ ୧୮ ଟି୨୦ ମ୍ୟାଚ୍ ଖେଳିଥିଲେ। ସେ ୨୦୦୩ ଇଂଲଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ୨୦୧୮ରେ ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ସେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସିନିୟର ପେସର ଝୁଲଣ ଗୋସ୍ୱାମୀ ଆହତ ହେବାରୁ ତାଙ୍କ ସ୍ଥାନରେ ଧରଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍ ଲାଗି ଦଳରେ ସାମିଲ କରାଯାଇଥିଲା। ୨୦୦୫ରେ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ପରାସ୍ତ ହୋଇଥିବା ଭାରତୀୟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ ଏହି ଅଲରାଉଣ୍ଡର। ତାଙ୍କ ନାମରେ ଅନ୍ତର୍ଜାତୀୟ ସ୍ତରରେ ମୋଟ ୮ ଅର୍ଦ୍ଧଶତକ ସହ ସମସ୍ତ ଫର୍ମାଟକୁ ମିଶାଇ ୧୩୨୮ ରନ୍ ଏବଂ ୮୪ ଉଇକେଟ ରହିଛି। ‘‘ପଶ୍ଚିମବଙ୍ଗର ଶ୍ୟାମନଗରରୁ ଆରମ୍ଭ ହୋଇଥିବା ୨୩ ବର୍ଷର ଲମ୍ବା କ୍ରିକେଟ କ୍ୟାରିୟର ଶେଷ ହୋଇଛି। ମୁଁ କ୍ରିକେଟର ସମସ୍ତ ଫର୍ମାଟରୁ ସନ୍ୟାସ ଘୋଷଣା କରୁଛି। ଏହି ଲମ୍ବା ଅଭିଯାନରେ ମୋତେ ବହୁ ଉତ୍ଥାନ ପତନ ଦେଇ ଗତି କରିବାକୁ ପଡ଼ିଛି। ଭାରତୀୟ ମହିଳା କ୍ରିକେଟ ଦଳ ପାଇଁ ପ୍ରତିନିଧିତ୍ୱ କରିବା ଓ ଏହାର ନେତୃତ୍ୱ ନେବା ଏବଂ ୨୦୦୫ ବିଶ୍ୱକପ୍ ଫାଇନାଲ ଅଂଶ ହେବା ମୋ ପାଇଁ ସଫଳତା’’ ବୋଲି ଧର ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।



# ସର୍ବଭାରତୀୟ ସିଭିଲ ସର୍ଭିସ ଭଲିବଲ୍‌ରେ ଭାଗ ନେବ ଓଡ଼ିଶା

**ଭୁବନେଶ୍ୱର, ୨୨।୬ (ସ୍ପୋର୍ଟ୍ସ ବ୍ୟୁରୋ):** ସର୍ବଭାରତୀୟ ସିଭିଲ ସର୍ଭିସ ଭଲିବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦଳ ନୂଆଦିଲ୍ଲୀ ଯାତ୍ରା କରିଛି। ଏହି ପ୍ରତିଯୋଗିତା ଚଳିତ ମାସ ୨୪ରୁ ୨୮ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ଆଇଜି ଷ୍ଟାଡିୟମ କମ୍ପ୍ଲେକ୍ସ କିମ୍ବା ପିତାମପୁରସ୍ଥିତ ସରକାରୀ ହାଇସ୍କୁଲର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ହେବ। ଏଥିରେ ଭାଗ ନେବା ଲାଗି ୧୪ଜଣିଆ ଓଡ଼ିଶା ଦଳ ମନୋନୀତ ହୋଇଛନ୍ତି। ସେମାନେ ହେଲେ ରଞ୍ଜନ ମେହେର, ବିଚିତ୍ର ପ୍ରଧାନ, ଦାଶରଥି ମାଝି, ଚନ୍ଦନ କୁମାର ମଣ୍ଡଳ, ଜାନି ଶବର, ପ୍ରଶାନ୍ତ କୁମାର ପୃଷ୍ଟି, ସନ୍ଦୀପ ମିଶ୍ର, ଶଶିଭୂଷଣ ସାହୁ, ରାଜେଶ କୁମାର ଖାଡ଼ିଆ, ଶୁଭ୍ରଜିତ୍ ମଲିଆ, ପ୍ରକାଶଚନ୍ଦ୍ର ବେହେରା, ପ୍ରକାଶ ଚନ୍ଦ୍ର ରଥ। ମ୍ୟାନେଜର- ଦେବରାଜ ନାୟକ। କୋଚ୍- ଦେବୀପ୍ରସାଦ ମିଶ୍ର।



# ସନ୍ତରଣ ଟ୍ରେନିଂ ବେଳେ ହାତ ଭାଙ୍ଗିଗଲା

**ବୁଦାପେଷ୍ଟ, ୨୨।୬ (ଏପି):** ଟ୍ରେନିଂ ବେଳେ ଅଷ୍ଟ୍ରେଲୀୟ ସନ୍ତରଣକାରୀ ସାୟନା ଜ୍ୟାକ୍‌ଙ୍କ ହାତ ଭାଙ୍ଗିଯାଇଛି। ଫଳରେ ସେ ବିଶ୍ୱ ସୁଇମିଂ ଚାମ୍ପିୟନଶିପ୍‌ର ଅବଶିଷ୍ଟାଂଶରେ ଭାଗ ନେଇପାରିବେ ନାହିଁ। ଖବର ଅନୁସାରେ ବୁଧବାର ସକାଳେ ୧୦୦ମିଟର ଫ୍ରିଷ୍ଟାଇଲ ହିଟ୍ ପୂର୍ବରୁ ୱାର୍ମଅପ୍ ହେଉଥିବା ବେଳେ ଜ୍ୟାକ୍‌ଙ୍କ ହାତ ଭାଙ୍ଗି ଯାଇଥିଲା। ୨୩ ବର୍ଷୀୟା ଜ୍ୟାକ୍ ଶନିବାର ଅଷ୍ଟ୍ରେଲିଆକୁ ୪x୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ଏବଂ ମଙ୍ଗଳବାର ମିକ୍ସଡ ୪x୧୦୦ମିଟର ମିଡ୍‌ଲେ ରିଲେ ଜିତାଇବାରେ ସହାୟକ ହୋଇଥିଲେ। ପ୍ରତିଯୋଗିତାରୁ ଓହରିଯିବାରେ ଜ୍ୟାକ୍ ହେଉଛନ୍ତି ସଦ୍ୟତମ ହାଇ ପ୍ରୋଫାଇଲ ସନ୍ତରଣକାରୀ। ଗୋଇଠିରେ ଇଞ୍ଜୁରି ଯୋଗୁ ଅଲିମ୍ପିକ ମହିଳା ୧୦୦ମିଟର ରୌପ୍ୟ ବିଜୟିନୀ ହଂକଂର ସିଓଭାନ୍ ହାଗି ସୋମବାର ଓହରିଯାଇଛନ୍ତି। ଚାରିଥର ଅଲିମ୍ପିକ ପଦକ ବିଜେତା ଚାଦ୍ ଲି’ କ୍ଲସ ସୋମବାର ପୁରୁଷ ପ୍ରତିଯୋଗିତାରୁ ଓହରିଯାଇଛନ୍ତି।







E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48.

**SKY AUTOMOBILES**
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 8093027882. NARSINGHPUR: 8093027882. KAMAKHYANAGAR: 8093027882. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. #Gold voucher is applicable on select models/variants only. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th June, 2022.



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ସାଂସ୍କୃତିକ ଦଳ ଚୟନ ପ୍ରକ୍ରିୟା ଆରମ୍ଭ**

**କଟକ ଅଫିସ:** ରାଜ୍ୟ ତଥା ରାଜ୍ୟ ବାହାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ କଟକ ବାରବାଟୀ ପ୍ୟାଲେସଠାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦଳ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। କଟକ ଜିଲା ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ ସିଟିଏମଏସ(କ୍ଲଚରାଲ ଟ୍ରୁପ ମ୍ୟାନେଜମେଣ୍ଟ ସିଷ୍ଟମ)ର ଶୁଭାରମ୍ଭ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା କଳା ସଂସ୍କୃତି ସଂଘର ଉପ ସଭାପତି ଜ୍ଞାନପ୍ରିୟ କାନୁନ୍‌ଗୋ ଓ ଭୁବନାନନ୍ଦ ପଟ୍ଟନାୟକ ଯୋଗଦେଇଥିଲେ। ପ୍ରଥମ ଦିନରେ ୬ଟି ପ୍ରମୁଖ ସାଂସ୍କୃତିକ ଦଳ ଭାଗ ନେଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସଂକ୍ଷେପରେ

### ଅପହୃତା ଛାତ୍ରୀ ଉଦ୍ଧାର, ଯୁବକ ଗିରଫ

**କଟକ ସଦର,୨୨।୬(ଡି.ଏନ୍.ଏ.):** ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ କନ୍ଦରପୁର ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବ୍ରାହ୍ମଣବାଡ ଗ୍ରାମର ଆଲୋକ ସେଠୀ(୨୩)। ପୋଲିସ ସୂତ୍ରରୁ ପ୍ରକାଶ, ଗତ ମେ' ୭ ତାରିଖରେ ଛାତ୍ରୀ ଜଣଙ୍କ ସିଦ୍ଧେଶ୍ୱରପୁର ହାଇସ୍କୁଲକୁ ମାଟ୍ରିକ ପରୀକ୍ଷା ଦେବା ପାଇଁ ଆସି ଆଉ ଘରକୁ ଫେରି ନ ଥିଲେ। ଏ ନେଇ ଛାତ୍ରୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୮୪/୨୨) ରୁଜୁ କରିଥିଲା। ଆଲୋକ ସମ୍ପୃକ୍ତା ଛାତ୍ରୀଙ୍କୁ ନେଇ ଭୁବନେଶ୍ୱର ପଳାଇଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା। ପରେ ଭୁବନେଶ୍ୱରରୁ ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଆଲୋକଙ୍କୁ ଗିରଫ କରିଥିଲା। ବୁଧବାର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଛାତ୍ରୀଙ୍କୁ ହାଜର କରାଯାଇ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି।

### ପ୍ରଦୋଷ ପଟ୍ଟନାୟକ ପାଇବେ ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ

**କଟକ ଅଫିସ,୨୨।୬:** ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉତ୍କଳ ସାହିତ୍ୟ ସମାଜ ଓ ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ପ୍ରଦୋଷଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ସାରସ୍ୱତ ସ୍ରଷ୍ଟା, ସାମ୍ୟବାଦୀ ଚିନ୍ତାନାୟକ ତଥା ସ୍ୱାଧୀନତା ସଂଗ୍ରାମୀ ଅନନ୍ତ ପଟ୍ଟନାୟକଙ୍କର ୩୫ତମ ବାର୍ଷିକ ସ୍ମୃତି ଉତ୍ସବ ଆସନ୍ତା ୨୫ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହେବ। ଉକ୍ତ ଦିନ ପ୍ରଦୋଷଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସଂସଦର ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ବୁଧବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

### ସ୍ୱୟଂ ସହାୟିକା ଗୋଷ୍ଠୀ ଋଣ କର୍ମଶାଳା

**ଡିଗିରିଆ,୨୨।୬ (ଡି.ଏନ.ଏ.):** ଡିଗିରିଆ ପଞ୍ଚାୟତ ସମିତି ସଭାଗୃହଠାରେ ବୁଧବାର ବ୍ଲକର ୧୪ଟି ପଞ୍ଚାୟତରେ ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚଜି)ର ମହିଳାମାନଙ୍କୁ କିପରି ଋଣ ମିଳିବ ସେ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ଏଚଜିର ନଥିପତ୍ର ପରିଚାଳିକା, ଗୋଷ୍ଠୀ ସହାୟିକାଙ୍କୁ ନେଇ ୨୦୨୨/୨୦୨୩ ବର୍ଷ ପାଇଁ କିପରି ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ ଲାଗି କର୍ମଶାଳାରେ କୁହାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡିଗିରିଆ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରୂପା ଦଳେଇ, ସମ୍ମାନିତ ଅତିଥି ଭାବେ ଡିଗିରିଆ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ବ୍ଲକ ଉପାଧକ୍ଷ ମାନସ କୁମାର ସାହୁ, ପୂର୍ବତନ ଉପାଧକ୍ଷ ଗୌରହରି ପରିଡା ପ୍ରମୁଖ ଯୋଗଦେଇଥିଲେ। ସେମାନେ ରାଜ୍ୟ ସରକାର ଏସ୍‌ଏଚଜିର ବିଭିନ୍ନ ଯୋଜନାରେ କିପରି ବ୍ୟାଙ୍କ ମାଧ୍ୟମରେ ସହାୟତା କରୁଛନ୍ତି କହିଥିଲେ। ଜୁଲାଇ ୧୯ ତାରିଖ ମଧ୍ୟରେ ବାର୍ଷିକ ଖସଡ଼ା ପ୍ରସ୍ତୁତି କରିବାକୁ ସମସ୍ତ କର୍ମକର୍ତ୍ତା ଯତ୍ନବାନ ହେବାକୁ ବୁଝାଇଥିଲେ। ଏଥିରେ ବ୍ଲକ ବିପିଏମ୍ ପ୍ରଦୀପ କୁମାର ସିଂ, ଧର୍ମରାଜ ଜେନା, ବିଶ୍ୱଜିତ ସାହୁ, ମଞ୍ଜୁଳା ସାମଲ ଓ ବ୍ଲକ ମିଶନ ଶକ୍ତି ପ୍ରକଳ୍ପ ସହାୟିକା ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ସହାୟତା କରିଥିଲେ।

# ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ

**ନିଶ୍ଚିନ୍ତକୋଇଲି,୨୨।୬(ସ୍ୱ.ପ୍ର.)**

- ■ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ■ ତହସିଲଦାରଙ୍କୁ ବାଲିଘାଟ ଯାଏ ୨ କି.ମି. ଚଲାଇଲେ

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅନ୍ତର୍ଗତ ତିଳକଣା ରାସ୍ତାରେ ବୁଧବାର ଅପରାହ୍ନରେ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବନ୍ଧକାଟିଆ ପଞ୍ଚାୟତ ଫତେପୁର ଗାଁର ବିଷ୍ଣୁଚରଣ ସିଂହ (୪୭)। କ୍ଷତିପୂରଣ ଦାବିକରି ସ୍ଥାନୀୟ ଉତ୍ତ୍ୟକ୍ତ ଲୋକ ବରପଡାଠାରେ ରାସ୍ତାରେ ଟାୟାର ଜାଳି ଦୀର୍ଘ ସମୟ ପର୍ଯ୍ୟନ୍ତ ନିଶ୍ଚିନ୍ତକୋଇଲି-ତିଳକଣା ରାସ୍ତା ଅବରୋଧ କରିଥିଲେ। ସମାଧାନ ପାଇଁ ରାସ୍ତାରୋକୋ ସ୍ଥଳରେ ତହସିଲଦାର ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ବାଲିଘାଟ ପର୍ଯ୍ୟନ୍ତ ପ୍ରାୟ ୨ କି.ମି. ରାସ୍ତା ଚଲାଇ ଚଲାଇ ନେଇଥିଲେ।

ଫତେପୁର ଗାଁର ବିଷ୍ଣୁଚରଣ ସାଇକେଲରେ ଯାଉଥିଲା ବେଳେ ତାଙ୍କୁ ଏକ ହାଇୱା ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାର ପ୍ରତିବାଦରେ ତିଳକଣା ପଞ୍ଚାୟତ କାର୍ଯ୍ୟାଳୟ ପାଖ ବରପଡାଠାରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଉତ୍ତ୍ୟକ୍ତ ଲୋକ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ନିଶ୍ଚିନ୍ତକୋଇଲି ଭାରପ୍ରାପ୍ତ ତହସିଲଦାର କର୍ଣ୍ଣଦେବ ସମାଦ୍ଦାର ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଜନତାଙ୍କୁ ବୁଝାଶୁଝା କରୁଥିଲା ବେଳେ ପରିସ୍ଥିତି ଅଣାୟତ୍ତ ହୋଇପଡିଥିଲା। ଏପରିକି ଉତ୍ତ୍ୟକ୍ତ ଲୋକ ତହସିଲଦାରଙ୍କୁ ପ୍ରାୟ ବାଲିଘାଟ ପର୍ଯ୍ୟନ୍ତ ୨ କି.ମି. ରାସ୍ତା ଚଲାଇ ଚଲାଇ ନେଇଥିଲେ। ତୁରନ୍ତ ଏହି ବାଲିଘାଟକୁ ବନ୍ଦ କରାଯିବା ନିମନ୍ତେ ଲୋକେ ଅଡି ବସିଥିଲେ। ତେବେ ଘାଟ ନେଇଥିବା ନିଲାମଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ସମାଦ୍ଦାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଖବରଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି।


ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତାରୋକୋ କରାଯାଉଛି।

# ତଦନ୍ତ ନିର୍ଦ୍ଦେଶ ଦେଲେ ଡିଇଓ

**କଟକ ଅଫିସ,୨୨।୬**

**ରାଣୀହାଟ ସ୍କୁଲରେ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇବା ଘଟଣା**

କଟକ ରାଣୀହାଟ ହାଇସ୍କୁଲରେ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇବା ଘଟଣାର ଗୁରୁବାର ତଦନ୍ତ କରାଯିବ। ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ଉକ୍ତ ଘଟଣାର ତଦନ୍ତ କରିବାକୁ ଡିଇଓ କୃଷ୍ଣଚନ୍ଦ୍ର ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ପଦକ୍ଷେପ ନିଆଯିବ ବୋଲି ଡିଇଓ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମୁଲତା ବେହେରା ଡିଇଓଙ୍କୁ ଆଉ ଏକ ଚିଠି ମାଧ୍ୟମରେ ଅଭିଯୋଗ କରିଥିବା ଜଣାପଡିଛି। ଅପରାହ୍ନ ୪ଟା ପରେ ସ୍କୁଲ ବନ୍ଦ ହୋଇଥିବାବେଳେ ବିନା କୌଣସି ସୂଚନାରେ ଶିକ୍ଷୟିତ୍ରୀ ଦୀପ୍ତିରେଖା ପଣ୍ଡା ଓ କୃଷ୍ଣଚନ୍ଦ୍ର ପଣ୍ଡା ରାତି ସାଢେ ୮ଟା ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ। ଏଥିସହ ସ୍କୁଲର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି ହୋଇଥିବାବେଳେ ତାଙ୍କୁ ଗାଳିଗୁଲଜ କରାଯାଇଥିବା ବେହେରା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ମଙ୍ଗଳବାର କେତେଜଣ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲ ପରିସରରେ ଧାରଣା ଦେଇଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖାଙ୍କୁ ଉପସ୍ଥାନ ଖାତା ନ ଦେଇ ପ୍ରଧାନ ଶିକ୍ଷୟିତ୍ରୀ ବେହେରା ତାଲା ପକାଇ ଦେବା ଘଟଣାକୁ ନେଇ ସ୍କୁଲରେ ଅଶାନ୍ତକର ପରିବେଶ ସୃଷ୍ଟି ହୋଇଥିଲା। ବେହେରାଙ୍କ ଏଭଳି କାର୍ଯ୍ୟକୁ ନେଇ ଶିକ୍ଷୟିତ୍ରୀଶିକ୍ଷକମାନେ ଧାରଣା ଦେଇଥିଲେ। ଏହାପରେ ବେହେରା କେତେଜଣ ଶିକ୍ଷୟିତ୍ରୀଶିକ୍ଷକ ଓ ପିଅନଙ୍କ ବିରୋଧରେ ଅଭିଯୋଗ ଆଣି ସେମାନଙ୍କ ଦରମା ସହିତ ଇନ୍‌କ୍ରିମେଣ୍ଟ ବନ୍ଦ କରିଦେବାକୁ ଡିଇଓଙ୍କୁ ଚିଠି କରିଥିଲେ। ଏହାକୁ ନେଇ ଦୀପ୍ତିରେଖା ଡିଇଓଙ୍କୁ ଜଣାଇବା ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ ପ୍ରତିଭା ଦୋରା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି କରିଥିଲେ। ଡିଇଓଙ୍କ ସହଯୋଗରେ ରାଣୀହାଟ ସ୍କୁଲର ଶାନ୍ତିକୁ ଫେରାଇ ଆଣିବା ପାଇଁ ଉଚିତ୍ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

# ଅଗ୍ନିପଥ ଯୋଜନା ବାତିଲ ଦାବିରେ ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡିୱାଇଏଫ୍‌ଆଇ ଏବଂ ଏସ୍‌ଏଫ୍‌ଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**କଟକ ଅଫିସ, ୨୨।୬**

କେନ୍ଦ୍ର ସରକାର ଅଗ୍ନିପଥ ଯୋଜନାରେ ୩ ସୈନ୍ୟବାହିନୀରେ ଅଗ୍ନିବୀର ନିଯୁକ୍ତି କରିବାର ପ୍ରକ୍ରିୟାକୁ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ (ଡିୱାଇଏଫ୍‌ଆଇ) ଓ ଭାରତର ଛାତ୍ର ଫେଡେରେଶନ (ଏସ୍‌ଏଫ୍‌ଆଇ) ପକ୍ଷରୁ ବିରୋଧ କରାଯାଇଛି। ଏଥିସହ ଉକ୍ତ ଯୋଜନା ବାତିଲ ଦାବିରେ ଦୁଇ ସଂଗଠନ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଡିୱାଇଏଫ୍‌ଆଇ ରାଜ୍ୟ ସମ୍ପାଦକ ସରୋଜ ନାୟକ କହିଛନ୍ତି, ବର୍ଷକୁ ୨ କୋଟି ନିଯୁକ୍ତି ସ୍ଲୋଗାନ ଦେଇ ଭାଜପା କ୍ଷମତାସୀନ ହୋଇଛି। ହେଲେ ଏବେ ଯୁବକମାନଙ୍କୁ ଠିକା ନିଯୁକ୍ତି ମାଧ୍ୟମରେ ବହୁମୁଖୀ ଶୋଷଣ ମୁହଁକୁ ଠେଲି ଦେବାକୁ କେନ୍ଦ୍ର ସରକାର ଉଦ୍ୟମ କରିଛନ୍ତି। ଏପରି କି ୨୦୨୪ ନିର୍ବାଚନରେ ଜନଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ୧୦ ଲକ୍ଷ ଅଗ୍ନିବୀର ନିଯୁକ୍ତି ପ୍ରଚାର କରାଯାଉଛି। ଉକ୍ତ ଯୋଜନା ଦ୍ୱାରା ଦେଶର ସୈନ୍ୟବାହିନୀ ଦକ୍ଷତା ହରାଇବା ସହ ଜାତୀୟ ସ୍ୱାର୍ଥ ବିରୋଧୀ ବୋଲି ସେ କହିଛନ୍ତି। ଏହି ବିକ୍ଷୋଭରେ ଡିୱାଇଏଫ୍‌ଆଇର ଜିଲା ଆବାହକ ମଣ୍ଡଳୀ ସଦସ୍ୟ ରିତ୍ୱିକ୍ ମହାନ୍ତି, ଗଗନ ବିହାରୀ ସାହୁ, ଭାଗ୍ୟଧର ନାୟକ, ରାମପ୍ରସାଦ ଗର୍ଡ଼ି, ସୁଚିତ୍ରା ପୃଷ୍ଟି, ଗାୟତ୍ରୀ ମହାରଣା, ଆକାଂକ୍ଷା ମହାପାତ୍ର, ହିମାଂଶୁ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ଗ୍ରୀଷ୍ମକାଳୀନ ଶିବିର

**ବାଙ୍କୀ,୨୨।୬(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଡମପଡ଼ା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ତଥା ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିବିର ଆରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ଚିତ୍ତରଞ୍ଜନ ରଣା ଶିବିରରେ ସଭାପତିତ୍ୱ କରି ଶିବିରାର୍ଥୀମାନଙ୍କୁ ସେମାନଙ୍କ ଉତ୍ତରଦାୟିତ୍ୱ ସମ୍ପର୍କରେ ସଚେତନ କରାଇଥିଲେ। ଆଦିବାସୀ ହରିଜନ କଲ୍ୟାଣ ପରିଷଦ ସମ୍ପାଦକ କେଶବ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ୟୁକୋ ବ୍ୟାଙ୍କ କ୍ଷେତ୍ର ଅଧିକାରୀ ସଞ୍ଜୟ ରାଉତ ମୁଖ୍ୟବକ୍ତାଭାବେ ଯୋଗଦେଇ ଶିବିରାର୍ଥୀମାନେ କର୍ମବୀର ହୋଇ ସମାଜର ମଙ୍ଗଳ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ନୃତ୍ୟଗୁରୁ ମନମୋହନ ଶର୍ମା ଅତିଥି ଭାବେ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ସ୍ମୃତିସନ୍ଧ୍ୟା ଦାଶ ଓ ତାପସ ମହାନ୍ତି ଶିବିର ପରିଚାଳନା କରିଥିଲେ। ଅଧ୍ୟାପକ ଜ୍ୟୋତିପ୍ରକାଶ ପାଣିନୀ, ଅମରେଶ ସାହୁ, ମହେଶ ରାଉତରାୟ, ଅଧ୍ୟାପିକା ସ୍ମୃତିପ୍ରଜ୍ଞା ମହାପାତ୍ର, ବିଷ୍ଣୁପ୍ରିୟା ରାଉତ, ମୀନା ଲେଙ୍କା, ନିତ୍ୟାନନ୍ଦ ସାମନ୍ତରାୟ, ନରେଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ରେଭେନ୍‌ଶା ଛାତ୍ରାବାସ କର୍ମଚାରୀ ସଂଘର ଧାରଣା



ଧାରଣାରେ ବସିଥିବା ରେଭେନ୍‌ଶା ଛାତ୍ରାବାସ କର୍ମଚାରୀ ସଂଘର କର୍ମକର୍ତ୍ତା।

**କଟକ ଅଫିସ, ୨୨।୬**

ବିଭିନ୍ନ ଦାବି ନେଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରାବାସ କର୍ମଚାରୀ ସଂଘ ପକ୍ଷରୁ ବିଶ୍ୱବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ୍ ବ୍ଲକ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଥିଲା। ଅନେକ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ଛାତ୍ରାବାସ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ସହ ବକେୟା ପ୍ରାପ୍ୟ ପ୍ରଦାନ କରିବା, ସେମାନଙ୍କୁ ଦୁଇ ବଖରା ସହିତ ରୋଷେଇ ଘର ଓ ପାଇଖାନା, ଗାଧୁଆ ଘର ଯୋଗାଇଦେବା, ଛାତ୍ରୀନିବାସର କେୟାରଟେକରମାନଙ୍କୁ ବଦଳି କରିବା ଓ ପଦବୀ ଉଚ୍ଛେଦ କରିବା ବିଷୟରେ ପୁନର୍ବାର ବିଚାର କରି ପ୍ରକାଶିତ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବା ନିମନ୍ତେ ଦାବି କରାଯାଇଛି। ବିଶ୍ୱବିଦ୍ୟାଳୟ ଛାତ୍ରାବାସର ମୁଖ୍ୟ ୱାର୍ଡେନ ପ୍ରଫେସର ପ୍ରୀତିରେଖା ଦାସ ପଟ୍ଟନାୟକ ଛାତ୍ରାବାସ କର୍ମଚାରୀଙ୍କ ଉପରୋକ୍ତ ଦାବିଗୁଡିକୁ ରେସିଡେଣ୍ଟ କମିଟିରେ ଆଲୋଚନା କରି ବିଚାର କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ରେଭେନ୍‌ଶା ଛାତ୍ରାବାସ କର୍ମଚାରୀ ସଂଘର ପୂର୍ବତନ ସଭାପତି ଶୁଭେନ୍ଦୁ ମହାନ୍ତି, ଜୟରାମ ବାରିକ, ଅମୂଲ୍ୟ ବାରିକ, ଅଶୋକ ଦାସ, ମନୋହର ପାତ୍ର, ଆର୍ତ୍ତ ବାରିକ, ସସ୍ମିତା ବେହେରା, ଲିପି ବାରିକ, ସରସ୍ୱତୀ ସାହୁ, ମିନା ପଣ୍ଡା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ଭରଣପୋଷଣ ମାମଲାର ତ୍ୱରିତ ସମାଧାନ ହେଲା

**ବାଙ୍କୀ,୨୨।୬(ସ୍ୱ.ପ୍ର.)**

**୭୫ବର୍ଷୀୟ ବ୍ୟକ୍ତି ନ୍ୟାୟ ପାଇଲେ**

ଡମପଡ଼ା ବ୍ଲକ ଅଞ୍ଚଳର ରାମଚନ୍ଦ୍ର ପ୍ରଧାନ(୭୫) ପୁଅବୋହୂଙ୍କ ଦ୍ୱାରା ନିର୍ଯାତିତ ହେବା ପରେ ବର୍ଷେ ହେବ ଜରାଶ୍ରମରେ ରହିଆସୁଥିଲେ। ତାଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ବାଙ୍କୀ ବୟୋଜ୍ୟେଷ୍ଠ ସଂଘର ସହାୟତାରେ ବାଙ୍କୀ ଉପଜିଲାପାଳ ତଥା ବାଙ୍କୀ ଉପଖଣ୍ଡସ୍ତରରେ ଟ୍ରିବ୍ୟୁନାଲରେ ଗତ ଫେବୃୟାରୀରେ ଏକ ଭରଣପୋଷଣ ମକଦ୍ଦମା ଦାଖଲ କରିଥିଲେ। ରାମଚନ୍ଦ୍ରଙ୍କ ପୁଅ ଚେନ୍ନାଇରେ ଥିବାବେଳେ ବୋହୂ ନୋଟିସ ପାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହୋଇଥିଲେ। କୋର୍ଟରେ ଉପସ୍ଥିତ ବୋହୂ ଓ ଅଭିଯୋଗକାରୀ ଶ୍ୱଶୁରଙ୍କଠାରୁ ସମସ୍ତ ବିବରଣୀ ଶୁଣିବା ପରେ ଉପଜିଲାପାଳ ରଞ୍ଜନ କୁମାର ଜେନା ଘରୋଇ କଥାକୁ ନେଇ ଉଭୟଙ୍କ ଭିତରେ ଥିବା ଅଶାନ୍ତି ଓ ମତାନ୍ତରକୁ ଭୁଲି ପରିବାରର ମଙ୍ଗଳ ପାଇଁ ବୃଦ୍ଧ ଶ୍ୱଶୁରଙ୍କୁ ଭଗବାନ ସଦୃଶ ମନେକରି ସେ ବଞ୍ଚିଥିବା ପର୍ଯ୍ୟନ୍ତ ଖାଇବାକୁ ଦେଇ ସେବା କରିବା ନିମନ୍ତେ ବୋହୂଙ୍କୁ ବୁଝାଇଥିଲେ। ଏହି ମାମଲାର ଶୁଣାଣି ସମୟରେ ସଂଘର ସଭାପତି ବିରଞ୍ଚି ଦାସ ଓ ସଂଘର ଅନ୍ୟ କର୍ମକର୍ତ୍ତାଙ୍କ ସମେତ ଶିକ୍ଷାବିତ୍ ନୀଳମାଧବ ମିଶ୍ର ଉପସ୍ଥିତ ରହି ଉଭୟଙ୍କୁ ବୁଝାଶୁଝା କରିଥିଲେ। ପରେ ବୋହୂ ଶ୍ୱଶୁରଙ୍କୁ କ୍ଷମା ମାଗି ହାତଧରି ଘରେ ରହିବାକୁ ଅନୁରୋଧ କରିବା ପରେ ରାମଚନ୍ଦ୍ର ରାଜି ହୋଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶ୍ୱଶୁର ଓ ବୋହୂ ଗାଁକୁ ଯାଇଥିଲେ। ଉପଖଣ୍ଡସ୍ତରରେ ଗଠିତ ଟ୍ରିବ୍ୟୁନାଲଙ୍କ ସହାୟତାରେ ସଂଘର ଜଣେ ନିରାଶ୍ରୟ ସଭ୍ୟ ତ୍ୱରିତ ନ୍ୟାୟ ପାଇଥିବାରୁ ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ଉପଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଡ୍ରେନ୍ ସଫେଇ କଲେ କାଉନସିଲର

**ବାଙ୍କୀ,୨୨।୬(ସ୍ୱ.ପ୍ର.)**

୫ ବର୍ଷ ଧରି ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୧୦ନଂ. ୱାର୍ଡ ଅକ୍ଷୟ ମାର୍ଗ ରାସ୍ତା କଡରେ ଥିବା ଡ୍ରେନ୍ ସଫା ହୋଇ ନ ଥିଲା। ଫଳରେ ଆବର୍ଜନାରେ ଡ୍ରେନଟି ପୋତି ହୋଇଯାଇଥିଲା। ବର୍ଷାଜଳ ନିଷ୍କାସନ ହୋଇ ନ ପାରି ପାଣି ଉଚ୍ଛୁଳି ରାସ୍ତାରେ ଯାଉଥିଲା। ୧୦ନଂ. ୱାର୍ଡର ନବନିର୍ବାଚିତ କାଉନସିଲର ରାଜେନ୍ଦ୍ର କୁମାର ମହାପାତ୍ର ନଗରପାଳ ମାଣିକ ସାହୁଙ୍କ ଅନୁମତିକ୍ରମେ ନିଜେ ଏନ୍‌ଏସିର ସଫେଇ କର୍ମଚାରୀମାନଙ୍କ ସହ ମିଶି ଡ୍ରେନଟିକୁ ସଫା କରିଛନ୍ତି। ଡ୍ରେନ୍ ଉପରେ ପଡିଥିବା ଭଙ୍ଗା ସ୍ଲାପ ଉଠାଇ ନୂତନ ପକାଇବାର ବ୍ୟବସ୍ଥା କରିଛନ୍ତି। କାଉନସିଲର ମହାପାତ୍ରଙ୍କ ଏଭଳି କାର୍ଯ୍ୟକୁ ଜନସାଧାରଣ ପ୍ରଶଂସା କରିଛନ୍ତି।

# ବ୍ୟାଙ୍କ ସଂଯୋଗୀକରଣ ସଚେତନତା ଶିବିର



ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

**ବାଙ୍କୀ,୨୨।୬(ସ୍ୱ.ପ୍ର.)**

ବୁଧବାର ବାଙ୍କୀ ବ୍ଲକ ପରିସରରେ ସ୍ୱତନ୍ତ୍ର ବ୍ୟାଙ୍କ ସଂଯୋଗୀକରଣ ନିମନ୍ତେ ବ୍ଲକସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ ଉଦ୍‌ଘାଟନ କରିବା ସହିତ ବ୍ୟାଙ୍କ ଋଣ ନିମନ୍ତେ ସ୍ୱତନ୍ତ୍ର ବ୍ୟାଙ୍କ ପ୍ରତିଷ୍ଠା ଉପରେ ଏମ୍.ବି.କେ ଓ ସି.ଆର.ପି.ମାନଙ୍କୁ ସୂଚନା ଦେଇଥିଲେ। ସିଡିପିଓ ରୂପାଲୀ ମିତ୍ର ପ୍ରତ୍ୟେକ ପଞ୍ଚାୟତରେ ଏହିଭଳି ସଚେତନା ଶିବିର ଆୟୋଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିପିସି ଲିଲି ବେହେରା, ବିଏଲ୍‌ସି ସଂଘମିତ୍ରା ପ୍ରଧାନ ଓ ବିପିଏ ପ୍ରଦ୍ୟୁମ୍ନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ ପ୍ରକଳ୍ପ ପରିଚାଳକ ଅକ୍ଷୟ କୁମାର ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସରାଏ ବର୍ଷାରେ ସ୍କୁଲ ପରିସରରେ ପାଣି

**ଖୁଣ୍ଟୁଣୀ,୨୨।୬(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଅଧୀନ ଖୁଣ୍ଟୁଣୀ ଅଞ୍ଚଳର ସର୍ବପୁରାତନ ହାଇସ୍କୁଲ ରାଧାନାଥ ବିଦ୍ୟାପୀଠ ପରିସର ଓ ସାଇକେଲ ଷ୍ଟାଣ୍ଡରେ ବୁଧବାର ଅସରାଏ ବର୍ଷା ଯୋଗୁ ପାଣି ଜମି ରହିଛି। ଫଳରେ ଛାତ୍ରୀଛାତ୍ରମାନେ ଏହି ପାଣିରେ ପଶି ଯାତାୟାତ କରିଥିଲେ। ଏହାକୁ ନେଇ ସେମାନେ ଓ ସେମାନଙ୍କ ଅଭିଭାବକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଜରିଆରେ ଏହି ସ୍କୁଲକୁ ସାମିଲ କରାଯାଇଥିଲା। ଏହାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୧୭ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ସରିଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଗତ ୬ ତାରିଖରେ ତରବରିଆ ଭାବେ ଏହାର ଉଦ୍‌ଘାଟନ କରାଯାଇଥିଲା। ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ବିଦ୍ୟାଳୟ ପରିସରରେ ପାଣି ଜମିବା ଧର୍ମକୁ ଆଖିଠାର ବୋଲି ସ୍ଥାନୀୟ ଅଭିଭାବକ ତଥା ସ୍କୁଲ ପରିଚାଳନା କମିଟି ସଦସ୍ୟ ପ୍ରଭାକର ସାହୁ ଓ ସନ୍ତୋଷ ଦାସ କହିଛନ୍ତି। ଆଗାମୀ ଦିନରେ ବର୍ଷା ହେଲେ ସ୍କୁଲ ପରିସରରେ ଯେଭଳି ପାଣି ନ ଜମେ ସେଥିପ୍ରତି ଦୃଷ୍ଟି ଦିଆଯିବାକୁ ଅଭିଭାବକଙ୍କ ପକ୍ଷରୁ ଦାବି ହେଉଛି।


ସ୍କୁଲ ପରିସରରେ ଜମି ରହିଥିବା ପାଣିରେ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି।

# 'ବଡ଼ ଆହ୍ୱାନ ହୋଇଛି ମାନସିକ ସ୍ୱାସ୍ଥ୍ୟ ସମସ୍ୟା'

**କଟକ ଅଫିସ, ୨୨।୬**

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ଶୀର୍ଷକ ଆଲୋଚନାଚକ୍ର**

ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବର୍ତ୍ତମାନ ସମୟରେ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଯୁବପିଢ଼ି ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା ଭଳି କଠୋର ନିଷ୍ପତ୍ତି ନେଉଛନ୍ତି। ତେଣୁ ଏ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ସଚେତନତା, ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ଏବଂ ପରିବାର ସଦସ୍ୟଙ୍କ ସହଯୋଗରେ ଏଭଳି ସମସ୍ୟାକୁ ସମାଧାନ କରାଯାଇପାରିବ ବୋଲି ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର କ୍ଲିନିକାଲ ସାଇକୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଯଶୋବନ୍ତ ମହାପାତ୍ର କହିଛନ୍ତି। ମୋ କଲେଜ ଅଭିଯାନ ଅଧୀନସ୍ଥ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ଶୀର୍ଷକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ମୋ କଲେଜ ଅଭିଯାନ ଅଧକ୍ଷ ଆକାଶ ଦାସ ନାୟକ କହିଥିଲେ, ମାନସିକସ୍ତରରେ ସୁସ୍ଥ ରହିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ସାମାଜିକ ସମ୍ପର୍କକୁ ସୁଦୃଢ କରିବାକୁ ପଡ଼ିବ। ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଉପଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି। ବିଭିନ୍ନ ପରିସ୍ଥିତିକୁ ସାମ୍ନା କରି ଆଗକୁ ଯିବା ହିଁ ଜୀବନର ଲକ୍ଷ୍ୟ ହେବା ଉଚିତ୍। ପରିବାରବର୍ଗଙ୍କ ସହ ନିଜ ସମସ୍ୟା ବିଷୟରେ ଆଲୋଚନା କରିବା, ନିୟମିତ ଧ୍ୟାନ କରିବା, ବିଭିନ୍ନ ପ୍ରକାରର ବହି ପଢ଼ିବା ଏବଂ ବ୍ୟାୟାମ କରିବା ଦ୍ୱାରା ମନରେ ସକାରାତ୍ମକ ମନୋଭାବ ସୃଷ୍ଟି ହୋଇଥାଏ ବୋଲି ସେ କହିଥିଲେ। ଏହି ଆଲୋଚନାଚକ୍ରରେ ମୋ କଲେଜ ଅଭିଯାନ ସଂଯୋଜକ ପ୍ରଫେସର ପ୍ରୀତିରେଖା ଦାସପଟ୍ଟନାୟକଙ୍କ ସହ ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ପ୍ରଫେସର ଯଶୋବନ୍ତ ମହାପାତ୍ର ବକ୍ତବ୍ୟ ଦେଉଛନ୍ତି।

## ସଂକ୍ଷେପରେ

### ଚୋରି ସୁନା ରଖିବାରୁ ଦୋକାନୀଙ୍କୁ ଉଠାଇଲା ପୋଲିସ

**ନିରାକାରପୁର,୨୨।୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ସ୍ଥାନୀୟ ମଙ୍ଗଳା ବଜାରରେ ଥିବା ସୁନା ଦୋକାନୀଙ୍କୁ ଚୋରି ସୁନା ରଖିଥିବା ଅଭିଯୋଗରେ ସ୍ଥାନୀୟ ପୋଲିସ ସହାୟତାରେ ଖୋର୍ଦ୍ଧା ଟାଉନ ଥାନା ପୋଲସ ବୁଧବାର ଉଠାଇ ନେଇ ଅଟକ ରଖିଛି। ଖବର ଅନୁଯାୟୀ, ନରଣଗଡ ଏବଂ ଗଡଖୋଦ୍ଧାର୍ର ଦୁଇଜଣ ସୁନା ଲୁଟେରାଙ୍କୁ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗିରଫ କରି ପଚରାଉଚରା କରୁଥିଲା। ସେଥିରୁ ଜାଣିବାକୁ ପାଇଲା ଯେ ଜବତ ହୋଇଥିବା ସୁନାକୁ ସେମାନେ ନିରାକାରପୁରସ୍ଥିତ ମଙ୍ଗଳା ବଜାରରେ ଥିବା ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ରାଇଗରପୁର ଅଞ୍ଚଳର ସୁନା ବ୍ୟବସାୟୀଙ୍କୁ ବିକ୍ରି କରିଛନ୍ତି। ଫଳରେ ନିରାକାରପୁର ପୋଲିସକୁ ସାଙ୍ଗରେ ଧରି ଖୋର୍ଦ୍ଧା ଟାଉନ ପୋଲିସ ଉକ୍ତ ଦୋକାନୀ ପାଖରେ ପହଞ୍ଚି ଦୋକାନରେ ଥିବା ସୁନାର ଜିଏସ୍‌ଟି ଦେଖାଇବା ପାଇଁ କହିଥିଲେ। ହେଲେ ଦୋକାନୀ ତାହା ଦେଖାଇ ନ ପାରିବାରୁ ସବୁ ସୁନାକୁ ପୋଲିସ ଜବତ କରିବା ସହ ଉକ୍ତ ଦୋକାନୀକୁ ଉଠାଇ ନେଇଛି।

### ସୁସ୍ଥ ଜୀବନ ପାଇଁ ଯୋଗ ଜରୁରୀ

**ବାଣପୁର,୨୨।୬(ଡି.ଏନ୍.ଏ.):** ସ୍ଥାନୀୟ ଗୋଦାବରୀଶ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ବନମାଳୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ମହତ୍ତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀପ୍ରସାଦ ମିଶ୍ର ଯୋଗଦେଇ ଯୋଗ ଏବଂ ଜୀବନର ସମ୍ପର୍କ ଉପରେ ଆଲୋକପାତ କରିବା ସହ ସୁସ୍ଥ ଜୀବନ ପାଇଁ ଯୋଗର ଆବଶ୍ୟକ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍‌ର ୪୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଯୋଗ ପ୍ରଶିକ୍ଷକ ଜେ.ଏଲ.ଆର. ଚୌହାନ, ଏନ୍‌ଏସ୍‌ଏସ୍ ଅଧିକାରୀ ବାଦଲ ବେହେରା, ସ୍ୱାଗତିକା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଯୋଗ ସମ୍ପର୍କିତ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ଲୋକଙ୍କ ପ୍ରିୟଭାଜନ ପାଇଁ ଏସ୍‌ପିଙ୍କ ପରାମର୍ଶ

**ବେଗୁନିଆ,୨୨।୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନୂତନ ଏସ୍‌ପି ସିଦ୍ଧାର୍ଥ କଟାରିଆ ବୁଧବାର ସନ୍ଧ୍ୟାରେ ବେଗୁନିଆ ଥାନା କାର୍ଯ୍ୟାଳୟକୁ ପରିଦର୍ଶନରେ ଆସିଥିଲେ। ଥାନାଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ ଏବଂ କର୍ମଚାରୀଙ୍କୁ ବିଭିନ୍ନ ପରାମର୍ଶ ଦେବା ସହ ସେମାନଙ୍କର ସୁବିଧା ସୁଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଥାନା ଫାଇଲ ଭିତରେ ରହିଯାଇଥିବା ପୁରୁଣା ମାମଲାଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଆଗକୁ ଆଉ କ୍ରାଇମ ଯେମିତି ନ ବଢ଼ିବ ସେଥିପାଇଁ ସମସ୍ତେ ମିଶିକି ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ସୁଖ ଦୁଃଖର ସାଥୀ ହେବା ପାଇଁ ଏସ୍‌ପି କଟାରିଆ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏସ୍‌ଡିପିଓ ସୁଶୀଳ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟଜଳକୁ ଗୁରୁତ୍ୱ

## ଖୋର୍ଦ୍ଧା ପଞ୍ଚାୟତ ସମିତି ବୈଠକ

- ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଦାବି
- ବିନା ନୋଟିସରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ନେଇ ଉଦ୍‌ବେଗ

**ଖୋର୍ଦ୍ଧା ଅଫିସ,୨୨।୬**

ଖୋର୍ଦ୍ଧା ପଞ୍ଚାୟତ ସମିତିର ସାଧାରଣ ବୈଠକ ବୁଧବାର ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଓ ପାନୀୟ ଜଳକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଶିକ୍ଷାର ପ୍ରଗତି ପାଇଁ ସରକାର ବିଦ୍ୟାଳୟ ରୂପାନ୍ତରଣ କରୁଥିବାବେଳେ ଅନେକ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ବ୍ଲକର ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲିପଡ଼ିଛି। ଫଳରେ ପାଠପଢ଼ା ବ୍ୟାହତ ହେଉଛି। ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ଖାଲିପଡ଼ିଥିବା ପଦବୀ ପୂରଣ ଲାଗି ଅଧିକାଂଶ ସଦସ୍ୟ ଦାବି କରିଥିଲେ। ବାଜପୁର ପଞ୍ଚାୟତ ବଣିଆଟାଙ୍ଗି ସ୍କୁଲରେ ୭ଜଣ ଶିକ୍ଷକଙ୍କ ପରିବର୍ତ୍ତେ ୫ଜଣ ଅଛନ୍ତି। ମଲିପୁର ପଞ୍ଚାୟତର ମୁକ୍ତାପୁର ସ୍କୁଲରେ ଶିକ୍ଷକ ପଦବୀ ପୂରଣ ଲାଗି ସରପଞ୍ଚ ଦାବି କରିଥିଲେ। ଖୋର୍ଦ୍ଧା ବ୍ଲକର କେଉଁ ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ ପଦ ଖାଲି ରହିଛି, ସେ ସମ୍ପର୍କରେ ଏକ ତାଲିକା ପ୍ରସ୍ତୁତ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି। ଏ ସମ୍ପର୍କରେ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ବକେୟା ବିଦ୍ୟୁତ ବିଲ୍ ରହିଥିବା ଦର୍ଶାଇ ବିଦ୍ୟୁତ ବିଭାଗ ପକ୍ଷରୁ ବିନା ନୋଟିସରେ ସଂଯୋଗ ବିଚ୍ଛିନ୍ନ କରାଯାଉଥିବା ନେଇ ଏକାଧିକ ସରପଞ୍ଚ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଦ୍ୟୁତ ସଂଯୋଗ କାଟିବା ପୂର୍ବରୁ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରାଯାଉ ନ ଥିବା ସେମାନେ ଅଭିଯୋଗ ଆଣି ପଦକ୍ଷେପ ନେବାକୁ ଦାବି କରିଥିଲେ। ଏଣିକି ବିନା ନୋଟିସରେ କୌଣସି ପଞ୍ଚାୟତ କାର୍ଯ୍ୟାଳୟର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ନ କରାଯିବାକୁ ବ୍ଲକ ଅଧକ୍ଷ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ତାଗିଦା କରିଥିଲେ।



ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ପାତ୍ର ଏବଂ ଅନ୍ୟମାନେ।

ଏହି ବ୍ଲକର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)ରେ ଭିତ୍ତିଭୂମିର ଅଭାବ ସହିତ ଡାକ୍ତର ପଦବୀ ଖାଲିପଡ଼ିଛି। ଫଳରେ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ପିଏଚ୍‌ସିଗୁଡ଼ିକର ଭିତ୍ତିଭୂମି ସଜାଡ଼ିବା ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏନେଇ ବିଧାୟକ ମିତ୍ର କହିଲେ, ସ୍ୱାସ୍ଥ୍ୟସେବାରେ ଉନ୍ନତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିଲାଗି ସ୍ୱାସ୍ଥ୍ୟବୀମା ଯୋଜନା କରିଛନ୍ତି। ପିଏଚ୍‌ସି ସ୍ତରରେ ଥିବା ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ସେହିପରି ପାନୀୟଜଳ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବର୍ଷାଋତୁ ଆସୁଥିବାରୁ ଗ୍ରାମାଞ୍ଚଳରେ ପୋଖରୀ ପୁନରୁଦ୍ଧାର ସହ ଅଚଳ ନଳକୂପ ମରାମତି ଲାଗି ସଦସ୍ୟମାନେ ଦାବି କରିଥିଲେ। ବିଭିନ୍ନ ପଞ୍ଚାୟତରେ ନଳକୂପ ଅଚଳ ହୋଇପଡ଼ିଛି। ଗତ କୋଭିଡ୍ ସମୟରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଜଳଉତ୍ସଗୁଡ଼ିକୁ ସଜାଡିବା ଲାଗି ଗୁରୁତ୍ୱ ଦିଆଯିବ। ନିଜିଗଡ଼ ତାପଙ୍ଗରେ ପମ୍ପହାଉସ ନିର୍ମାଣ ସରିଛି। ତେବେ ଏହାକୁ ଚଳାଇବା ପାଇଁ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଜଳ ଯୋଗାଣରେ ସମସ୍ୟା ଉପୁଜୁଥିବା ସରପଞ୍ଚ ଅଭିଯୋଗ କରିଥିଲେ। ବୈଠକରେ ବିଧାୟକ ମିତ୍ରଙ୍କ ସମେତ ଜିଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ସମିତି ଉପାଧକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସମସ୍ତ ସରପଞ୍ଚ, ସମିତିସଭ୍ୟା ଓ ସଭ୍ୟଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅଧରାତିରେ ବାଣ ଫୁଟାଇଲେ, ପୋଲିସକୁ ଗାଳିକଲେ

**ପୁରୁଣା ଭୁବନେଶ୍ୱର, ୨୨।୬ (ଡି.ଏନ୍.ଏ.)**

ଅଧରାତିରେ ବାଣ ଫୁଟାଇବା ସହ ପୋଲିସକୁ ଗାଳିଗୁଲଜ କରିବା ୫ଜଣ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଶେଷରେ ଉକ୍ତ ଯୁବକଙ୍କଠାରୁ ଫାଇନ କାଟି ଜରିମାନା ଆଦାୟ କରି ଛାଡ଼ି ଦେଇଛି। ଏହି ଘଟଣାଟି ପୁରୁଣା ଭୁବନେଶ୍ୱରର ବିନ୍ଦୁ ସାଗରର ଉତ୍ତର ପୂର୍ବ ଘାଟରେ ଘଟିଛି। ମଙ୍ଗଳବାର ବିଳମ୍ବିତ ରାତିରେ ବିନ୍ଦୁ ସାଗର ନିକଟରେ ୫ଜଣ ଯୁବକ ଉଚ୍ଚ ଶବ୍ଦ ବିଶିଷ୍ଟ ବାଣ ଫୁଟାଇ ପାଟି କରୁଥିଲେ। ଏହି ସମୟରେ ପାଟ୍ରୋଲିଂରେ ଥିବା ପୋଲିସ ଦେଖି ସେଠାରୁ ଯିବାକୁ ବାରଣ କରିଥିଲେ। ତଥାପି ସେମାନେ ନ ଯାଇ ବାଣ ଫୁଟାଇବା ସହ ପୋଲିସକୁ ଗାଳିଗୁଲଜ କରିଥିଲେ। ଫଳରେ ପୁଣି ପୋଲିସ ଆସି ୫ଜଣଙ୍କୁ ଉଠାଇ ଲିଙ୍ଗରାଜ ଥାନାକୁ ନେଇଥିଲେ। ହେଲେ ଯୁବକମାନେ ଥାନାରେ ମଧ୍ୟ ପାଣି ପିଇବାକୁ ମାଗି ବୋତଲ ଫୋପାଡ଼ି ଥିଲେ। ପୋଲିସ ସେମାନଙ୍କଠାରୁ ୫୦୦ଟଙ୍କା ଲେଖାଏ ଜରିମାନା ଆଦାୟ କରି ଏଭଳି ନ କରାଇବାକୁ ବୁଝାଇ ଛାଡ଼ିଥିଲା।

# ୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୪ ଗିରଫ


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

**ଜଟଣୀ,୨୨।୬(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ଏବଂ ଜିଆରପିର ମିଳିତ ଅପରେଶନରେ ଖୋର୍ଦ୍ଧାରୋଡ ରେଳଷ୍ଟେଶନରୁ ୫୦ କିଲୋ ୨୦୦ଶହ ୭୦ଗ୍ରାମ ଓଜନର ଗଞ୍ଜେଇକୁ ଜବତ କରାଯାଇଥିବା ଜିଆର୍‌ପି ଥାନା ଅଧିକାରୀ ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି। ଯାହାର ଆନୁମାନିକ ବଜାର ମୂଲ୍ୟ ୫ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ୨ ମହିଳା ସମେତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜିଲା ଜଜ କୋର୍ଟ ଭୁବନେଶ୍ୱରକୁ ଚାଲାଣ କରାଯାଇଛି। ଗିରଫ ତିନି ଅଭିଯୁକ୍ତ ଚନ୍ଦନ ସାହୁ (୨୦), ଧର୍ମ ପ୍ରଧାନ (୧୯) ଏବଂ ସଂଯୁକ୍ତା ଦାସ (୪୨) ଗଞ୍ଜାମ ଜିଲାର ହୋଇଥିବା ସମୟରେ ବିଦ୍ୟୁଲତା ପ୍ରଧାନ (୩୫)ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ବୋଲି ଜିଆରପି ଥାନା ଅଧିକାରୀ ଧରଣୀଧର ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ଏ ନେଇ ଜିଆରପି ଥାନା ଦୁଇଟି ପୃଥକ ମାମଲା ନଂ. ୭୪, ୭୫/୨୨ ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗତ ୨୧ତାରିଖରେ ଖୋର୍ଦ୍ଧାରୋଡ ରେଳଷ୍ଟେଶନରେ ଜିଆରପି ଏବଂ ଆର୍‌ପିଏଫ୍‌ର ମିଳିତ ଅପରେଶନ ସମୟରେ ପ୍ଲାଟଫର୍ମ ନମ୍ବର ୩ରେ ପୁରୀ -ଦୁର୍ଗ ଏକ୍ସପ୍ରେସ ଟ୍ରେନରେ ଛତିଶଗଡ଼ ରାଇପୁରକୁ ୪୩କିଲୋ ୧୭୦ଗ୍ରାମ ଗଞ୍ଜେଇ ଚାଲାଣ କରିବା ପାଇଁ ଗଞ୍ଜାମ ଜିଲାର ଉକ୍ତ ୩ଜଣ ଅଭିଯୁକ୍ତ ଅପେକ୍ଷା କରିଥିଲେ। ସେହିପରି ଅନ୍ୟ ଏକ ମାମଲାରେ ରଣପୁର ଥାନା ଅଞ୍ଚଳର ବିଦ୍ୟୁଲତା ପ୍ରଧାନ ୭କିଲୋ ୧୦୦ଗ୍ରାମ ଗଞ୍ଜେଇକୁ ପୁରୁଷୋତ୍ତମ ଏକ୍ସପ୍ରେସ ଟ୍ରେନରେ ଚାଲାଣ ପାଇଁ ଯୋଜନା କରି ପ୍ଲାଟଫର୍ମ ନମ୍ବର ୬ ଏବଂ ୭ରେ ଅପେକ୍ଷା କରିଥିବା ବେଳେ ରେଳ ସୁରକ୍ଷାବଳ ଏବଂ ଜିଆରପି ଉକ୍ତ ୪ ଅଭିଯୁକ୍ତଙ୍କୁ କାବୁକରି ସେମାନଙ୍କ ନିକଟରୁ ଗଞ୍ଜେଇ ଜବତ କରି ବୁଧବାର କୋର୍ଟ ଚାଲାଣ କରିଛି।

### ରେଳ ଷ୍ଟେଶନରୁ ୨୭କେଜି ଧରାପଡ଼ିଲା

**ବାଲୁଗାଁ,୨୨।୬(ଡି.ଏନ୍.ଏ.)**

ବାଲୁଗାଁ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଚଢ଼ାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ୨୭ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଭଦ୍ରକ ଜିଲା ନନ୍ଦି ଗାଁର ଅନନ୍ତ ଦାସ(୪୭) ଓ ତାଙ୍କ ସ୍ତ୍ରୀ ସୁକାନ୍ତି ଦାସ(୩୭)। ସେମାନଙ୍କଠାରୁ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ୭୮ହଜାର ୩୩୦ଟଙ୍କା ହେବ ବୋଲି ବିଭାଗୀୟ ପକ୍ଷରୁ କୁହାଯାଇଛି। ଖବର ଅନୁଯାୟୀ, ରାଜ୍ୟ ଏବଂ ରାଜ୍ୟ ବାହାରୁ ଚିଲିକା ଅଞ୍ଚଳକୁ ଟ୍ରେନ ଓ ବସ୍ ଯୋଗେ ନିୟମିତ ଭାବେ ଗଞ୍ଜେଇ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏଥିରେ ଏକ ସ୍ୱତନ୍ତ୍ର ଆନ୍ତଃଜିଲା ରାକେଟ କାର୍ଯ୍ୟ କରୁଥିବା ଆର୍‌ପିଏଫ୍ ପୋଲିସ ସୂଚନା ପାଇଥିଲା। ଏହି ପରିପ୍ରେକ୍ଷୀରେ ବାଲୁଗାଁ ରେଳ ସୁରକ୍ଷା ବଳ ଗତ କିଛିଦିନ ହେଲା ଏହି ଚୋରା ନିଶା ବେପାରୀଙ୍କୁ ଧରିବା ପାଇଁ ସଜାଗ ରହିଥିଲେ। ଏପରିସ୍ଥଳେ ମଙ୍ଗଳବାର ୨ଟି ବ୍ୟାଗ ଧରି ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଜଣେ ମହିଳା ଓ ପୁରୁଷଙ୍କୁ ଆର୍‌ପିଏଫ୍ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ବାଲୁଗାଁ ଆର୍‌ପିଏଫ୍ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ସେମାନଙ୍କୁ ପିଛା କରି ଗଞ୍ଜାମ ଜିଲା ଖଲ୍ଲିକୋଟ ରେଳ ଷ୍ଟେଶନଠାରେ ଧରି ଯାଞ୍ଚ କରିବାରେ ୨ ବ୍ୟାଗ୍‌ରୁ ୨୭କିଲୋ ୮୩୩ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ଗିରଫ କରାଯାଇ ବ୍ରହ୍ମପୁର ଜିଆରପିକୁ ହସ୍ତାନ୍ତର କରାଯାଇଥିଲା। ବ୍ରହ୍ମପୁର ଜିଆରପି କେସ୍ ନଂ. ୪୨/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଏହି ର୍‌ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି।


ଜବତ ଗଞ୍ଜେଇ ସହ ଗିରଫ ଦମ୍ପତି।

### ସୁଧୁରୁନି ରାସ୍ତା ଅବସ୍ଥା, ବିପଦରେ ପଥଚାରୀ


ରାସ୍ତା ଉପରୁ ଚିପ୍ସ ଉଠିଯାଇଛି।

**ଯାଁଳା,୨୨।୬(ଡି.ଏନ୍.ଏ.)**

ସରକାର ଗମନାଗମନର ସୁବିଧା ପାଇଁ ରାସ୍ତା ସମ୍ପ୍ରସାରଣ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଛନ୍ତି। କିନ୍ତୁ ରାସ୍ତା ଅବସ୍ଥା ସୁଧୁରିଥିଲେ ମଧ୍ୟ କେଉଁଠି ନା କେଉଁଠି ତ୍ରୁଟି ରହିଯାଉଛି, ଯାହାକି ଜନସାଧାରଣଙ୍କୁ ବିପଦରେ ପକାଉଛି। ଏଭଳି ଅବସ୍ଥା ଦେଖିବାକୁ ମିଳିଛି ୧୬ ନମ୍ବର ଜାତୀୟ ରାଜପଥରେ। ପିତାପଲ୍ଲୀଠାରୁ ପାତ୍ରପଡ଼ା ପର୍ଯ୍ୟନ୍ତ ରାସ୍ତାର ଅଧିକାଂଶ ଜାଗାରେ ଚିପ୍ସ ବହୁ ପରିମାଣରେ ପଡିରହି ଗାଡି ଚାଳକ ଏବଂ ପଥଚାରୀଙ୍କୁ ବିପଦରେ ପକାଉଛି। ଏହା ପ୍ରାୟତଃ ଓଭରବ୍ରିଜ ଆରମ୍ଭ ଏବଂ ଶେଷ ସମୟରେ ଅଧିକ ପଡ଼ିଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ଦୁଇଚକିଆ ଯାନଗୁଡ଼ିକର ଚକା ବେଳେବେଳେ ଗୋଡିରେ ଖସିଯାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରି କି ବଡ଼ ଗାଡି ଚକାରେ ଗୋଡି ବାଜି ଛିଟିକି ଯାଇ ପାଖରେ ଯାଉଥିବା ପଥଚାରୀଙ୍କ ଦେହରେ ବାଜି କ୍ଷତ ସୃଷ୍ଟି ହେଉଛି। ଯେଉଁମାନେ ରାସ୍ତା କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେମାନେ ଏହାକୁ ଦେଖିଲେ ମଧ୍ୟ ସଫା କରୁନାହାନ୍ତି। ଏଥିପ୍ରତି ଏନ୍‌ଏଚ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଉକ୍ତ ଚିପ୍ସକୁ ସଫା କରାଯାଉ ବୋଲି ପଥଚାରୀ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ତହସିଲ ପକ୍ଷରୁ ୪ ଚିପ୍ସ ଗାଡ଼ି ଜବତ

**ଖୋର୍ଦ୍ଧା ଅଫିସ, ୨୨।୬**

ପଲ୍ଲାଛକ ନିକଟରୁ ବୁଧବାର ବେଆଇନ ଚାଲାଣ ହେଉଥିବା ୪ ଚିପ୍ସ ଗାଡିକୁ ଖୋର୍ଦ୍ଧା ତହସିଲଦାର ଜବତ କରିଛି। ତେବେ ଘଟଣାସ୍ଥଳରୁ ଗାଡିଗୁଡ଼ିକୁ ଛାଡି ଡ୍ରାଇଭର ଚମ୍ପଟ ମାରିଥିବା ବେଳେ ତହସିଲ ପକ୍ଷରୁ ଗାଡ଼ିଗୁଡ଼ିକୁ ତହସିଲ କାର୍ଯ୍ୟାଳୟକୁ ନିଆଯାଇଛି। ତେବେ ତହସିଲଦାର ଈପ୍ସିତ ସାହୁଙ୍କ କହିବା ମୁତାବକ, କିଛିଦିନ ହେବ ବେଆଇନ ଭାବେ ମୋରମ, ଚିପ୍ସ ଗାଡ଼ି ସବୁ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏଥିସହ ଓ ।ଇଫର୍ମ ନ ଥିବା ବେଳେ ଚିପ୍ସ ଗାଡିଗୁଡିକ ମଧ୍ୟ ବିନା ଜିଏସ୍‌ଟି ବିଲ୍ ଦ୍ୱାରା ଚାଲାଣ କରୁଥିଲେ। ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନରେ ତହସିଲର ଏକ ଟିମ୍ ପଲ୍ଲା ଛକ ନିକଟରେ ପୂର୍ବ ସୂଚନା ଅନୁଯାୟୀ ଛକି ରହିଥିଲେ। ଗାଡି ଚୋରା ଚାଲାଣ ହେଉଥିବା ବେଳେ ତାହାକୁ ରୋକିବାରେ ସମର୍ଥ ହୋଇଛି ଏବଂ ଏହାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

### ବର୍ଷାଜଳ ସଂରକ୍ଷଣ ଯୋଜନାରେ ଅନିୟମିତତା

**ଜଟଣୀ,୨୨।୬(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ଜଟଣୀ ପୌର ଅଞ୍ଚଳରେ ବର୍ଷାଜଳ ସଂରକ୍ଷଣ ବା ରେନ ୱାଟର ହାର୍ଭେଷ୍ଟିଂ ଷ୍ଟ୍ରକଚର ଯୋଜନାରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏସ୍‌ଏଚ୍‌ଜି ବଦଳରେ ଠିକାଦାର କାର୍ଯ୍ୟ କରିବା, ଅଳ୍ପ ପରିମାଣର ଇଟା, ଗୋଡ଼ି, ମାଟି ପକାଇ କାର୍ଯ୍ୟ ହେଉଥିବା ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ପ୍ରତିଟି ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପରେ ୬ଟି ନନ୍ଦ ବସିବା ସହିତ ବଡ ମେଷ୍ଟାଲ ୧୧ ଇଞ୍ଚ, ମଧ୍ୟ ମେଷ୍ଟାଲ ୧୧ଇଞ୍ଚ, ଚିପ୍ସ ୧୧ଇଞ୍ଚ ଏବଂ ସରୁ ବାଲି ୩ଫୁଟ ଆକାରରେ ପଡ଼ିବାକୁ ରହିଥିବା ବେଳେ ନନ୍ଦ ଚାରିପାଖେ ୨ଫୁଟ ଚଉଡ଼ା, ୫ ମିଟର ଲମ୍ବା ଏବଂ ଅଢେଇ ଫୁଟ ଗଭୀରର ୱାଲ ରହିବ। କିନ୍ତୁ କେଉଁଠି ୩ଟା ତ କେଉଁଠି ୪ଟା ନନ୍ଦ ବସାଇବା ସହିତ ଇଟା, ଗୋଡ଼ି ବଦଳରେ ମାଟି ଫିଲିଂ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରୁଛନ୍ତି ଠିକାଦାର। ଫଳରେ ଜଳବାୟୁ ପରିବର୍ତ୍ତନ ଏବଂ ଭୂତଳ ଜଳସ୍ତର କମିବାରେ ଲାଗିଛି।

ଜଟଣୀ ପୌରାଞ୍ଚଳର ୨୩ଟି ୱାର୍ଡର ବିଭିନ୍ନ ସ୍ଥାନରେ ୩୦୦ଟି ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ହେବା ନେଇ ସୂଚନା ମିଳିଛି। ତେବେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଗତ କିଛି ସପ୍ତାହ ଧରି ଜୋରସୋରରେ ଚାଲିଛି। ସରକାର ଉକ୍ତ କାର୍ଯ୍ୟାଦେଶ ୱାର୍ଡରେ ରହିଥିବା ବିଭିନ୍ନ ମହିଳା ସଂଗଠନ ବା ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ପ୍ରଦାନ କରିଛନ୍ତି। କିନ୍ତୁ ଉକ୍ତ କାର୍ଯ୍ୟ ଠିକାଦାର ମାଧ୍ୟମରେ କରାଯାଉଥିବା ଅଭିଯୋଗ ହେଉଛି। ଗୋଟିଏ ପ୍ରକଳ୍ପ ନିର୍ମାଣ ପାଇଁ ୩୨ହଜାର ୮ଶହ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଲୋକେ କହୁଛନ୍ତି। ଏହାର ଉଚ୍ଚସ୍ତରୀୟ ବୈଷୟିକ କମିଟି ପକ୍ଷରୁ ତଦନ୍ତ କରାଯିବା ସହିତ ଠିକାଦାର ପରିବର୍ତ୍ତେ କାର୍ଯ୍ୟାଦେଶ ପାଇଥିବା ଏସ୍‌ଏଚ୍‌ଜି ଗ୍ରୁପ ଦ୍ୱାରା କାର୍ଯ୍ୟ ସମ୍ପାଦନ ନିମନ୍ତେ ବୁଦ୍ଧିଜୀବୀମାନେ ଦାବି କରୁଛନ୍ତି। ଏ ସମ୍ପର୍କରେ ଜଟଣୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି କହିଛନ୍ତି, କାର୍ଯ୍ୟାଦେଶ ପାଇଥିବା ଏସ୍‌ଏଚ୍‌ଜି ସଂଗଠନ ନିଜେ କାର୍ଯ୍ୟ ନ କରି ଯଦି କୌଣସି ଠିକାଦାର ଦ୍ୱାରା କରାଉଥିବା ପ୍ରମାଣ ମିଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ୱାର୍କଅର୍ଡରେ ଏଷ୍ଟିମେଟ ମୁତାବକ କାର୍ଯ୍ୟ ହୋଇଛି କି ନାହିଁ ତାହା ପୌର ଯନ୍ତ୍ରୀ ତଦାରଖ କରିବା ପରେ ବିଲ୍ କରାଯିବ।

# ଉଠିଲା ଡ୍ରେନ ସଫେଇ ଟେଣ୍ଡର ଅନିୟମିତତା ପ୍ରସଙ୍ଗ

## ପୌରପାଳିକାର ୨ୟ ସାଧାରଣ ବୈଠକ

- ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ନେଇ ଉଦ୍‌ବେଗ
- ପ୍ରମାଣପତ୍ର ନ ଥିଲେ ଠିକାଦାର ପାଇବେନି ଅର୍ଥ
- ଡ୍ରାଇଭର ମିଳୁନାହାନ୍ତି, ୪ ବ୍ୟାଟେରି ଗାଡ଼ି ଅଚଳ
- ବରୁଣେଇ ସ୍ମାର୍ଟପାର୍କ, ଶ୍ମଶାନ କାର୍ଯ୍ୟରେ ଶିଥିଳତା

**ଖୋର୍ଦ୍ଧା ଅଫିସ,୨୨।୬**

ଖୋର୍ଦ୍ଧା ପୌରପାଳିକା (କେଏମ୍‌ସି)ର ଦ୍ୱିତୀୟ ସାଧାରଣ ବୈଠକ ବୁଧବାର ପୌର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଡ୍ରେନେଜ ସଫେଇ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତାକୁ ନେଇ ବୈଠକ ସରଗରମ ରହିଥିଲା। ଟେଣ୍ଡର ପ୍ରକ୍ରିୟାରୁ କାଉନ୍‌ସିଲରମାନଙ୍କୁ ଦୂରେଇ ରଖିବା ଯୋଗୁ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଥିଲା। ଏକାଧିକ କାଉନ୍‌ସିଲର ଏ ନେଇ ସ୍ପଷ୍ଟୀକରଣ ଦାବି କରିଥିଲେ। ଏହାର ଉତ୍ତରରେ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଆଇ.ଗୌରବ ଶିବାଜୀ କହିଥିଲେ, ମୌସୁମୀ ପୂର୍ବରୁ ଡ୍ରେନେଜ ସଫେଇ ଲାଗି ସରକାରଙ୍କ ନିର୍ଦ୍ଦେଶ କ୍ରମେ ସ୍ୱଳ୍ପ ସମୟରେ ଟେଣ୍ଡର କରାଯାଇଥିଲା। ଏଥିରେ କୌଣସି ଅନିୟମିତତା ହୋଇନାହିଁ। ସମ୍ପୃକ୍ତ ୱାର୍ଡର କାଉନସିଲର, ୱାର୍ଡ ଅଫିସର ଏବଂ କନିଷ୍ଠ ଯନ୍ତ୍ରୀଙ୍କ ବିନା ପ୍ରମାଣପତ୍ରରେ ଠିକାଦାରଙ୍କ ବିଲ୍ ପାସ୍ କରାଯିବ ନାହିଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ପ୍ରତି ୱାର୍ଡରୁ ଆବର୍ଜନା ଉଠାଇବା ପାଇଁ ୨୦୨୧ରେ ୬ଟି ବ୍ୟାଟେରି ଗାଡ଼ି ଆସିଥିଲା। ଗତ ଏକ ମାସ ହେବ ୪ଟି ଗାଡ଼ି ଅଚଳ ହୋଇପଡ଼ିଛି। ଫଳରେ ଲକ୍ଷାଧିକ ଟଙ୍କା ବ୍ୟୟରେ କିଣାଯାଇଥିବା ବ୍ୟାଟେରି ଗାଡ଼ି ଏବେ ଖତ ଖାଉଛି ବୋଲି ଅନେକ କାଉନସିଲର କହିଥିଲେ। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ, ବ୍ୟାଟେରି ଗାଡ଼ି ବ୍ୟବହାର ଲାଗି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ତାହାକୁ କେବଳ ମହିଳା ଚଳାଇବେ। ତେବେ ଗାଡ଼ି ଚଳାଇବାକୁ କେହି ମହିଳା ମିଳୁନାହାନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ବିଭିନ୍ନ ୱାର୍ଡରେ ଥିବା ଡ୍ରେନଗୁଡ଼ିକୁ ଦୀର୍ଘଦିନ ହେଲା ସଫା କରାଯାଇନାହିଁ। ଡ୍ରେନ୍ ପୋତି ହେବା ସହ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାକୁ ବୋହିଆସୁଛି। ଏବେ ବର୍ଷାଦିନରେ ଆହୁରି ଦୁରବସ୍ଥା ଭୋଗିବାକୁ ପଡ଼ିବ ବୋଲି ବହୁ କାଉନସିଲର ଅଭିଯୋଗ କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ ସଫା କାମ ଚାଲିଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ। ସେହିପରି ମୁକୁଳା ଡ୍ରେନ ଉପରେ ସ୍ଲାବ୍ ପକାଇବା ଏବଂ ଅଳିଆ ଉଠାଇବାକୁ ଜେସିବି ମେଶିନ କ୍ରୟ ଲାଗି କେତେଜଣ କାଉନସିଲର ପ୍ରସ୍ତାବ ଦେଇଥିଲେ। ସହରର ଏକାଧିକ ରାସ୍ତାକୁ ନେଇ ପିଡବ୍ଲ୍ୟୁଡି ଓ ପୌର ପ୍ରଶାସନ ମଧ୍ୟରେ ଛକାପଞ୍ଝା ଲାଗିରହିଛି। ଫଳରେ ଅନେକ ଅଞ୍ଚଳର ଡ୍ରେନ୍ ମରାମତି, ସଫେଇ କରାଯାଉନାହିଁ। ତୁରନ୍ତ ଆର୍‌ଆଇ, ଅମିନଙ୍କୁ ଧରି କେଉଁ ରାସ୍ତା କାହା ଅଧୀନରେ ରହିଛି, ଏହାର ନକ୍ସା ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ୱାର୍ଡରେ ବିଭିନ୍ନ ବିକାଶମୂଳକ ଯୋଜନା ନେଇ କାଉନସିଲରମାନେ ପ୍ରସ୍ତାବ ଦେଇଥିଲେ। କନିଷ୍ଠ ଯନ୍ତ୍ରୀ ପ୍ରସ୍ତାବିତ ଅଞ୍ଚଳ ବୁଲି ଏଷ୍ଟିମେଟ କରିବା ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପୌରାଧକ୍ଷା କହିଥିଲେ। ବରୁଣେଇ ସ୍ମାର୍ଟପାର୍କ, ଟିଏଲ୍‌ସି ରୋଡସ୍ଥିତ ଆଦର୍ଶ ଶ୍ମଶାନ ନିର୍ମାଣରେ ଶିଥିଳତା ନେଇ କାଉନସିଲରମାନେ ପ୍ରଶ୍ନ ଉଠାଇଥିଲେ। ଗତ ୨୦୨୧ ଡିସେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଏଯାବତ ସରିନାହିଁ ବୋଲି ସଦସ୍ୟମାନେ କହିଥିଲେ। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ, ସମ୍ପୃକ୍ତ ଠିକାଦାରମାନଙ୍କୁ ନୋଟିସ କରାଯାଇଛି। ସେମାନଙ୍କୁ ଦ୍ୱିତୀୟ ନୋଟିସ କରାଯିବ। ତୁରନ୍ତ କାମ ନ ହେଲେ ଟେଣ୍ଡର ବାତିଲ କରାଯାଇ ନୂତନ ଟେଣ୍ଡର ଡକାଯିବ ବୋଲି ସେ କହିଥିଲେ। ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ. ଗୌରବ ଶିବାଜୀ, ଉପାଧକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ ୨୨ କାଉନସିଲର ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। କାଉନସିଲରମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଖୋର୍ଦ୍ଧା ପୌରପରିଷଦ ବଦନାମ ହେଉଛି ବୋଲି ଜଣେ କାଉନସିଲର କହିଥିଲେ। ପୌର ପରିଷଦର ଆଭ୍ୟନ୍ତରୀଣ ପ୍ରସଙ୍ଗ ନେଇ ଗଣମାଧ୍ୟମରେ ଚର୍ଚ୍ଚା ନ କରିବାକୁ କାଉନସିଲର ମାନଙ୍କୁ ବିଧାୟକ, ଅଧକ୍ଷା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ପରାମର୍ଶ ଦେଇଥିଲେ।


ପୌରପାଳିକାର ସାଧାରଣ ବୈଠକରେ ଉପସ୍ଥିତ ବିଧାୟକ ଓ ପ୍ରଶାସନିକ ଅଧିକାରୀ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୬।୨୦୨୨

| | |
|---|---|
| ୭୩,୨୮୯ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୧.୬୫୦ ଗ୍ରାମ୍ |

# ଅଲାରନାଥଙ୍କ ପୀଠରେ ବଢୁଛି ଖିରି ଚାହିଦା

ବ୍ରହ୍ମଗିରି,୨୨।୬ (ଡି.ଏନ୍.ଏ.)



ମହାପ୍ରଭୁ ଜ୍ୱରରେ ପଡ଼ିଥିବା ବେଳେ ଅଣସରରେ ଠାକୁର ଭକ୍ତଙ୍କୁ ବ୍ରହ୍ମଗିରିସ୍ଥିତ ଅଲାରନାଥ ଭାବେ ଦର୍ଶନ ଦିଅନ୍ତି। ଏହି ସମୟରେ ମହାପ୍ରଭୁ ଅଲାରନାଥ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଏଥିସହ ଏଠାରେ ଅଲାରନାଥଙ୍କ ପ୍ରିୟ ଖିରିକୁ ଭୋଗ ଆକାରରେ ଲାଗି ହୋଇଥାଏ। ତେବେ ଭୋଗ ପରେ ଖିରିକୁ ଭକ୍ତମାନେ ମଧ୍ୟ ନିଅନ୍ତି। ଫଳରେ ଏହି ସମୟରେ ଖିରି ଭୋଗ ନେବା ପାଇଁ ଭକ୍ତଙ୍କ ମଧ୍ୟରେ ଚାହିଦା ବଢ଼ିବାରେ ଲାଗିଛି।

'ଆ ଅଲାର ଖା ଖିରି' ଉକ୍ତିଟି ଅଲାରନାଥ କ୍ଷେତ୍ରରେ ଲାଗିଥାଏ। ଏହି ଖିରି ଭୋଗର ପରମ୍ପରା କେଉଁ ଅନାଦି ଯୁଗରୁ ଚାଲିଆସିଛି। କପିଳ ସହିଂତାରେ ପ୍ରମାଣ ଦିଏ, ନୀଳମାଧବଙ୍କ ଅନ୍ତଃଧ୍ୟାନ ପରେ ବ୍ରହ୍ମଗିରି ନିକଟସ୍ଥ ଏକ ବ୍ରାହ୍ମଣ ପରିବାରରେ ଅବସ୍ଥାପନ କରିଥିଲେ। ସେତେବେଳେ ବ୍ରହ୍ମଗିରିରେ କୋମା ବ୍ରାହ୍ମଣମାନେ ବସବାସ କରୁଥିଲେ। ଉକ୍ତ ନାରାୟଣ ମୂର୍ତ୍ତିକୁ ଶ୍ରୀକେତନ ନାମକ ଏକ ଗରିବ ବ୍ରାହ୍ମଣ ପୂଜା କରୁଥାନ୍ତି। ସେ ଭିକ୍ଷାକରି ଚଳୁଥିବାରୁ ଠାକୁରଙ୍କୁ ଚାଉଳ ଖିରି ଭୋଗ କରନ୍ତି। ଏକଦା ବ୍ରାହ୍ମଣ ବିଦେଶ ଯିବା ସମୟରେ ତା'ର ୮ ବର୍ଷର ପୁଅ ମଧୁସୂଦନଙ୍କୁ ଠାକୁରଙ୍କ ପୂଜାରେ ନିୟୋଜିତ କରିଥିଲେ। ଛୋଟ ବାଳକଟି ତାଙ୍କ ମା' ରାନ୍ଧିଥିବା ଖିରି ନେଇ ମନ୍ଦିରକୁ ଯାଇ ପୂଜା ଜାଣି ନ ଥିବାରୁ ପାତ୍ରଟି ଠାକୁରଙ୍କ ନିକଟରେ ଥୋଇ 'ଆ ଠାକୁର ଖା ଖିରି, ବାପା ଯାଇଛନ୍ତି ବିଦେଶ କରି' ଉକ୍ତ ଉକ୍ତିଟି କହି ଦୁଆର ବନ୍ଦ କରିଦେଇଥିଲେ। କିଛି ସମୟ ପରେ ଦେଖନ୍ତି ଖିରି ପାତ୍ରଟି ସମ୍ପୂର୍ଣ୍ଣ ଖାଲି ହୋଇଯାଇଥାଏ। ଶ୍ରୀକେତନ ଫେରିବା ପରେ ଏହା କଥା ଜାଣି ବିଶ୍ୱାସ ଗ୍ରହଣ କରିପାରି ନଥିଲେ। ଉକ୍ତ ଘଟଣାଟିକୁ ପରଖିବା ପାଇଁ ପୂର୍ବଦିନ ପରି ପୁଅକୁ ପଠାଇ କବାଟ ଫାଙ୍କରେ ଲୁଚି ଦେଖୁଥିଲେ। ସେ ଯେତେବେଳେ ଦେଖିଲେ ଠାକୁର ଆସି ଖିରି ଖାଆନ୍ତି, ସଙ୍ଗେ ସଙ୍ଗେ ଦୁଆର ଖୋଲି ଦେବା ବେଳେ ଠାକୁର ନିଜ ସ୍ଥାନକୁ ଫେରିବା ସମୟରେ ଗରମ ଖିରି ପଡି ତାଙ୍କ ଶରୀର ଫୋଟକା ହୋଇଥିଲା। ଏବେ ମଧ୍ୟ ଠାକୁରଙ୍କ ବିଗ୍ରହରେ ଫୋଟକା ଚିହ୍ନ ଦେଖିବାକୁ ମିଳେ। ସେହିଦିନଠାରୁ ଅଲାରନାଥଙ୍କ ପ୍ରିୟ ପ୍ରସାଦ ଖିରି ଭୋଗ। ଏହି ଅଣସର ସମୟରେ ଓଡ଼ିଶାର କୋଣ ଅନୁକୋଣରୁ ହଜାର ହଜାର ଭକ୍ତ ଖିରି ପ୍ରସାଦ ପାଇଁ ଆସିଥାନ୍ତି। ପ୍ରସାଦ ମନ୍ଦିରର ରୋଷଶାଳାରେ ସେବାୟତମାନେ ପ୍ରସ୍ତୁତ କରନ୍ତି। ପରେ ଏହାକୁ ମାଟିପାତ୍ରରେ ଭର୍ତ୍ତି କରି ଓଳି ପିଛା ୨୦ ଟଙ୍କାରୁ ଊର୍ଦ୍ଧ୍ୱ ଦରରେ ବିକ୍ରି କରନ୍ତି।

## ରଥଖଳାରୁ

# ୧୨ ଦୁଆର ବେଢ଼ା ତିଆରି ସରିଲା



ପୁରୀ ଅଫିସ, ୨୨।୬

### ଶେଷ ପର୍ଯ୍ୟାୟରେ ପ୍ରଭା ନିର୍ମାଣ

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋର୍‌ରେ ଆଗେଇ ଚାଲିଛି। ତିନିରଥର ଖପୁରି ସମେତ ପାରାଭାଡ଼ିକୁ ମିଶାଇ ତେର ପରସ୍ତ ପୋଟଳ ସେଟିଂ ଶେଷ ହୋଇଥିବା ବେଳେ ବୁଧବାର ତିନିରଥର ପୋଟଳ ତଳକୁ ୪ଟି ଲେଖାଏ ରକ୍ଷିପଟା ସେଟିଂ ହୋଇଛି। ତିନିରଥର ବେଦି ପଛ ଭାଗରେ ପଟାବାଡ଼ିଆ ପରେ ସମ୍ମୁଖ ଭାଗରେ ପଟାବାଡ଼ିଆ ସରିବା ସହ ରଥ ଦକ୍ଷିଣ ପାର୍ଶ୍ୱ ଏବଂ ବାମ ପାର୍ଶ୍ୱରେ ପଟା ପଡ଼ିବା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ୪ଟି ଲେଖାଏ ୧୨ଟି ଦୁଆରବେଢ଼ା ନିର୍ମାଣ ସରିବା ପରେ ସେଗୁଡ଼ିକରେ ପ୍ରାଇମର ଦିଆଯାଇ ଚିତ୍ରକାରଙ୍କ ଦ୍ୱାରା ଚିତ୍ର ଅଙ୍କନ ଚାଲିଛି। ତିନିରଥର ପ୍ରଭା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଭାଫ୍ରେମରେ ପଟାବାଡ଼ିଆ ପରେ ବାଙ୍କ ପଡ଼ି ରୂପ ଖୋଦେଇ ପଟା ସେଟିଙ୍ଗ ହୋଇଛି। ରୂପକାର ସେବକମାନେ ତିନିରଥର ଶେଷ ୩ଟି ନାଟଗୋଡ଼ର ରୂପ ଖୋଦେଇରେ ଶେଷ ସ୍ପର୍ଶ ଦେଉଛନ୍ତି। ଚିତ୍ରକର ସେବକମାନେ ଦୁଆର ବେଢ଼ାରେ ଚିତ୍ର କରିବା ସହ ରଥ ପାର୍ଶ୍ୱ ଦେବଦେବୀ, ନାଟଗୋଡ଼, ଓଲଟ ଶୁଆ, ସଖୀ ଆଦିରେ ରଙ୍ଗ ଦେଉଛନ୍ତି। ଗୁଜ ଓ ପଟାଗୁଜଗୁଡ଼ିକରେ ଖୋଦେଇ, ରୂପରେ ଚିତ୍ର ଅଙ୍କନ କରୁଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟର ଉପର ପ୍ରକୋଷ୍ଠରେ ୧୭ଜଣ ଦରଜି ସେବକ ବୁଧବାର ସୁଦ୍ଧା ତିନିରଥର କନା କଟିଂ ସାରି ଦୁଆର ବେଢ଼ା ପାଇଁ କନା କଟିଂ ସହ ସିଲଭର ଲେସ ଫିଟିଂ ଓ ଚନ୍ଦ୍ରଶାଳୀରେ ଫୁଲ ପକା କାମ ଶେଷ କରିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ପ୍ରତି ଦୁଆରବେଢ଼ା ପାଇଁ ୧୧ଟି ଲେଖାଏ ମୋଟ ୧୩୨ଟି କଣ୍ଟା ନିର୍ମାଣ ସାରି ଜଗତ ପୃଷ୍ଠ ଶେଣୀ କଣ୍ଟା, ସିଂହାସନ କଣ୍ଟା ଏବଂ ସିଂହାସନ ଗୁଣ୍ଠି କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ବାଳାଶ୍ରମରେ ଜନ୍ମଦିନ ପାଳିଲେ ପିପିଲି ବିଧାୟକ

**କଣାସ,୨୨।୬(ସ୍ୱ.ପ୍ର.):** ନବନିର୍ବାଚିତ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ମଙ୍ଗଳବାର ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳିଛନ୍ତି। ମହାରଥୀ ତାଙ୍କ ୩୪ତମ ଜନ୍ମ ଦିବସରେ କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ସ୍ତ୍ରୀ ଜାଗୃତି ପଣ୍ଡା ମହାରଥୀଙ୍କ ସହ ପହଞ୍ଚି ବାଳାଶ୍ରମର ଛୋଟପିଲାଙ୍କ ସହ ଖୁସି ବାଣ୍ଟିଥିଲେ। ସେଠାରେ କେକ୍ କାଟି ପିଲାମାନଙ୍କୁ ଖୁଆଇଥିଲେ। ଏଥିସହ ଅନୁଷ୍ଠାନ ପରିସରରେ ଥିବା ବାଳାଶ୍ରମ, ଶିଶୁଗୃହ, ଜରାନିବାସ, ଉଜ୍ଜ୍ୱଳା, ସ୍ୱାଧାର, ମାନସିକ ଅନଗ୍ରସର, ଅନ୍ଧ, ମୂକ, ବଧିର ଏକ ହଜାରରୁ ଊର୍ଦ୍ଧ୍ୱ ଅନ୍ତେବାସୀମାନଙ୍କୁ ରନ୍ଧାଖାଦ୍ୟ ଦେଇଥିଲେ। ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ(ଦିଲୁ), ଡେଲାଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷା ଦୁର୍ବାଶା ନିଶଙ୍କ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ବୈରାଗୀ ଜେନା ଏବଂ କେତେକ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ମା' ପଞ୍ଚମୁଖୀଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ ଉଦ୍‌ଯାପିତ

**କଣାସ,୨୨।୬(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମପଞ୍ଚାୟତର ଆରାଧ୍ୟା ଠାକୁରାଣୀ ମା' ପଞ୍ଚମୁଖୀଙ୍କ ପୀଠରେ ଚାଲିଥିବା ୪ଦିନ ଧରି ୪ର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞରେ ୪ ଦିନ ଧରି ଶୁଭାଧିବାସ, ଅଙ୍କୁରାରୋପଣ, ଜଳଯାତ୍ରା, ସୂର୍ଯ୍ୟପୂଜା, ଚଣ୍ଡୀପୂଜା, ଆହୁତିପ୍ରଦାନ, ଚଣ୍ଡୀ ଆହୁତି, ଗୋଧୂଳି ଲଗ୍ନ ପୂଜା ଏବଂ ପୂର୍ଣ୍ଣାହୁତି କାର୍ଯ୍ୟ କରାଯାଇଥିଲା। ବଡାସ ଗ୍ରାମବାସୀ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

### ଯୋଗ ମନ, ଶରୀରକୁ ଶାନ୍ତି ଦିଏ

**ସାକ୍ଷୀଗୋପାଳ/ ଡେଲାଙ୍ଗ,୨୨।୬ (ଡି.ଏନ.ଏ):** ସ୍ଥାନୀୟ ଅଲଗୁମ ଶ୍ରୀଗତିଶ୍ୱର ଦେବଙ୍କ ପୀଠରେ ଜନାର୍ଦ୍ଦନ ପାଠାଗାର ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଛି। ଏଥିରେ ପାଠାଗାର ସଭାପତି ଡ. ଯୋଗେନ୍ଦ୍ର ନାୟକ, ସମ୍ପାଦକ ପ୍ରଶାନ୍ତ ବିଶ୍ୱାଳ, ରବୀନ୍ଦ୍ର ସାହୁ, ବିଜୟ ପ୍ରଧାନ ଓ ସଚୀକାନ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ। ଯୋଗ କରିବା ଦାରା ମାନବ ଶରୀରରେ ମନ ଓ ଆତ୍ମାକୁ ଶାନ୍ତି ଦେଇଥାଏ। ଏଥିସହ ଶରୀର, ମନ ଓ ମସ୍ତିଷ୍କକୁ ସକାରାତ୍ମକ ଦିଗରେ ନିୟନ୍ତ୍ରଣ କରୁଥିବା ଯୋଗ ଦିବସର ମୂଳ ଲକ୍ଷ୍ୟ ବୋଲି ସଭ୍ୟମାନେ ମତ ରଖିଥିଲେ। ଅଲଗୁମ ସରସ୍ୱତୀ ଶିଶୁ ମନ୍ଦିର, ସତ୍ୟବାଦୀ ଉଚ୍ଚବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ସେହିପରି ରଘୁନାଥପୁରର ଦଶଭୁଜା ଗୋଟିପୁଅ ଓଡିଶୀ ନୃତ୍ୟ ପରିଷଦରେ ନୃତ୍ୟଶିଳ୍ପୀମାନେ ଯୋଗାଭ୍ୟାସ ପ୍ରଦର୍ଶନ କରିଥିଲେ। ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରର ସାଂସ୍କୃତିକ ଅଧିକାରୀ ଅମର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସେହିପରି ଡେଲାଙ୍ଗର କଲ୍ୟାଣପୁରସ୍ଥିତ ପ୍ରଦୀପ ମହାରଥୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଯୋଗ ଶିବିର ହୋଇଯାଇଛି। ଶିବିରରେ ପରିଚାଳନା କମିଟି ସଭ୍ୟ ପ୍ରଦୀପ୍ତ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମନ୍ତରାୟ, ସସ୍ମିତା ପରିଡା, ଭାଗୀରଥି ସାହୁ, ଗୀତାଞ୍ଜଳି ପ୍ରଧାନ, ସ୍ୱର୍ଣ୍ଣଲତା ଦେଇ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଯୋଗ ଶିକ୍ଷାଦେଇଥିଲେ। ସେହିପରି ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସମ୍ପାଦକ କିଶୋର ପ୍ରଧାନଙ୍କ ନେତୃତ୍ୱରେ କୁନି ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ଦିଆଯାଇଥିଲା। ଗୁରୁଜି ନବକିଶୋର ମହାପାତ୍ର, ସର୍ବେଶ୍ୱର ବାରିକ, ଗୁରୁମା ମମତା ସାହୁ, ସଂଯୁକ୍ତା ପରିଡା, ହରପ୍ରିୟା ରାୟ, ପ୍ରଭାତି ମଙ୍ଗରାଜ, ଟୁକୁନି ମହାପାତ୍ର, ବିଜୟଲକ୍ଷ୍ମୀ ନାୟକ ସହଯୋଗ କରିଥିଲେ।



'ଅଗ୍ନିପଥ'କୁ ବିରୋଧ କରି ସିପିଆଇଏମ୍ ପକ୍ଷରୁ ବୁଧବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଠିକ୍ ମାର୍ଗ ଦର୍ଶନ ଦ୍ୱାରା ଶିଶୁ ଉତ୍ତମ ନାଗରିକ ହେବେ

ଡେଲାଙ୍ଗ,୨୨।୬ (ଡି.ଏନ୍.ଏ.)

କଣାସ ବ୍ଲକ ଅନ୍ତର୍ଗତ ଗଡସାହି ବରୁଣ ନଗର ମାତୃ ବିହାରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ ସୋମବାରଠାରୁ ୨ଦିନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଅକ୍ଷୟ ରାୟସିଂଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଡ. ପ୍ରଦୀପ ମିଶ୍ର, ଅଧ୍ୟାପକ ଗଙ୍ଗାଧର ମହାପାତ୍ର, ଶିକ୍ଷକ ବିଜୟ ପରିଡ଼ା, ଜୋନ୍ ଆବାହକ ସୁକାନ୍ତ ଜେନା, ସ୍ଥାନୀୟ ସରପଞ୍ଚ ବିଭୂତିଭୂଷଣ ଦେବର୍ତ୍ତ, ବ୍ଲକ ସଂଯୋଜକ ଦିଲ୍ଲୀପ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଶିଶୁଙ୍କୁ ଭଲ ମଣିଷ କରି ଗଢି ତୋଳିବା ମାତା, ପିତା ଓ ଗୁରୁଙ୍କର ପ୍ରଥମ ଦାୟିତ୍ୱ। ଶିଶୁଙ୍କୁ ଠିକ୍ ମାର୍ଗ ଦର୍ଶକ ପ୍ରଦାନ କରାଗଲେ ସେ ଭଲ ମଣିଷଟିଏ ହୋଇପାରିବେ। ଶିଶୁଙ୍କୁ ଭଲ କଥା ଶିକ୍ଷା ଦେବା ସହିତ ସତ୍ୟନିଷ୍ଠ, ଧୈର୍ଯ୍ୟଶୀଳ, ସାହସୀ, ନମ୍ର ଓ ସହନଶୀଳତା ଆଦି ସମ୍ପର୍କରେ ଶିକ୍ଷା ପ୍ରଦାନ କରାଗଲେ ଶିଶୁ ଉତ୍ତମ ନାଗରିକ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।

# ଅଧାପାଠୁଆ ହେବେ ସ୍ୱାବଲମ୍ବୀ, ସଚେତନ କରିବେ ଏମ୍‌ବିକେ

ଗୋପ,୨୨।୬ (ଡି.ଏନ୍.ଏ.)

ଗୋପ ବ୍ଲକର ୩୧ ଗୋଟି ପଞ୍ଚାୟତରେ ପଞ୍ଚାୟତ ମହିଳା ମହାସଂଘ ସହିତ ମହିଳା ବୁକ୍ କିପର୍ (ଏମ୍‌ବିକେ)ମାନେ ବୁଲି ଅଧାପାଠୁଆ ଯୁବତୀ ଯୁବକଙ୍କୁ ସ୍ୱାବଲମ୍ବୀ କରିବେ। ଏନେଇ ମହିଳା ମହାସଂଘ ସଭାପତି ମୀନାକ୍ଷୀ ପୃଷ୍ଟି କହିଛନ୍ତି। ସୂଚନା ମୁତାବକ, ରାଜ୍ୟ ସରକାର ଦୀର୍ଘ ୭ ବର୍ଷ ଧରି ଗ୍ରାମାଞ୍ଚଳରେ ଥିବା ଯୁବତୀ ଯୁବକମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଓ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ତେବେ ଗୋପ ବ୍ଲକର ଅଧିକାଂଶ ପଞ୍ଚାୟତରେ ଶତାଧିକ ଯୁବତୀ ଯୁବକ ମାଗଣା ଟ୍ରେନିଂ ନେଇ ବିଭିନ୍ନ ସରକାରୀ ସଂସ୍ଥା ଓ ବେସରକାରୀ ସଂସ୍ଥାରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ହେଲେ ଏବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଏହାକୁ ଅଧିକ ମାତ୍ରାରେ କ୍ରିୟାଶୀଳ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗୋପ ବ୍ଲକ ଓଡ଼ିଶା ଜୀବିକା ମିଶନ ଓ ଗୋପ ବ୍ଲକ ମହିଳା ମହାସଂଘର ମିଳିତ ଆନୁକୂଲ୍ୟରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଓଡ଼ିଶା ଜୀବିକା ମିଶନ ଅଧିକାରିଣୀ ଦୀପାଳି ଛାଟୋଇ, ରୁବିଲତା ଓଝା, ଚିନ୍ମୟ କୋଠାରୀ, ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟିଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇ କିପରି ଗାଁଗୁଡିକରେ ଥିବା ଶିକ୍ଷିତ ଅଶିକ୍ଷିତ ଯୁବତୀ ଯୁବକମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିବା ସହ ପରିବାର ଭରଣପୋଷଣ କରିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ବ୍ଲକରେ ଥିବା ୩୦ଟି ପଞ୍ଚାୟତ ମହିଳା ସଂଘ ସଭାପତିଙ୍କ ସହିତ ୨୮ଜଣ ଏମ୍‌ବିକେ ପ୍ରତ୍ୟେକ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲି ଶିକ୍ଷିତ ଅଶିକ୍ଷିତ ଯୁବତୀ ଯୁବକମାନଙ୍କୁ ସ୍ୱାବଲମ୍ବୀ କରିବା ଲାଗି ସଚେତନତା ସୃଷ୍ଟି କରିବେ ବୋଲି ନିଷ୍ପତ୍ତି ନିଆଯାଇଛି।

# ସମବାୟ ସମିତି ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ବିଜୟ

ପୁରୀ ଅଫିସ, ୨୨।୬

### ପ୍ରଥମ ପର୍ଯ୍ୟାୟ ଭୋଟ

ସମବାୟ ସମିତି ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ବିଜେଡି ସମର୍ଥିତ ପ୍ରାର୍ଥୀମାନଙ୍କର ବିଜୟ ହୋଇଥିବା ନେଇ ବିଜେଡି ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ସୂଚନା ପ୍ରଦାନ କରିଛନ୍ତି। ନିର୍ବାଚନ ହୋଇଥିବା ୭ଟି ସମବାୟ ସମିତିରୁ ୭ଟି ଯାକ ବିଜେଡି ଦାଖଲ କରିଛି। ପୁରୀ ସଦର ବ୍ଲକର ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମଙ୍ଗରା, ବୀରହରେକୃଷ୍ଣପୁର, ବାଲିପଡ଼ା, ସମଙ୍ଗ ପ୍ରଥମ ପର୍ଯ୍ୟାୟ ପ୍ରାଥମିକ ସମବାୟ ସମିତି ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ସମସ୍ତ ଆସନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଗଡ଼ମୃଗଶିରା ସମବାୟ ସମିତି ସମୁଦାୟ ୧୦ଟି ଆସନରୁ ୭ଟିରେ ସମର୍ଥିତ ପ୍ରାର୍ଥୀ ବିଜୟଲାଭ କରିଛନ୍ତି। ସେହିପରି ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକର ଛଇତନା ଓ ସମ୍ମିଳିତ ପାଇକପଡ଼ା ଗଡ଼ଭିଙ୍ଗୁରା ପ୍ରଥମ ପର୍ଯ୍ୟାୟ ପ୍ରାଥମିକ ସମବାୟ ସମିତି ନିର୍ବାଚନରେ ସମସ୍ତ ଆସନରେ ବିଜୁ ଜନତା ଦଳର ସମର୍ଥିତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ମହାନ୍ତି ସୂଚନା ଦେଇଛନ୍ତି।

# ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜବରଦଖଲ ଉଚ୍ଛେଦ

ଗୋପ,୨୨।୬ (ଡି.ଏନ୍.ଏ.)



ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୋପ ତହସିଲ ଅଧୀନ ଡଭାର ଗ୍ରାମର ୱାର୍ଡ ସଭ୍ୟ ଅଜୟ ସେଠୀଙ୍କ ଘରକୁ ବୁଧବାର ତହସିଲ ପକ୍ଷରୁ ଡ୍ରୋଜର ଲଗାଇ ଭାଙ୍ଗି ଦିଆଯାଇଛି। ସୂଚନା ମୁତାବକ, ଗତ ଖଣ୍ଡସାହି ରାଜସ୍ୱ ନିରୀକ୍ଷକ ସର୍କଲର ଡଭାର ଗ୍ରାମର ଅଜୟ ସେଠୀ ଗ୍ରାମ ମୁଣ୍ଡରେ ଥିବା ଏକ ସରକାରୀ ଜମିରେ ଦୀର୍ଘ ଦିନ ଧରି ଗୃହ ନିର୍ମାଣ କରି ପରିବାର ସହ ରହୁଥିଲେ। ତାଙ୍କ ସମ୍ପର୍କୀୟ ଭାଇ ପ୍ରକାଶ ସେଠୀ ମଧ୍ୟ ନିକଟରେ ରହୁଥିଲେ। ଗୋଟିଏ ଯିବାଆସିବା ବାଟକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବାଦ ବିବାଦ ଦେଖା ଦେଇଥିଲା। ଗ୍ରାମ କମିଟି ଓ ଗୋପ ପୋଲିସ ପକ୍ଷରୁ ଏ ସମସ୍ୟା ନେଇ ସମାଧାନ ଉଦ୍ୟମ କରୁଥିଲେ ମଧ୍ୟ ଉଭୟ କିଛି ଶୁଣି ନ ଥିଲେ। ପରେ ପ୍ରକାଶ ହାଇକୋର୍ଟରେ ଏକ ରିଟ୍ ପିଟିଶନ୍ ମାମଲା ରୁଜୁ କରିଥିଲେ। ଏହି ମାମଲାକୁ ନେଇ ହାଇକୋର୍ଟ ତୁରନ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୋପ ତହସିଲଦାର ଏସ୍‌କେ ସାର୍ଗି, ଅତିରିକ୍ତ ତହସିଲଦାର ଶରତ ପରିଡ଼ାଙ୍କ ସମେତ ଗୋପ ପୋଲିସ ଡଭାର ଗ୍ରାମରେ ପହଞ୍ଚି ଡୋଜର ଲଗାଇ ସରକାରୀ ଜମିରେ ଜବରଦଖଲ ଘରକୁ ଉଚ୍ଛେଦ କରିଥିଲେ।

# ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଜିଲାସ୍ତରୀୟ କ୍ୟାମ୍ପୋରି

ପୁରୀ ଅଫିସ, ୨୨।୬

ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ଲୋକନାଥ୍‌ରୋଡସ୍ଥିତ ସାରସ୍ୱତ ବିଦ୍ୟା ନିକେତନରେ ଆୟୋଜିତ ୨୧ତମ ପୁରୀ ଜିଲାସ୍ତରୀୟ କ୍ୟାମ୍ପୋରିର ୨ୟ ଦିବସରେ କ୍ୟାଡେଟମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଭିଲେଜ ଫେୟାର ସହ ବିଭିନ୍ନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ପ୍ରଦୀପର ମୁଖ୍ୟ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ଅତିଥି ଭାବେ ଯୋଗ ଦେଇଥିଲେ। ଜିଲଶ ଶିକ୍ଷାଧିକାରୀ ତଥା ଶିବିରର ମୁଖ୍ୟ ବିଶ୍ୱଜିତ ଘୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାରେ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ମୁଖ୍ୟଅତିଥି, ଭାରତ ସ୍କାଉଟ ଓ ଗାଇଡସର ଜିଲା ଉପସଭାପତି ରମେଶ ଚନ୍ଦ୍ର ବଳିଆରସିଂ ଏବଂ ରେଣୁକା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କ୍ୟାଡେଟମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଗୋପ,୨୨।୬ (ଡି.ଏନ୍.ଏ.)

### ଶବ ଶୋଭାଯାତ୍ରାରେ ସାମିଲ ହେଲେ ଗଣଶିକ୍ଷାମନ୍ତ୍ରୀ

ଗୋପ ବ୍ଲକ ଅନ୍ତର୍ଗତ ବନ୍ତଳି ଗ୍ରାମରେ ଜଣେ ବୃଦ୍ଧଙ୍କ ଶବ ଶୋଭାଯାତ୍ରାରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସାମିଲ ହେବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ମନ୍ତ୍ରୀଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ମନ୍ତ୍ରୀଙ୍କ ଏପରି ମହନୀୟତାକୁ ନେଇ ସାଧାରଣ ଲୋକେ ପ୍ରଶଂସା କରୁଥିବା ଆଲୋଚନା ହେଉଛି। ସୂଚନା ମୁତାବକ, ବନ୍ତଳି ଗ୍ରାମପଞ୍ଚାୟତ ବିଜିପୁର ଗ୍ରାମର ନୀଳକଣ୍ଠ ପ୍ରଧାନ (୬୫) ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲେ। ପରିବାର ସଦସ୍ୟ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ପୋଖରୀ କୂଳରେ ମୃତଦେହ ଓ ତାଙ୍କ ଚପଲ ଭାସୁଥିବା ଗ୍ରାମବାସୀଙ୍କଠୁ ଖବରପାଇ ନୀଳକଣ୍ଠଙ୍କ ମୃତଦେହକୁ ଘରକୁ ଆଣିଥିଲେ। ଗ୍ରାମବାସୀ ତାଙ୍କୁ ଗାଁ ଶ୍ମଶାନକୁ ନେବା ସମୟରେ ମନ୍ତ୍ରୀ ଦାଶ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେଠାରେ ବୃଦ୍ଧଙ୍କ ପୁଅ ମୁଖାଗ୍ନି ଦେବା ସହ ତାଙ୍କର ଶେଷକୃତ୍ୟ ସମ୍ପାଦନ କରାଯାଇଥିଲା। ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପଚାରିବାରେ ନୀଳକଣ୍ଠ ଆମ ଅଞ୍ଚଳର ପରୋପକାରୀ ମଣିଷ ଥିଲେ। ସେ ଭଲ କାମ କରୁଥିବା ମନ୍ତ୍ରୀ କହିଥିଲେ।

# ଏସ୍‌ସିଏସ୍ କଲେଜ ୧୯୮୮ ଯୁକ୍ତ୩ ବାଣିଜ୍ୟ ବିଭାଗର ବନ୍ଧୁମିଳନ



ଭୁବନେଶ୍ୱର, ୨୨।୬ (ବ୍ୟୁରୋ)

ସାମନ୍ତ ଚନ୍ଦ୍ର ଶେଖର (ଏସ୍‌ସିଏସ୍) କଲେଜର ୧୯୮୮ ଯୁକ୍ତ ୩ ବାଣିଜ୍ୟ ବିଭାଗ ପ୍ରଥମ ବ୍ୟାଚ୍‌ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ପୁରୀର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଡ. ମହେନ୍ଦ୍ର କୁମାର ମିଶ୍ରଙ୍କ ଉପସ୍ଥିତିରେ ପ୍ରଦୀପ୍ତ କୁମାର ମହାନ୍ତି ଓ ଅଶୋକ କୁମାର ବେହେରାଙ୍କ ସମେତ ଅନ୍ୟ ବନ୍ଧୁମାନେ ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ମନୋରଞ୍ଜନ ପଟ୍ଟନାୟକଙ୍କ ପୌରୋହିତରେ ଅନୁଷ୍ଠିତ ସଭାରେ ଅତୀତ ସ୍ମୃତିକୁ ରୋମନ୍ଥନ କରାଯାଇଥିଲା। 'ମୋ କଲେଜ' ଅଭିଯାନରେ ସାମିଲ ହୋଇ ମହାବିଦ୍ୟାଳୟର ସାମଗ୍ରିକ ବିକାଶରେ ସହଯୋଗ କରିବା ପାଇଁ ସମସ୍ତେ ସହମତି ପ୍ରକାଶ କରିଥିଲେ। ପୁରାତନ ଛାତ୍ରଙ୍କ ଏପରି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଡ. ମିଶ୍ର ପ୍ରଶଂସା କରିଥିଲେ।

# ରଥଯାତ୍ରାରେ ଭୋଇସେବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ ଅଫିସ, ୨୨।୬



ରଥର ଦୁଆରବେଢ଼ାକୁ ଭୋଇ ସେବକମାନେ ବୋହି ନେଉଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଯାତ୍ରା ଓ ଦୈନନ୍ଦିନ ନୀତିକାନ୍ତି ସମ୍ପାଦନ ପାଇଁ ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ପ୍ରାୟ ୧୧୯ ପ୍ରକାର ସେବକ ନିୟୋଜିତ ହୋଇଥାନ୍ତି। ଏମାନଙ୍କ ମଧ୍ୟରୁ ଭୋଇ ସେବକ ଅନ୍ୟତମ। ଭୋଇ ସେବକମାନେ ପ୍ରତିବର୍ଷ ଦୋଳ ପୂର୍ଣ୍ଣମାଠାରୁ ରଥଭଙ୍ଗା ପର୍ଯ୍ୟନ୍ତ ସେବା କରିଥାନ୍ତି। ଭୋଇସେବା ଏକ ଗୋଷ୍ଠୀଗତ ସେବା। ଭୋଇ ସେବକଙ୍କ ମଧ୍ୟରେ ଜଣେ ସର୍ଦ୍ଦାର ରହିଥାନ୍ତି। ତାଙ୍କ ନିର୍ଦ୍ଦେଶ କ୍ରମେ ଭୋଇ ସେବକମାନେ କାର୍ଯ୍ୟ କରିଥାନ୍ତି। ଦୋଳପୂର୍ଣ୍ଣମାରେ ଦୋଳବେଦୀ ମଣ୍ଡପରେ ଭୋଇସେବକମାନେ ଚାନ୍ଦୁଆ ବାନ୍ଧିଥାନ୍ତି। କାଳୀୟଦଳନ ନୀତି ଲାଗି ମାର୍କଣ୍ଡ ପୋଖରୀରେ ଭାଡ଼ି ତିଆରି କରନ୍ତି। ଘୋଷଯାତ୍ରାରେ ଭୋଇସେବକଙ୍କ ବିଶେଷ ଗୁରୁତ୍ୱ ରହିଛି। ସେମାନେ ରଥଖଳା, ରଥଚାଳି, ଚନ୍ଦନ ଚକଡ଼ା ଚାଳି ଏବଂ ବାହାର ଚନ୍ଦନ ଯାତ୍ରା ପୂର୍ବରୁ ବଡ଼ଦାଣ୍ଡରେ ପନ୍ତି ଛାମୁଡ଼ିଆ ତିଆରି କରିଥାନ୍ତି। ଚନ୍ଦନ ଯାତ୍ରାରେ ନନ୍ଦା ଓ ଭଦ୍ରା ନାମକ ଚାପଡ଼ଙ୍ଗାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଏବଂ ପଞ୍ଚମହାଦେବ ବସି ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିଥାନ୍ତି। ଏହି ଡଙ୍ଗା ଦୁଇଟି ନରେନ୍ଦ୍ର ପୁଷ୍କରିଣୀରେ ବର୍ଷ ସାରା ବୁଡ଼ି ରହିଥାଏ। ଚୈତ୍ର ପୂର୍ଣ୍ଣିମା ଦିନ ଭୋଇ ସେବକମାନେ ପାଣିରୁ ଏହି ନୌକା କାଢ଼ିଥାନ୍ତି। ଚାପଡଙ୍ଗା ନିର୍ମାଣରେ ସହଯୋଗ କରିଥାନ୍ତି। ବାହାର ଚନ୍ଦନଯାତ୍ରା ସରିବା ପରେ ଡଙ୍ଗା ଦୁଇଟିକୁ ପୁଣି ପୁଷ୍କରିଣୀରେ ବୁଡ଼ାଇ ଦେଇଥାନ୍ତି। ରଥଖଳାରେ ମହାରଣା ସେବକଙ୍କୁ କାଠ ଯୋଗାଇ ଥାନ୍ତି। ସିଙ୍ଗଡ଼ା ବାଡ଼ିଆ, ଦଣ୍ଡାଫ୍ରେମ୍ ପକାଇବା, ଚାରିନାହାକା, ପାରାଭାଡ଼ି, ଭୂଇଁ, ପୋଟଳ, ନାଟଗୋଡ଼ ଓ ବେଢ଼ା ପ୍ରଭୃତି ରଥ ଉପରକୁ ଉଠାଇଥାନ୍ତି। ଘୋଷଯାତ୍ରା ଦିନ ରଥରେ ଚାରମାଳ ବାନ୍ଧିବା, ଘୋଡ଼ା ଯୋଖା, ରଥକୁ ସାରଥିଙ୍କୁ ନେବା ସହ ରଥମୋଡ଼ରେ ସହଯୋଗ କରିଥାନ୍ତି। ସେହିପରି ବାହୁଡ଼ା ଯାତ୍ରାରେ ସେବା ଯୋଗାଇଥାନ୍ତି। ରଥ ନିର୍ମାଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ୯ଟି ହରିବୋଲ ପକାଇଥାନ୍ତି। ରଥ ଉପରି ଭାଗ କାମ ଆରମ୍ଭ ପୂର୍ବରୁ ରଥଖଳା ନିକଟସ୍ଥ ମା' ଚର୍ଚ୍ଚିକାଙ୍କ ନିକଟରେ ଆମିଷ ରୋଷେଇ ଏବଂ କାମ ସରିବା ପରେ ମା' ହରଚଣ୍ଡୀ ଓ ରଥ ଭଙ୍ଗା ପରେ ମା' ରାମଚଣ୍ଡୀଙ୍କ ନିକଟରେ ବୋଦା ବଳି ଦିଆଯିବାର ପରମ୍ପରା ରହିଛି। ଚଳିତ ବର୍ଷ ତିନିରଥ ନିର୍ମାଣରେ ୭୭ଜଣ ଭୋଇ ସେବକ ନିୟୋଜିତ ଥିବା ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଖେଇ ଓ ଖୋରାକି ଦିଆଯାଇଥାଏ। ମହାପ୍ରଭୁଙ୍କ ସେବା କରି ସେମାନେ ଭାଗ୍ୟବାନ ବୋଲି ରବି କହିଛନ୍ତି।